
ପ୍ରଚ୍ଛଦ : ଜିତେନ୍ଦ୍ର ଦାସ, ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ହୁମା, ଗଞ୍ଜାମ

# ସାରଗି ଫୁଲ



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ଶୀତ-୨୦୧୫
କିଶୋର ସୃଜନର ସଂଗ୍ରହ



ସଂପାଦକ
**ଅଖିଳ ବିହାରୀ ଓତା**

ସହ ସଂପାଦକ
**ପରମାନନ୍ଦ ପଟେଲ୍**


## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ଶୀତ - ୨୦୧୫

ସଂପାଦକ : **ଅଖିଳ ବିହାରୀ ଓତା**

ସହ ସଂପାଦକ : **ପରମାନନ୍ଦ ପଟେଲ**

ସଦସ୍ୟ ସଚିବ,
© ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ :
କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି
ବି-୫୧, ଶହୀଦନଗର, ଭୁବନେଶ୍ୱର

# ସଂପାଦକଙ୍କ କଲମରୁ

ସୃଜନୀ କଳାର ବିକାଶ ଚିନ୍ତନରେ କେଉଁ ଅଜଣା କନ୍ଦରରୁ ସେଦିନ "ସର୍‌ଗିଫୁଲ୍"ର ନାଁ ଝରି ଆସିଥିଲା । କିଶୋର ସୃଜନର ସଂଗ୍ରହକୁ "ସର୍‌ଗିଫୁଲ୍" ମାଧ୍ୟମରେ ସଙ୍କଳିତ କରି ରଖିବାର ଯେଉଁ ଧାରା ସୃଷ୍ଟି ହୋଇଥିଲା ; ଆଜି ତାହା ମହାଦ୍ରୁମ ହେବାରେ ଲାଗିଛି । 'ସର୍‌ଗିଫୁଲ୍' ଖାଲି କିଶୋର ସୃଜନର ସଂଗ୍ରହ ହୋଇ ରହିନାହିଁ "କିଶୋର ଦକ୍ଷତାର ଚାବିକାଠି" ହିସାବରେ ପ୍ରତିବର୍ଷ ସର୍‌ଗିଫୁଲ୍ ଉତ୍ସବ ମାଧ୍ୟମରେ ଶାଖା ପ୍ରଶାଖା ମେଲାଇ ଚାଲିଛି ।

ପ୍ରଥମରୁ ଆମର ଇଚ୍ଛାଥିଲା ; ପିଲାମାନେ ସଙ୍ଗୀତ ପ୍ରିୟ, କାହାଣୀ ପ୍ରିୟ, ଖେଳ ପ୍ରିୟ । ତେଣୁ ତାଙ୍କ ପରିବେଶରୁ ଶିଖିଥିବା ଗୀତ, କାହାଣୀ, ଖେଳ, ଢ଼ଗ ଢ଼ମାଳିକୁ କଲମ ମୂନରେ ରୂପଦେବେ, ତାକୁ "ସର୍‌ଗିଫୁଲ୍" ମାଧ୍ୟମରେ ପ୍ରକାଶ କରାଇ ଏକ ଜୀବନ୍ତ ସଂସ୍କୃତିକୁ ନୂତନ ନ୍ୟାସ ଦିଆଯିବ । ଏହା ଆରମ୍ଭରେ ସହଜ ଲାଗୁଥିଲା ; ମାତ୍ର କିଶୋର ପ୍ରାଣ ସେଇଠି ରହିଗଲା ନାହିଁ, ଆଧୁନିକତାର ପରଶରେ ସେ ଭଳିଗଲା ; ଭୁଲିଗଲା ତାର ପରମ୍ପରାର ଅସୁମାରୀ ପେଡ଼ିକଥା । ଆଉ ଏକ ଦିଗକୁ ଧ୍ୟାନ ଦେବାରେ ଲାଗିଲା । ଗଣ ମାଧ୍ୟମର ପ୍ରଭାବ, ଶିକ୍ଷାରେ ବିବର୍ତ୍ତନ, ସହରରୁ ଗାଁ ସବୁଠି ସୃଜନ ସାମର୍ଥ୍ୟର ଲୋକ ସମାଦର ; ସେ ବିଭୋର ହେଲା ; ଭାବିଲା, ମୁଁ ବି ସମାଦର ଲାଭ କରନ୍ତି ; ମୋର ସୃଜନୀ କଳାର ବିକାଶ କରନ୍ତି କି ? ଏହି ଅର୍ନ୍ତଦ୍ୱନ୍ଦର ପରିଣତିରୁ ସେ ସୃଜନୀ ଧାରାର ନିର୍ଝରଣୀ ସୃଷ୍ଟି କରିବାରେ ଲାଗିଲା ।

ତେବେ ପ୍ରଶ୍ନ ହେଉଛି ଆମର ଅତୀତ ସମୃଦ୍ଧ ଲୋକ ସଂପଦାରେ ଆମ ଜାତି ଗରୀୟାନ । ତାକୁ ଆଧାର କରି ଆମେ କଣ ନବ ସୃଜନଟାଏ କରି ପାରିବା ନାହିଁ । ଆମର ଅତୀତ ପରମ୍ପରାକୁ ନେଇ ଆମେ ସୁନାର କୋଣାର୍କ ଗଢ଼ି ପାରିବା ନାହିଁ ?

ଆଶ୍ୱାସନାର ବିଷୟ "ସର୍‌ଗିଫୁଲ୍" ସେଇ ସମ୍ଭାବନାର ସ୍ତବକଟାଏ ହୋଇ ପାରିଛି । ପୁରାତନ ଓ ନୂତନର ସମ୍ମିଶ୍ରଣରେ ଏକ ନୂତନ ଫୁଲର କଢ଼ ବାହାରିଛି । ଆମାଗୀ ଦିନରେ ଏ କଢ଼ ପ୍ରସ୍ଫୁଟିତ ହେବ ।

ସର୍‌ଗିଫୁଲ ପ୍ରକାଶନ ଅବସରରେ ଏତିକି କାମନା ।

ଅଖିଳ ବିହାରୀ ଓତା



# ସୂଚୀପତ୍ର


ସମ୍ପାଦକୀୟ

| | | |
|---|---|---|
| ୧. | ଛବିଟିଏକୁ ଗୀତଟିଏ | ୧ |
| ୨. | ଛବିଟିଏକୁ ଗୀତଟିଏ | ୨ |
| ୩. | ଛବିଟିଏକୁ ଗୀତଟିଏ | ୩ |
| ୪. | ନାରୀ ଶକ୍ତି ଅମୃତ ଧାରା | ୪ |
| ୫. | ମୋତେ ଭାରି ଭଲ ଲାଗେ | ୫ |
| ୬. | ଆସ କେ ଦେଖିବ ଆସ ଆମ ହାଣ୍ଡିଶାଳ | ୬ |
| ୭. | ଘାସ | ୭ |
| ୮. | ପ୍ରକୃତି ରାଣୀ | ୮ |
| ୯. | ଫୁଲ | ୯ |
| ୧୦. | ଦୂର ପାହାଡ଼ | ୯ |
| ୧୧. | ଫୁଲ | ୧୦ |
| ୧୨. | The Tree | ୧୦ |
| ୧୩. | ନୀହାର ଓ ସାଇକେଲ | ୧୧ |
| ୧୪. | ମାଆ | ୧୩ |
| ୧୫. | ଚମ୍ପେଇ ବୁଢ଼ୀ | ୧୩ |
| ୧୬. | ବୈତାଳୁର କାହାଣୀ | ୧୪ |
| ୧୭. | ବରଷା | ୧୫ |
| ୧୮. | ଗୋଟିଏ ବିନତି | ୧୫ |
| ୧୯. | ଘୋଡ଼ା ଓ ବ୍ୟବସାୟୀ | ୧୬ |
| ୨୦. | ଆମ ବିଦ୍ୟାଳୟ | ୧୭ |
| ୨୧. | ସୁନା ଝିଅ | ୧୮ |
| ୨୨. | ନାମଟି ମୋହର ଟଙ୍କା | ୧୯ |
| ୨୩. | ସୂର୍ଯ୍ୟ ଓ ଚନ୍ଦ୍ର | ୨୦ |
| ୨୪. | ଜେଜେମା | ୨୨ |
| ୨୫. | ସବୁଠୁ ଭଲ ଆମ ଘରଟି | ୨୨ |
| ୨୬. | ଯମ ଓ ବୁଢା କାଠୁରିଆ | ୨୩ |
| ୨୭. | ମୋ ଗାଁ | ୨୪ |
| ୨୮. | ସରଗି ଫୁଲ | ୨୪ |
| ୨୯. | ଗର୍ବରୁ ପତନ | ୨୫ |
| ୩୦. | ପାଠ | ୨୬ |
| ୩୧. | ହେ ମୋ ପ୍ରିୟ ବିଦ୍ୟାଳୟ | ୨୬ |
| ୩୨. | ଇର୍ଷାର ପରିଣାମ | ୨୭ |
| ୩୩. | ମା | ୨୮ |

୩୪. ଦୋଳି ଗୀତ ୨୮
୩୫. କର୍ମର ଫଳ ଭୋଗିବାକୁ ପଡ଼ିବ ୨୯
୩୬. ପୁଷ ମାସ ୩୦
୩୭. ବଡ଼ ଘାଘରାର ସୁରକ୍ଷା ୩୦
୩୮. ରାଜା ବେଶ ୩୧
୩୯. କହିଲ ଦେଖି ୩୩
୪୦. ମୋ ଗାଁଆ ୩୩
୪୧. ନୂଆ ଖାଇ ୩୪
୪୨. ଏଇ ତ ମୋର ଜନମ ମାଟ ୩୬
୪୩. ମୋ ବିଦ୍ୟାଳୟ ୩୬
୪୪. ଏ ମୁଁ କ'ଣ କଲି ୩୭
୪୫. ଗଛ ୩୯
୪୬. ଫୁଲ ୩୯
୪୭. ବୁଦ୍ଧି ବତାଏ ବାଟ ୪୦
୪୮. ଚମ୍ପା ପାଇଁ ଚିଠିଟିଏ ୪୧
୪୯. ହୃଦୟ ପରିବର୍ତ୍ତନ ୪୪
୫୦. ମୁଁ ସରଗି ଗଛ କହୁଛି ୪୫
୫୧. ଯେ ପଂଚେ ପରର ମନ୍ଦ ୪୭
୫୨. ଠେକୁଆ ଦେଲା ଶିକ୍ଷା ୪୯
୫୩. ଯେସାକୁ ତେସା ୫୦
୫୪. ବଣ ବିଲେଇ ଓ ମୂଷା ୫୧
୫୫. ମାଟି ୫୨
୫୬. ସୁନାମୀ ୫୩
୫୭. ରାଜୁ ହେଲା ସୁନାପିଲା ୫୪
୫୮. ସତର କରାମତି ୫୫
୫୯. ହସ କଥା ୫୬
୬୦. ବିଜ୍ଞାନ ସମ୍ବନ୍ଧରେ ଜାଣିବା ୬୩
୬୧. ଆସ ଜାଣିବା କେବେ କ'ଣ ? ୬୪
୬୨. ଆବିଷ୍କାର ଓ ଉଦ୍ଭାବନ ୬୬
ଜନଜାତି ଭାଷା ବିଭାଗ
୬୩. ନୂଆଖାଇ ଗୀତ (ପରଜା) ୬୭
୬୪. ରୂପେଇ ଦଇମତି ୬୮
୬୫. ମେଡୁ ମାନ୍ଦେ ଜାତୀୟ ଗଟା ୬୯
୬୬. ଶେଣା କାଜି ନାମା ସିର୍ମାରେୟା ୭୧
୬୭. ସିଂଅତ୍ ଦିସମ୍ ୭୨
୬୮. ମୁଇଙ୍ଟ ରାଜା କନଣ୍ଡାଓ ଆଉ ମୁଇଙ୍ଟତା ରାଜା କଂଚେଲାଣ୍ଡା ସାଙ୍ଗେରେ ବାହାଘର ୭୩



# ଛବିଟିଏକୁ ଗୀତଟିଏ



ମାଆ ଯାଇଅଛି କାଠ ଆଣିବାକୁ
ବାପା ଯାଇଛନ୍ତି ବେ□,
ସୂରୁଜ ଗଲେଣି ସଞ୍ଜ ନଇଁଲାଣି
ଚାହିଁ ରହିଥିବୁ ବାଟ ।



ଘର ପାଖେ ମୋ ନଥିଲେ ବି କେହି
ଡର ମୋର ଜମା ନାହିଁ,
ପ୍ରକୃତି ରାଣୀ ମୋ' ଅଟଇ ମିତଣୀ
ଚୁପି ଚୁପି କଥା କହି ।



କୋଠା ନାହିଁ ଏଠି ବିଜୁଳି ବି ନାହିଁ
ମନ ହୁଏ ନାହିଁ ଦୁଃଖ,
ପ୍ରକୃତିର ସାଥେ ମିତ ବସିଅଛୁ
ସୁଖ ଖାଲି ଆଉ ସୁଖ ।

**ବିନିତା ମଲ୍ଲିକ**
ସପ୍ତମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁତୁଡୁଲି, କନ୍ଧମାଳ


# ଛବିଟିଏକୁ ଗୀତଟିଏ



କାଟି କାଟି ମୋତେ   ସବୁ ସାରିଲେଣି
ଗୋଟିଏ ରହିଛି ମୁହିଁ
ବନ ସରିଗଲେ   ଜୀବନ ସରିବ
ସାବଧାନ ରହ ତୁହି ।



**ଜୋଛନା ପ୍ରଧାନ**
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ



"ଏକୁଟିଆ ଘର ମୋର   କାହାକୁ ବା ଡର,
ପାହାଡ଼ ଝରଣା ସାଥି,
ଗଛ ଓ ଆକାଶ   ସକାଳୁ ସୂରୁଜ ଉଏଁ
ହସେ ଓ ହସାଏ ।"

**ଲଲିମା ମଲିକ**
ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ

# ଛବିଟିଏକୁ ଗୀତଟିଏ

ଏଇ ଦେଶର ସନ୍ତାନ ଆମେ
ଟିକିଟିକି ସାବକ,
ଏ ଦେଶ ଆମ ଜନମ ଭୂଇଁ
ଆମେ ତା'ର ସେବକ ।
ଖେଳିବୁ ଖେଳ ଏକାଠି ଆମେ
କରିବୁ ବହୁ ଯୋଗ,
ଯୋଗ କରିଲେ ଦେହ ମନରୁ
ଦୂରେଇ ଯିବ ରୋଗ ।
ଏକାଠି ଆମେ ରହିବୁ ସବୁ
ଗୋଟିଏ ଛାତ ତଳେ,
ଏକାଠି ହୋଇ କାମ କରିଲେ
ବହୁତ ବଳ ମିଳେ ।
ଆମରି ଦେଶ ଭିତରେ ଅଛି
କେତେ ମହତ କଥା,
ଆମରି ଦେଶ ସବୁ ଦେଶକୁ
ଦିଏ ଶାନ୍ତିର ବାର୍ତ୍ତା ।
ଏଇ ଦେଶର ସୈନିକ ଆମେ
ଏ ଦେଶ ଆମ ମାଆ,
ଏଇ ଦେଶର ବିପଦ ବେଳେ
ହେବୁ ଆମେରେ ଠିଆ ।



ଜ୍ଞାନ ବିଜ୍ଞାନ ବିକାଶ କରି
ହୋଇବୁ ଆମେ ବୀର,
ରଖିବୁ ନାଁ ମାଟି ମାଆ
ସଦା ହେବୁ ଜାଗୁଆର ।

**କରିସ୍ମା ଡିଗଲ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁତ୍ତୁତୁଲି, କନ୍ଧମାଳ



Sukanti Majhi, Govt. High School, Naranpur

# ନାରୀ ଶକ୍ତି ଅମୃତ ଧାରା

ଯେଉଁ ନାରୀ ଦିନେ ପ୍ରଥମ ଶିଶୁକୁ
ଜଗତରେ ଦେଲା ଜନ୍ମ,
ସେହି ନାରୀ ଆଜି ହୁଏ ନିର୍ଯ୍ୟାତିତ
ନାହିଁ ତା' ଆତ୍ମସମ୍ମାନ ।

ନାରୀର ସମ୍ମାନେ ଦେଶର ଉନ୍ନତି
ସମୃଦ୍ଧ ହୁଏ ଏ ଧରା,
ବିଜୟ ପତାକା ଉଡ଼େ ଫର୍ ଫର୍
ନାରୀ ଶକ୍ତି ଅମୃତ ଧାରା ।



ଅତୀତ ଦିନର ଦ୍ରୌପଦୀ, ଅହଲ୍ୟା
ମୀରା, ଦୁର୍ଗାବତୀ ତଥା
ଲକ୍ଷ୍ମୀବାଈ ଆଦି ଗଣ ବୀରାନାରୀ
ଟେକ ରଖିଲେ ଭାରତ ମଥା ।

ଆଜି ସେହି ନାରୀ ଜନମ ପୂର୍ବରୁ
ପିତା ସାଜେ ହତ୍ୟାକାରୀ,
ପାପୀ ହାତେ କେହି ଧର୍ଷିତା ହୋଇ
ଅକାଳରେ ଯାଏ ମରି ।



ନାରୀ ତ ନୁହେଁ କାମନାର - ବସ୍ତୁ
ପୂଜ୍ୟା ଆମର ସିଏ,
ତାହାରି ସମ୍ମାନ ଦେଶର ସମ୍ମାନ
ଭୁଲିଯାଅ ନାହିଁ କିଏ ।


**ଗୀତାଞ୍ଜଳୀ ଦିଗାଳ**
ସପ୍ତମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

# ମୋତେ ଭାରି ଭଲ ଲାଗେ

ମୋତେ ଭାରି ଭଲ ଲାଗେ
କାଳିଆ ଠାକୁର ଗୁଣଗାନ ସଙ୍ଗେ
ପଢ଼ିବାକୁ ଭଲ ପାଠ ।



ମୋତେ ଭାରି ଭଲ ଲାଗେ
ମାଆଙ୍କର କୋଳ, ଆମ ବିଦ୍ୟାଳୟ,
ଆକାଶର ତୋଫା ଜହ୍ନ ।




ମୋତେ ଭାରି ଭଲ ଲାଗେ
ଫୁଲର ବଗିଚା, ପଢ଼ିବାକୁ ଗୀତା
ସୁନେଲି କବିତା ।





ମୋତେ ଭାରି ଭଲ ଲାଗେ
କହିବାକୁ ସତ, ଆଉ ମାଆ ଗପ,
ଅନ୍ୟକୁ ଦେଇ ସାହାଯ୍ୟ ।



ମୋତେ ଭାରି ଭଲ ଲାଗେ
ଝରଣା ଶବଦ, ସୁନୀଳ ଆକାଶ,
ପାହାଡ଼ର ସାଗୁଆ ଦେହ ।



ମୋତେ ଭାରି ଭଲ ଲାଗେ
ତାରା ଭ□ ରାତି, ଦେଖିବାକୁ ହାତୀ
ଗାଇବାକୁ ତାର ଗୀତି ।

**ଶାମୁକା ପ୍ରଧାନ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

# ଆସ କେ ଦେଖିବ ଆସ ଆମ ହାଣ୍ଡିଶାଳ

ସକାଳୁ ସଞ୍ଜ ଖଡ଼ର ଖଡ଼ର
ଆମ ହାଣ୍ଡିଶାଳ କରେ ଶବଦ,
ନାନୀମାନେ ଏଠି ଏକାଠି ହୁଅନ୍ତି
ପରିବା କଟାରେ ମନ ତାଙ୍କର ।
ଆମ ହାଣ୍ଡିଶାଳ ସଫା ସୁତର
ସବୁଦିନ ଲାଗେ ଗହଳ,
ପିଲାଏ ହୁଅନ୍ତି ଏଇଠି ମେଳ
ଖଞ୍ଜି ଦେଇଛନ୍ତି ଆମ ସରକାର ।
ଅଣ୍ଡା ଆଉ ପୁଣି ମାଉଁସ ଝୋଳ
ହାଣ୍ଡିଶାଳ ଆମ ଅତି ନିଜର
ଖାଦ୍ୟ ମହକରେ ସେ ଭରପୁର ।



ବିନିମା ପ୍ରଧାନ
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁଡୁତୁଳି, କନ୍ଧମାଳ




*Plant more trees.*
*The best time to*
*Plant a tree is*
*20 years ago.*
*The second best*
*Time is now...*

ଅଧିକ ବୃକ୍ଷ ରୋପଣ କରିବା ।
ବୃକ୍ଷ ରୋପଣର ଉ□ମ ସମୟ
୨୦ ବର୍ଷ ଆଗରୁ ।
ବ□ମାନ ଆଉ ଥରେ...

**Urmila Randhari**
Class - IX,
Govt. (S.S.D.) Girls High School, Karchamal

# ଘାସ



ବଡ଼ ନୁହେଁ ମୁହିଁ ସାନ ନୁହେଁ ମୁହିଁ
ମାଟିରେ ମୋର ବାସ,
ନାଆଁଟି ମୋର ଘାସ ।

ମୋତେ ଖାଇ ଖାଇ ବ□ନ୍ତି ପଶୁଏଁ
ପଶୁ ପାଇଁ ଜୀଏଁ ନର,
ଜୀବନ ହୁଏ ସୁନ୍ଦର ।

ମାଟିକୁ ଯାବୋଡ଼ି ଧରିଅଛି ମୁହିଁ
ମାଟି ହୁଏ ନାହିଁ କ୍ଷୟ,
ନାଆଁଟି ମୋର ଘାସ ।

ମୋର ଗାଲିଚାରେ ପିଲାଏ ଖେଳନ୍ତି
ମୁହଁରେ ତାଙ୍କର ହସ,
ନାଆଁଟି ମୋର ଘାସ ।

ଟିକି ଟିକି ଫୁଲ ମୋ' ଦେହରେ ଫୁଟେ
ଦେଖିଲେ ମନ ହରଷ,
ନାଆଁଟି ମୋର ଘାସ ।


କେତେ ଯେ ଆଘାତ ଦେହ ସହେ ମୋର
ତଥାପି ନାହିଁଟି ଦୁଃଖ,
ଦୁଃଖରେ ଜୀବନ ଯେ ଗଢ଼ି ଶିଖିଛି
ତାହା ପାଇଁ ଖାଲି ସୁଖ,
ନାଆଁଟି ମୋର ଘାସ ।

**ସଲୋମି ପ୍ରଧାନ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁତ୍ତୁଗୁଲି, କନ୍ଧମାଳ

# ପ୍ରକୃତି ରାଣୀ

କନ୍ଧମାଳ ପ୍ରକୃତିରେ ଘେରା,
ଚାରିଆଡ଼େ ସବୁଜରେ ଭରା,
ପାହାଡ଼ ତଳେ ବହିଯାଉଛି ନଈର ଧାରା,
ଦେଖିବାକୁ ଲାଗେ ସବୁଜ ଭରା ।





ସବୁଜ ସୁନ୍ଦର ପ୍ରକୃତି ରାଣୀ,
ପୋଖରୀରେ ଅଛନ୍ତି ବେଙ୍ଗୁଲି ରାଣୀ,
କୁଳୁ କୁଳୁ ବହୁଅଛି ଝରଣା ପାଣି,
ଦେଖିବାକୁ ଭାରି ସୁନ୍ଦର ପ୍ରକୃତି ରାଣୀ ।

ଆମ ଜନଜାତି ବହୁତ ଭଲ,
ଅତିଥି ଘରକୁ ଆସିଲେ ପାଆନ୍ତି ଭଲ,
ଖାଇବାକୁ ଦିଅନ୍ତି ଫଳମୂଳ,
ମନରେ ନଥାଏ ଛନ୍ଦ କପଟ ।



ବିଦ୍ୟାଳୟ ଯାଇ ପାଠ ପଢ଼ିବା,
ନିଜ ଭବିଷ୍ୟତ ନିଜେ ଗଢ଼ିବା,
ପାଠ ତ ହେଉଛି ବିକାଶ କ□,
ପାଠକୁ ନ ଭୁଲି ରଖିବା ସ□ ।



**ସନମିକା ନାୟକ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ

## ଫୁଲ

ଫୁଲ ପରି ଆମେ ଫୁଲଟି ହେବା
ସାରା ଜଗତକୁ ମହକାଇ ଦେବା ।
ଫୁଲ ପରି ଆମେ ଫୁଲଟି ହେବା
ସାରା ଦୁନିଆକୁ ସୁବାସିତ କରିବା ।
ଫୁଲ ପରି ଆମେ ଫୁଲଟି ହେବା
କାହାକୁ କେବେ ଦୁଃଖ ନ ଦେବା ।
ଫୁଲ ପରି ଆମେ ଫୁଲଟି ହେବା
ଭଲ ପାଠ ପଢ଼ି ଭଲ ମଣିଷ ହେବା ।
ଫୁଲ ପରି ଆମେ ଫୁଲଟି ହେବା
କାହାକୁ କେବେ ମିଛ ନ କହିବା ।
ଫୁଲ ପରି ଆମେ ଫୁଲଟି ହେବା
ଭଲ କାମ କରି ନାଆଁ ରଖିବା ।



**ଶ୍ରଦ୍ଧାଞ୍ଜଳୀ ମଳିକ**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କୁତୁତୁଲି, କନ୍ଧମାଳ

## ଦୂର ପାହାଡ଼



ଦୂର ପାହାଡ଼ ତ ଢେଉ ଢେଉକା ଲୋ
ଦୂରକୁ ସୁନ୍ଦର ଦିଶେ,
ପାହାଡ଼ ଫାଙ୍କରେ ସୁରୁଜ ଲୁଚିଲେ
ସୁନେଲି କିରଣ ବିଞ୍ଚେ ।
ପାହାଡ଼ କଡ଼ରେ କୁଳୁ କୁଳୁ ହୋଇ
ବହି ଯାଉଥାଏ ନଈ,
ନଈର ସୁଅରେ ନାଉରୀ ଭାଇଟି
ଡଙ୍ଗା ବାହେ ଗୀତ ଗାଇ ।
ସେଇ ନଈଟି ଲୋ ଚିର ପରିଚିତ
ଏନ୍ତୁଡ଼ିଶାଳରୁ ମୋର,
ନଈ ମାଆଟିର ସମ୍ମାନ ରଖିବି
ଜୀବଥିବାଯାଏ ମୋର ।

**ଜ୍ୟୋତ୍ସ୍ନା ପୃଷ୍ଟି**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କପିଳାସ, ଢେଙ୍କାନାଳ


# ଫୁଲ

ସୂରୁଜର ଆଲୁଅରେ ରୂପ ତୋର ଝଟକେ,
ଆଖି ଆଗେ ପଡ଼ିଗଲେ ନଜର ବି ଅଟକେ ।
ଟୋପା ଟୋପା କାକରରେ ଚକ୍ ଚକ୍ ଦିଶଇ,
ପାଖୁଡ଼ାର ଓଠ ମେଲି ଖିଲି ଖିଲି ହସଇ ।
ଫୁଲଟିଏ ସିଏ ପରା ଦେହ ତା'ର କଅଁଳ,
ଛୁଇଁ ଦେଲେ ତନ ମନ ପୁଲକର ସଅଳ ।
ପବନର ପରଶରେ ବାସ ତା'ର ଛୁଟଇ,
ମହୁମାଛି ଉଡ଼ି ଆସି ରସ ତା'ର ଲୁଟଇ ।
ଭଅଁର ବି ବେଳେ ବେଳେ ପାଖେ ଘୂରି ବୁଲଇ,
ତା' ଉପରେ ବସିପଡ଼ି ଖୁସି ମନେ ଝୁଲଇ ।
ଝିଅଟିଏ ତୋଳିନିଏ ତାକୁ ଏକ ଡାଲାରେ,
ମାଳ କରି ପକାଏ ସେ ଦିଅଁଙ୍କର ଗଳାରେ ।
ଅତର ତିଆରି ପାଇଁ ଖୋଜା ପଡ଼େ ତାହାକୁ,
ଦିଏ ସବୁ କେବେ କିଛି ମାଗେ ନାହିଁ କାହାକୁ ।



**ରତନି ଝୁଡୁ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କପିଳାସ, ଢେଙ୍କାନାଳ

# THE TREE



*Mother tree and Father tree,*

*Brother tree and Friend tree;*

*We always worship and thank tree –*

*Very kind to give us food and drink,*

*Supply us what things we need,*

*Provide us with medicine and shelter _*

*Should we cut them down !*

*Never, Never, Never*

*Let's Plant it and take every care.*

**Neha Hansdah**
Class - IX
Govt. Girls High School, Kapilas

# ନୀହାର ଓ ସାଇକେଲ

ନୀହାର ଛୋଟ ପିଲାଟିଏ । ନୂଆ ନୂଆ ଅକ୍ଷର ଶିଖୁଛି । ଖୁବ୍ କୁହାଳିଆ । ସବୁବେଳେ କିଛି ନା କିଛି କଥା ହେଉଥିବ । ଟିକି ପିଲାଟା ହେଲେ କ'ଣ ହେବ କେବେ କାହାକୁ ଅଯଥା ହଇରାଣ କରେନି । ସବୁବେଳେ ତାର ଟିକି ଜିଜ୍ଞାସୁ ମନ ଖୁବ୍ ଜାଣିବାକୁ ଇଛା କରେ । ମାଆ ତାକୁ ସକାଳେ ଏବଂ ସନ୍ଧ୍ୟାରେ ଶିଖେଇଥିବା ଅକ୍ଷର ଗୁଡ଼ିକ ଅଭ୍ୟାସ କରାଇ ଦିଅନ୍ତି । ଦିନେ ବାପା ସକାଳୁ ତାକୁ କହିଲେ - ବାବୁ ନୀହାର, ମାଆ କ'ଣ କାଲି ରାତିରେ ଶିଖେଇ ଦେଇଥିଲେ, ଏବେ ଲେଖିଲୁ ଦେଖି । ମାଆ କହିଲା - ଲେଖି ଦେ ତ ବାପା ସୁନା ପୁଅ । ଗୁରୁଜୀ ଠିକ୍ ଠିକ୍ କହିବେ । ନୀହାର କହିଲା - ନାଇଁ ବାବା ନାଇଁ ମୁଁ ଲେଖିବି ନାହିଁ । ମାଆ ପୁଣି ଥରେ କହିଲେ - ଲେଖିଦେ ଧନ । ତୁ ସୁନାପୁଅ ପରା । ବାପା କହିଲେ - ଲେଖିଲେ ସିନା ଅଭ୍ୟାସ ହେବ । ନୀହାର ବଡ ପିଲାଙ୍କ ପରି କହିଲା- ଏକା ଅକ୍ଷର ସବୁଦିନ କାହିଁକି ଲେଖିବି ବାବା ? ମୋତେ ଏ ସବୁ ଭଲ ଲାଗୁନି । ମୁଁ ଯାଉଛି ଖେଳିବି । ତା' ପରେ ନୀହାର ଚାଲିଗଲା ଅଗଣାକୁ । ଅଗଣାରେ ବାପାଙ୍କ ପୁରୁଣା ସାଇକେଲ୍‌ଟିଏ ରଖାଯାଇଥାଏ । ସେ ଅଧିକାଂଶ ସମୟ ସେଇଠି ଖେଳେ । ସେ ଦିନ ସଞ୍ଜବେଳେ ସେ ସେହି ସାଇକେଲ୍ ସହିତ ଖେଳୁଥିଲା । ହଠାତ୍ ତା' ଖେଳକୁ ବାଧା ଦେଇ ବିଜୁଳି କଟିଗଲା । ସେ ବିବ୍ରତ ହେଲା । ମା, ମା ଡାକି ସେ ଅତର୍ଛା ଦୌଡୁ ଦୌଡୁ ସାଇକେଲ୍ ଦେହରେ ତା'ର ଗୋଡ଼ ବାଜିଗଲା । ତାକୁ କଷ୍ଟ ହେଲା । ରାଗରେ ସାଇକେଲ୍‌କୁ ସେ ବଡ଼ ଯୋର୍‌ରେ ଲାତଟିଏ ମାରିଦେଲା । ସାଇକେଲ୍ ଦେହରୁ ଗୋଟିଏ ଶବ୍ଦ ବାହାରିଲା ଆଃ, କିଏ ? "ନୀହାର କହିଲା - " କିଏ କହୁଛ ? ଏଠି ତ ମୁଁ ଏକୁଟିଆ ଅଛି ।" ସାଇକେଲ୍ ଦେହରୁ ପୁଣି ଏକ ଶବ୍ଦ ବାହାରିଲା - ମୁଁ ସାଇକେଲ୍ କହୁଛି ନୀହାର ଭାଇ । ହଁ, ତୁମେ ମୋ ପ୍ରତି ଆଜି ଖୁବ୍ ଉପକାର କଲା । ବହୁ ଦିନ ହେଲା ମୋ ଦେହରେ କେହି ହାତ ଦେଇ ନଥିଲେ । ତେଣୁ ମୋ କଳ କବଜାରେ କଳଙ୍କି ଲାଗିଯାଇଛି । ଆଜି ଟିକିଏ ହଲ୍‌ଚଲ୍ ହୋଇଛି । ଖୁବ୍ ଖୁସି ଲାଗୁଛି ମୋତେ । ନୀହାର କହିଲା - ସାଇକେଲ୍ ଭାଇ ! ମତେ କ୍ଷମା କରିଦିଅ । ମୁଁ ତୁମକୁ ଲାତ ମାରିଲି । "ସାଇକେଲ୍‌ଟି କହିଲା - ଆରେ ସେ କିଛି ନୁହେଁ ନୀହାର ଭାଇ । କହିଲି ପରା ତୁମେ ମୋ ପ୍ରତି ଉପକାର କଲ । ଯଦି ତୁମେ ମତେ ଲାତ ମାରିନଥାନ୍ତି, ତା ହେଲେ ମୋ କଳ - କବଜା ହଲ୍‌ଚଲ୍ ହୋଇନଥାନ୍ତା । ଆଉ ମୁଁ



ପାରି ନଥାନ୍ତି।" ନୀହାର ପଚାରିଲା - ଗୋଟେ ବଡ଼ କଥା ? ସେଇଟା ପୁଣି କ'ଣ ? ଏଥର ସାଇକେଲ୍ ଟିକିଏ ଗମ୍ଭୀର ସ୍ୱରରେ କହିଲା - ମୁଁ ଶୁଣିଛି, ମାଆ, ବାପା ତୁମକୁ ଅକ୍ଷର ଲେଖିବା ଅଭ୍ୟାସ କରିବାପାଇଁ କହନ୍ତି। ତୁମେ ମନା କରିଦିଅ। ନୀହାର କହିଲା - "ହଁ ମୋତେ ସବୁଦିନ ଏକା ଅକ୍ଷର ଲେଖିବାକୁ ଭଲ ଲାଗୁନାହିଁ।" ସାଇକେଲ୍ କହିଲା - "ଆରେ ନୀହାର ଭାଇ। ନା, ନା, ସେମିତି କେବେ କରିବ ନି ମୋ କଳ-କବଜା ପରି ତୁମ ମସ୍ତିଷ୍କ କେବେ ପଡି ରହିଲେ କେମିତି କରିବ ? ମୁଁ ଯେମିତି ଆଉ ଚାଲିପାରୁନି, ତୁମକୁ ସେମିତି ଆଉ ପାଠ ଆସିବ ନାହିଁ" । ନୀହାର ପଚାରିଲା - "ତୁମ କଳ - କବଜାକୁ କାହିଁକି କଳଙ୍କି ଲାଗିଲା ଯେ ? ସାଇକେଲ୍‌ଟି ଦୁଃଖର ସହିତ କହିଲା, "ନୀହାର ଭାଇ, ବାପା ସ୍କୁଟର କିଣିବା ଦିନଠୁ ମୋତେ ଆଉ ଛୁଇଁଲେ ନାହିଁ। ମୋ କଳ-କବଜା ମଧ ଚାଲିଲା ନାହିଁ। ତାର ଚାଲିବା ଅଭ୍ୟାସ ଛାଡ଼ିଗଲା।

**ସୁମିତ୍ରା ମଲ୍ଲିକ**
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଦ୍ରା, କନ୍ଧମାଳ



Radhika Sae, Govt. High School, Chandikhole

# ମାଆ



ମାଆ ମୋର ଅଟେ ଅତି ସୁନ୍ଦର,
ମାଆ କୋଳ ଲାଗେ ଅତି ନିଜର ।
ଗେଲ କରି ସିଏ କୋଳେ ଧରଇ,
ଆନନ୍ଦ ଭାବରେ ଦିଏ ହଲେଇ ।
କେବେ ତାକୁ ଭୁଲିପାରିବି ନାହିଁ,
ମାଆ ପରି ମୋର କେହି ତ ନାହିଁ ।
ମାଆ ନାମ ଅଟେ ବଡ଼ ମଧୁର,
କରୁଥାଏ ସିଏ କେତେ ଆଦର ।
ରୁଷି ଗଲେ ସିଏ କୋଳକୁ ନିଏ,
ଝାଡି ଝୁଡି ମୋର ଦେହକୁ ଦିଏ ।
ମଂଗଳ ହେବାକୁ ଆମର,
ଦିନରାତି ହୁଏ ଅଧିର ।
ଆମେ ଭଲ ପାଠ ପଢିବୁ,
ସୁଖରେ ଜୀବନ ଗଢିବୁ ।
ଦେଶ ପାଇଁ କେତେ ଭଲ କାମ କରି,
ସବୁଠାରେ ନାଆଁ ରଖିବୁ ।
ସେଥିପାଇଁ ମାଆ ଆମର,
କଥା କହେ କେତେ ମଧୁର ।
ତାହାର ଆଶୀଷ ଯାହା ସାଥିରେ
ଦୁନିଆଁ ଜିଣିବ ସିଏ ସତରେ ।

ହୀରାମତୀ ଜାସୁଦା
ଦଶମ ଶ୍ରେଣୀ, ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାମ୍ପିଲୋ, ଯାଜପୁର

# ଚମ୍ପେଇ ବୁଢ଼ୀ



ଗ୍ରାମର ନାମ ଯେ ବାଲିଗାଡ଼ା
ଅଟଇ ସେ ଭାରି ବଡ଼,
ସେଠାରେ ଅଛି ଚେମ୍ପେଇ ବୁଢ଼ୀ
କରୁଛି ଯେ ଭାରି ରଡ଼ ।
ବାଲ୍ୟକାଳରୁ ବିଧବା ହୋଇ
ଦାନ୍ତ ତ ଗଲାଣି ପଡ଼ି,
ପିଜୁଳି ଆମ୍ବ ଖା'ନ୍ତି ପିଲା
କରଇ ତ ସିଏ ରଡ଼ି ।
ହାତରେ ଧରି ଦାଆ ଓ ବାଡ଼ି
କାଟଇ ବୁଢ଼ୀ ଘାସ,
ଘର ଖଣ୍ଡିକ ଗଲାଣି ଭାଙ୍ଗି
ନାହିଁ ତ ତାହାର ଚାଷ ।
ଜମି ଏକରେ ଲାଗିଛି ଭାଗ
ବର୍ଷକ ଯାଏ ଭାତ,
ଚାଳକୁ ଭାଙ୍ଗି ବୁଢ଼ୀ
ପକାଇ ଅଛି ଛାତ ।

ଲିଚୁମାଳା ପ୍ରଧାନ
ଅଷ୍ଟମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁଡୁଳି କନ୍ଧମାଳ

# ବୈତାଳୁର କାହାଣୀ

ମୁଁ ହେଉଛି ବୈତାଳୁ। ମୋର ଜୀବନ ପାଇଁ ମୁଁ ବହୁତ ଖୁସି। ମୁଁ ଛୋଟ ଥିଲାବେଳେ ନିଜ ବଳରେ ଠିଆ ହୋଇଥାଏ। ବଡ଼ ହୋଇଗଲାପରେ ଅନ୍ୟର ସାହାର୍ଯ୍ୟ ନିଏ। କାରଣ ମୁଁ ବଡ଼ ହେଲେ ଢ଼ଙ୍କ ହୋଇ ବଡ଼ ହୁଏ। ମୁଁ ପ୍ରାୟ ସମସ୍ତଙ୍କ ଘର ବା ଗଛ ଉପରେ ମାଡ଼ି ଯାଇଥାଏ। ମୁଁ ହେଉଛି ଦୁର୍ବଳ। ଦୁର୍ବଳ ହେଲେ ମଧ ମୋର ଧର୍ମ ଯେ ମନୁଷ୍ୟଙ୍କୁ ମୋର ସମସ୍ତ ଅଂଶ ପ୍ରଦାନ କରେ ଯଥା - ଫୁଲ, ଫଳ, ପତ୍ର, ଡ଼େଂଟି ମଧ ଦେଇଥାଏ। ଏହା ହିଁ ମୋର ପରମ ଧର୍ମ। ମୁଁ ଉଭିଦ ହେଲେ ମଧ ମୋ କାର୍ଯ୍ୟରେ କେବେବି ଅବହେଳା କରେନାହିଁ। ଯଦି ଦିନେ ଫୁଲ ନ ଫୁଟେ, ତାହେଲେ ମୋ ମନ କେତେ ଯେ କଷ୍ଟ ହୁଏ, ଅନୁତାପ ମଧ କରେ। ମୁଁ ଉଭିଦ ହୋଇ ନିଜର କର୍ତବ୍ୟକୁ କେବେବି ଉଲଘଂନ କରେନାହିଁ। ହେଲେ ମଣିଷ ଏତେ ନିଷ୍ଠୁର, ସ୍ୱାର୍ଥପର ଏତେ ଗର୍ବି ଅହଙ୍କାରୀ ନିଜ ସ୍ୱାର୍ଥ ଛଡ଼ା କାହାରିକୁ ଦେଖେ ନାହିଁ।

ଉଦାହରଣ - ଗୋଟିଏ ଗାଁରେ ଧନୀକ ଶ୍ରେଣୀର ଲୋକମାନେ ସେଠାରେ ଅଧିକ ବସବାସ କରୁଥିଲେ। ଅନ୍ୟ ଗ୍ରାମର ଭିକାରି ଟିଏ ଭିକ୍ଷା ମାଗିବା ପାଇଁ ସେହି ଗାଁରେ ପହଂଚିଗଲା ତାକୁ ବହୁତ ଭୋକ ଲାଗୁଥିଲା। ସେତିକି ବେଳେ ଗୋଟେ ଘରୁ ବାହାରି ଆସିଲା ଝିଅ ଟିଏ। ତାକୁ ଦେଖି ଭିକାରି ଟି ମନରେ ବହୁତ ଖୁସିହେଲା। ସେ ଭାବୁଥିଲା ସେ ଝିଅ କିଛି ଖାଦ୍ୟ ଦେବ ବୋଲି। ଖୁସି ମନରେ ତା' ପାଖକୁ ଗଲା। କହିଲା ମା . . . ମୁଁ କିଛି ଖାଇନାହିଁ। ମୋତେ ବହୁତ ଭୋକ ଲାଗୁଛି। ମୋତେ ମୁଠେ ଭାତ ଦିଅ ମା . . . ତୁମର ମଙ୍ଗଳ ହେବ। ଝିଅଟିଏ ଯେମିତି ନ ଶୁଣିଲା ଭଳି ହୁଏ, ହେଲେ ଭିକାରିଟି କ'ଣ ? କରିବ। ତାକୁ ବହୁତ ଭୋକ। ସେହି ଭିକାରିଟି ଧାଇଁ ଯାଇ ଝିଅର ଗୋଡ଼ ଧରି କହିଲା ମା . . . ମତେ ଖାଇବାକୁ ଗଣ୍ଡେ ଦିଅ। ତୁମର ମଙ୍ଗଳ ହେବ। ହେଲେ ସେହି ଝିଅଟି ତାକୁ ଗଇଁଠା ମାରି ବହୁତ ଇଂରାଜୀ ଭାଷାରେ ଗାଳି ଦେଇ ଚ୍ଚଲିଗଲା। ଭିକାରିଟିର ଭୋକ ଧିରେ ଧିରେ ବଢିଗଲା। କୁଆଡ଼େ ଯାଇ ପାରିଲା ନାହିଁ। ସେଇଟି ଛଟପଟ ହୋଇ ମରିଗଲା। ମଣିଷ ଗୋଟେ ଶ୍ରେଷ୍ଠ ଜୀବ ହେଲେ ମଧ ମଣିଷ- ମଣିଷକୁ ଘୃଣା ଦୃଷ୍ଟିରେ ଦେଖୁଛି। ଆଜି ଆମ ଭାରତ ସ୍ୱାଧୀନତାର ୬୮ ବର୍ଷ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଦାରିଦ୍ର୍ୟତାର ଅଭାବ ଦୂର ହୋଇନାହିଁ। ରାଜ ରାସ୍ତାରେ ମଣିଷ ଭିକ୍ଷା ମାଗୁଛି।



**ଟିନା ସଏ**

ନବମ ଶ୍ରେଣୀ, ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ରାମ୍ପିଲୋ), ଯାଜପୁର

## ବରଷା

ଋତୁ ଭିତରେ ସେ ତ ସାର
ବରଷା ଅଟେ ନାମ ତା'ର,
ବରଷା ଆସିଲେ ବଗିଚା ହସେ
ବନ ବିଲ ମାଳ ଶାଗୁଆ ଦିଶେ ।
ନାଚେ ମୟୂର ତାକୁ ଦେଖି
ପୁଛକୁ ତାହାର ସେ ଟେକି,
କଦମ୍ବ ମାଳତୀ ବର୍ଷାରେ ଫୁଟେ
ସେଥିରୁ ମଧୁର ସୁବାସ ଛୁଟେ ।
ଆକାଶେ ବାଦଲ ଛାଇ ରହେ
ଇନ୍ଦ୍ରଧନୁ ସେ ପଡିଥାଏ,
ବରଷା ଆସିଲେ କାଦୁଅ ହୁଏ
ଶୀତଳ ପବନ ଦେହକୁ ଛୁଏଁ ।
ମହ ମହକିଆ, କେତକୀ ର ବାସେ
ଦାଣ୍ଡରେ କାଗଜ ନାଆଟି ଭାସେ,
ବରଷା ରାଣୀ ସେ ବରଷା ରାଣୀ
ଦୁଃଖ ଦେଇ ସୁଖ ଦିଏ ସେ ଆଣି ।



ସିନି ବାନରା
ଦଶମ ଶ୍ରେଣୀ,
ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାମ୍ପିଲୋ

## ଗୋଟିଏ ବିନତି



ରଥଯାତ ବୋଲି ହୁରି ପଡ଼ିଅଛି
କେଉଁଠି ଠାକୁର ରହିଛ କାହିଁ,
ଏତେ ଲୋକବାକ ଗହଳି ଡେଇଁ ମୁଁ
କେମିତି ତୁମକୁ ଦେଖିବି ଯାଇଁ ।
ସବୁଠି ସୁବିଧା ବଡ଼ଙ୍କ ପାଇଁକି
ସେଇମାନେ ଦେଖ କରନ୍ତି ଗୋଳ,
ଆମେ ପିଲାମାନେ କେଉଁ ବାଟେ ଯିବୁ
ଆମ ପାଇଁଟିକେ ଠାକୁରଭାଳ ।
ଯେଉଁଆଡେ ଗଲେ ସେଠି ଠେଲା ପେଲା
ସବୁଆଡେ ଏଠି ମଣିଷ ବାଡ଼,
ପିଲାଟିଏ ପାଇଁ କେହିବି ଭାବେନା
ତା ପାଇଁ କେଉଁଠି ରହିନି ଛାଡ଼ ।
ବଡ଼ ମାନେ ଯିବେ ଦଉଡ଼ି ଟାଣିବେ
ଦେଖିବେ ତୁମକୁ ପାଖରୁ ଯାଇ,
କେବେ ମୁଁ ପାଇବି ସେମିତି ସୁବିଧା
ବାପା, ଭାଇ ମୋର କେହିବି ନାହିଁ ।
ନବ କଳେବର ହୋଇଛି ତୁମର
ନୂଆ କଥା ପ୍ରଭୁ ବିଚାରୁ ମିଶି,
ତୁମକୁ ଦର୍ଶନ କରିବା ସକାଶେ
ସୁଯୋଗ ପାଆନ୍ତୁ ସକଳ ଶିଶୁ ।

କୁମାରୀ ମିନାକ୍ଷୀ ବୁଢ଼ିଉଲି
ଷଷ୍ଠ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର

# ଘୋଡ଼ା ଓ ବ୍ୟବସାୟୀ

ଗୋଟିଏ ଗାଁରେ ଜଣେ ବ୍ୟବସାୟୀ ରହୁଥିଲା । ସେ ନିତିଦିନ ମୁଣ୍ଡରେ ଜିନିଷ ପତ୍ର ବୋଝେଇ ସହରକୁ ଯାଏ । ଏସବୁ ବୋହି ନେବା ଆଣିବାକୁ ବହୁତ ଅସୁବିଧା ହେଉଥାଏ । ତେଣୁ ସେ ଘୋଡ଼ା ଟିଏ ଆଣି ତା' ପିଠିରେ ଜିନିଷପତ୍ର ନେବା ପାଇଁ ଚିନ୍ତା କଲା ।

ଦିନେ ସେ ବଜାରକୁ ଯାଇ ଘୋଡ଼ାଟିଏ କିଣି ଘରକୁ ଫେରିଲା । ଘରକୁ ଫେରିବା ବାଟରେ ସନ୍ଧ୍ୟା ହୋଇଗଲା । ତେଣୁ ବାଟରେ ସେ ଗୋଟିଏ ଗାଁରେ ଆଶ୍ରୟ ନେଲା ଓ ଗାଈ ଗୁହାଳରେ ଘୋଡ଼ାଟିକୁ ବାନ୍ଧିଦେଲା । ସକାଳ ହେବା ପରେ ଗାଇର ଦୁଧ ଦୁହିଁବା ପାଇଁ ସେଠାକୁ ଜଣେ ବୁଢ଼ା ଆସିଲା । ସେ ଘୋଡ଼ାକୁ ଦେଖି ଖୁସି ହୋଇ ଭାବିଲା - ତା' ଗାଇ ଘୋଡ଼ାଟିକୁ ଜନ୍ମ କରିଛି । ବିଚରା ବ୍ୟବସାୟୀ କିଛି ଉପାୟ ନ ପାଇ ରାଜାଙ୍କ ନିକଟରେ ଜଣାଇଲା । ରାଜା ବ୍ୟବସାୟୀଟିର କଥା ଶୁଣି ବୁଢ଼ାକୁ ଡ଼କାଇ ପଚରା ଉଚରା କଲେ ଓ ବୁଢ଼ା କଥା ତା ଗାଈ ଜନ୍ମ କରିଥିବାରୁ ଘୋଡ଼ାଟି ବୁଢ଼ାର ବୋଲି କହିଲେ । ଏ କଥା ବ୍ୟବସାୟୀର ମନକୁ ପାଇଲା ନାହିଁ । ସେ ସାକ୍ଷୀ ଦେବା ପାଇଁ ଘୋଡ଼ା ବିକିଥିବା ଲୋକକୁ ଡ଼ାକି ଆଣିବାକୁ ଗଲା । ଘୋଡ଼ା ବିକ୍ରି କରିଥିବା ଯୁବକ ଆସୁ ଆସୁ ଡ଼େରି ହୋଇଗଲା । ରାଜା ରାଗିଯାଇ ତାକୁ ଡ଼େରି ହେବାର କଥା ପଚାରିଲେ । ସେ ରାଜାଙ୍କୁ କହିଲା - ଆଜି ସମୁଦ୍ରରେ ନିଆ ଲାଗି ଯାଇଥିବାରୁ ସାରା ରାତି ନିଆଁ ଲିଭେଇବାରେ ବ୍ୟସ୍ତ ଥିଲି । ତେଣୁ ଆସୁ ଆସୁ ଡ଼େରି ହୋଇଗଲା ।

ତା'କଥା ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ସେ ପୁଣି କହିଲା - ମଣିମା ଗୋଟିଏ ଗାଈ ଯଦି ଘୋଡ଼ା ଜନ୍ମ କରିବା ସମ୍ଭବ ତେବେ ସମୁଦ୍ର ପାଣିରେ ନିଆଁ ଲାଗିବା କଥାକୁ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି । ବାସ୍ତବରେ ମୁଁ ବ୍ୟବସାୟୀଙ୍କୁ ଘୋଡ଼ା ବିକ୍ରି କରିଛି । ଯୁବକର କଥାରୁ ରାଜା ଜାଣିପାରିଲେ ଯେ ଘୋଡ଼ା ହେଉଛି ବ୍ୟବସାୟୀର, ତେଣୁ ତା'କୁ ଘୋଡ଼ାଟିକୁ ଦେଇ ବୁଢ଼ାକୁ ଉଚିତ୍ ଦଣ୍ଡ ଦେଲେ ।

**ମନିକା ମଲିକ**
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଦ୍ରା, କନ୍ଧମାଳ



Mayabati Hansda, Govt. High School, Jajpur

# ଆମ ବିଦ୍ୟାଳୟ

ବିଦ୍ୟାଳୟ ସବୁ ବିଦ୍ୟାର ଆଳୟ
ଆମ ବିଦ୍ୟାଳୟ ମନ୍ଦିର,
ଚାଳଘର ନୁହେଁ କୋଠା ଘର
କେଡ଼େ ସୁନ୍ଦର ସେ ଦିତାଲା ଘର ।
ପରିବେଶ ତା'ର ମନ ମୁଗ୍ଧକର
ରମଣୀୟ ଶୋଭା ରାଜି,
ତା ଭିତରେ ଯିଏ ଥରେ ପଶି ଅଛି
ସିଏ ତ ଯାଇଛି ହଜି ।
ଗୁରୁଜୀ ଗୁରୁମା ପାଠ ପଢାନ୍ତି
ମନକୁ ନିଅନ୍ତି ଟାଣି,
ଖିଆପିଆ କଥା ସବୁ ଭୁଲିଯାଉ
ସେମାନଙ୍କ କଥା ଶୁଣି ।
ବୃକ୍ଷଲତା ଆଉ ନାନା ଜାତି ଫୁଲ
ତା ମଧ୍ୟରେ ପୁରି ରହିଛି,
ଯାହାକୁ ପଚାର ସିଏ ବି କହିବ
ତା ମଧ୍ୟକୁ ଯିଏ ଯାଇଛି ।
ଚତୁଃପାର୍ଶ୍ୱ ତା'ର ଶୋଭଇ ପ୍ରାଚୀର
ତା ମଧ୍ୟରେ ଖେଳ ପଡ଼ିଆ,
ଶୌଚାଳୟ ଆଉ ବିଜ୍ଞାନଗାର
ଜଳ ସେବା ଭାରି ବଢିଆ ।
ରାସ୍ତା ଘାଟ ତା'ର ଭାରି ପରିଷ୍କାର
ସାଇକେଲ ଷ୍ଟାଣ୍ଡ ରହିଛି,
ଗାନ୍ଧୀ, ଗୋପବନ୍ଧୁ ଦୁଇଟି ମୂରତୀ
ଦୁଇ ପାଶେ ପୁଣି ରହିଛି ।
ନ ପଢ଼ିଲେ ପାଠ ଗୁରୁଜୀ ଗୁରୁମା
କରନ୍ତି କେତେ ଆକଟ,
ଉନ୍ନତି ସୋପାନ ଚଢିବା ପାଇଁକି
ଆମକୁ ଦେଖାନ୍ତି ବାଟ ।
ନିୟମିତ ଆମେ ବିଦ୍ୟାଳୟ ଯିବା
ମନ ଦେଇ ପାଠ ପଢିବା,
ସବୁ ନିୟମକୁ ମାନି କାମକଲେ
ସୁନାର ଭାରତ ଗଢିବା ।

ସୀତା ଚଲା
ଦଶମ ଶ୍ରେଣୀ, ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାମ୍ପିଲୋ, ଯାଜପୁର



Rukmani Tanty, Govt. High School, Naranpur

# ସୁନା ଝିଅ

ଗୋଟିଏ ଗାଁରେ ରାଜେଶ ବାବୁ ନାମକ ଜଣେ ଲୋକ ଥିଲା । ତାଙ୍କ ସ୍ତ୍ରୀଙ୍କ ନାମ ସୁନନ୍ଦା ଥିଲା । ତାଙ୍କର ଦୁଇଟି ପିଲା ଥିଲେ । ବଡ଼ ଝିଅର ନାମ ଥିଲା ମିତା ଓ ସାନ ପୁଅର ନାମ ରାଜୁ । ଝିଅ ଜନ୍ମ ହେବା ଅଭିଶାପ ବୋଲି ରାଜେଶ ବାବୁ ଭାବନ୍ତି । ତେଣୁ ସେ ମିତାକୁ ଭଲ ପାଆନ୍ତି ନାହିଁ । ରାଜୁକୁ ସେ ବହୁତ ଭଲ ପାଆନ୍ତି, ତେଣୁ ଭଲ ସ୍କୁଲ୍‌ରେ ନାମ ଲେଖାଇ ପାଠ ପଢ଼ାଇଲେ । ରାଜେଶ ବାବୁ ମିତାକୁ ସ୍କୁଲ୍ ଯିବାକୁ ମନା କଲା । କିନ୍ତୁ ମିତାର ଇଚ୍ଛା ଭଲ ପାଠପଢ଼ି ବଡ଼ ମଣିଷ ହେବ । ସୁନନ୍ଦା ରାଜେଶ ବାବୁଙ୍କୁ ଯେତେ ବୁଝେଇଲେ ବି ତାଙ୍କ କଥା ଶୁଣନ୍ତି ନାହିଁ । ସେହି କଷ୍ଟ ଭିତରେ ମିତା ଗାଁ ପାଖରେ ଥିବା ହାଇସ୍କୁଲରେ ପାଠପଢ଼ିଲା । କିଛି ବର୍ଷ ପରେ ରାଜେଶ ବାବୁଙ୍କ ବୟସ ଗଡ଼ିଗଡ଼ି ଚାଲିଥାଏ । ରାଜୁ ନାମରେ ସବୁ ସମ୍ପତ୍ତି ଲେଖିଦେଲେ କିନ୍ତୁ ମିତାର ଦୁଃଖ ନାହିଁ । ରାଜୁ ଚାକିରି କରି ବାହାହେଲା ଓ ମିତା ମଧ୍ୟ ଚାକିରୀ କଲା ରାଜୁ ବାହା ହେଲାପରେ ବାପା, ମାଆଙ୍କୁ ପଚାରିଲା ନାହିଁ । ସେ ସେମାନଙ୍କୁ ବହୁତ କଷ୍ଟ ଦେଲା । ସେହି ସମୟରେ ମିତା ତାଙ୍କ ବାପା, ମାଆଙ୍କର ସେବା କଲା । ସେମାନଙ୍କର ଦୁଃଖ କଷ୍ଟ ଦୂର କଲେ । ଶେଷରେ ରାଜେଶ ବାବୁ ନିଜ ଭୁଲ୍ ବୁଝି ପାରିଲେ । ସେ ଭାବିଲେ ଝିଅ ହେଉଛି ଲକ୍ଷ୍ମୀ, ତେଣୁ ଝିଅ ଜନ୍ମ ଦେବା ଭୁଲ୍ ନୁହେଁ ।

**କୁମାରୀ ସବିତା ପୁର୍ତ୍ତୀ**
ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ରାମ୍ପିଲୋ),
ଯାଜପୁର



Saraswati Badra

# ନାମଟି ମୋହର ଟଙ୍କା

ନାମଟି ମୋହର ଟଙ୍କା
ବଙ୍କାକୁ କରଇ ସଳଖ ମୁହିଁ
ସଳଖକୁ କରେ ବଙ୍କା
ନାମଟି ମୋହର ଟଙ୍କା (୧)
ଭୋକିଲା ପେଟରେ ଭରିପାରେ ଦାନା
ଧନୀଠୁଁ ଛଡ଼ାଇ ପାରେ ଦାନା କନା
ମନରେ ନ କରି ଶଙ୍କା
ନାମଟି ମୋହର ଟଙ୍କା (୨)
ପାଇବାକୁ ମୋତେ ଲାଗେ ସଂଘର୍ଷ
ଚାକିରୀ କେ କରେ, କେ କରେ ଚାଷ
ମୋ ବିହୁନେ ସବୁ ଫିକା
ନାମଟି ମୋହର ଟଙ୍କା (୩)
ତୋଳି ମୁଁ ପାରଇ କେତେ କୋଠା ବାଡ଼ି
ମୋ ବିନୁ ଛପରୁ ଛଣଯାଏ ଉଡ଼ି
ଘର ହୋଇଯାଏ ହୁଙ୍କା
ନାମଟି ମୋହର ଟଙ୍କା (୪)
ମୋ ବିନୁ ମଗଜୁ ଜ୍ଞାନ ହୁଏ ସଫା
ପଢ଼ିଲାରେ ନମିଳିଲେ ପାଟି ଆଫାଆଫା
ଚତୁର୍ଦ୍ଦିଗ ଦିଶେ ଫାଙ୍କା
ନାମଟି ମୋହର ଟଙ୍କା (୫)
ବାଚାଳ ମୁଁ କରେ ମୂକ ମଣିଷ
ହଜିଯାଏ ଜ୍ଞାନ ନ ଥିଲେ ପାଖ
ଜୀବନଟା ହୁଏ ବଙ୍କା
ନାମଟି ମୋହର ଟଙ୍କା (୬)

ଶ୍ରୀମାଣିକ ଅଗଛାଇ
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ
ଗୋବରଘାଟୀ, ଯାଜପୁର


Nitima Munda, Govt. High School, Chandikhole

# ସୂର୍ଯ୍ୟ ଓ ଚନ୍ଦ୍ର

ଗୋଟିଏ ଦେଶରେ ଜଣେ ସ୍ତ୍ରୀ ଲୋକ ତାର ପୁଅ ଓ ଝିଅ ସହ ରହୁଥିଲା । ସେ ଅତି ଗରୀବ ଥିଲା । ସେ ନିତି ରାଜାଙ୍କ ଘରକୁ କାମ କରିବାକୁ ଯାଉଥିଲା । ସେଠାରୁ ସେ ଯାହା କିଛି ଆଣୁଥିଲା ତାକୁ ତିନି ପ୍ରାଣୀ କଷ୍ଟରେ ଚଳାଇ ଦେଉଥିଲେ । ଦିନେ ପଡ଼ୋଶୀ ରାଜ୍ୟରୁ ଜଣେ ସୈନ୍ୟ ଆସି ସେ ସ୍ତ୍ରୀ ଲୋକକୁ କହିଲା ଆମ ରାଜାଙ୍କର ଝିଅର ବାହାଘର । ତୁ କାଲି ପ୍ରାସାଦକୁ ଆସି କାମ କର । ତୋ ପରିବାର ପାଇଁ ଖାଦ୍ୟ ଯୋଗାଡ଼ କରିପାରିବୁ । ଏ କଥା ଶୁଣି ସ୍ତ୍ରୀ ଲୋକଟି ଅତ୍ୟନ୍ତ ଖୁସି ହୋଇଗଲା । ତା'ପରେ ଦିନ ପୁଅ, ଝିଅକୁ ଘର ଜଗାଇ ସଅଳ ଘରୁ ବାହାରିଗଲା । ପ୍ରାସାଦରେ ଦିନସାରା କାମ କଲା । ସନ୍ଧ୍ୟା ବେଳକୁ କାମ ସାରି ଘରକୁ ଫେରିବାକୁ ବାହାରିଲା । ପ୍ରାସାଦର ରାଜମାତା ତା' କାମରେ ଖୁସି ହୋଇ ତାକୁ ଏକ ଥଳିପୂର୍ଣ୍ଣ ପିଠା ସହ କିଛି ସ୍ୱର୍ଣ୍ଣମୁଦ୍ରା ଦେଲେ । ସ୍ତ୍ରୀ ଲୋକଟି ଖୁସିରେ ସେ ସବୁ ଉପହାର ଧରି ଘରକୁ ଫେରିଲା । ତାକୁ ପ୍ରଥମେ ଗୋଟିଏ ଛୋଟ ପାହାଡ଼କୁର ଡ଼େଇଁ ଘରକୁ ଫେରିବାକୁ ପଡ଼େ । ପାହାଡ଼ ଅତିକ୍ରମ କଲାବେଳେ ସୂର୍ଯ୍ୟ ଅସ୍ତ ହେବାକୁ ବସିଲେଣି । ଝାପ୍‌ସା ଆଲୁଅରେ ବାଟ ଦେଖି ସେ ଫେରୁଥାଏ । ହଠାତ୍ ଗୋଟିଏ ବାଘ କେଉଁଠି ଥିଲା କେଜାଣି ବାହାରି ସ୍ତ୍ରୀ ଲୋକଟିର ପଛେପଛେ ଆସିଲା । ଆସିବାବେଳେ କହିଲା ନାନୀ ଥଳିରେ କ'ଣ ନଉଛୁ କି ? ସ୍ତ୍ରୀ ଲୋକଟି ବହୁତ ଡ଼ରି ଯାଇଥାଏ । ଥର ଥର କଣ୍ଠରେ କହିଲା ପିଠା । ବାଘ କହିଲା ଦଉନୁ ଗୋଟେ । ପିଠଶ ଗୁଡ଼ାକ ଭାରି ବାସୁଚି । ସ୍ତ୍ରୀ ଲୋକଟି ପିଠାରୁ ଗୋଟେ ତା ପଛକୁ ଫିଙ୍ଗି ଦେଲା । ବାଘ ଟକ୍ କରି ସଙ୍ଗେ ସଙ୍ଗେ ପିଠାଟିକୁ ଗିଳିଦେଲା । ତା ପରେ ଏପରି ଭାବରେ ମାଗି ମାଗି ସବୁଯାକ ପିଠା ଖାଇ ସାରିଦେଲା । ଶେଷରେ ବାଘଟି ସ୍ତ୍ରୀ ଲୋକଟିକୁ ମାରିଦେଇ ଖାଇଦେଲା ଓ ତା ଘରକୁ ଚାଲିଗଲା । ବାଘଟି ସ୍ତ୍ରୀ ଲୋକଟିର ଘରକୁ ଯାଇ କବାଟ ବାଡ଼େଇଲା । ଏହି ଶବ୍ଦ ଶୁଣି ଝିଅ ଓ ପୁଅ ଦୁଇଜଣ ଯାକ ଉଠିଲେ । ସେତେବେଳକୁ ରାତି ହୋଇଯାଇଥାଏ । ପିଲା ଦୁଇଟି ଶୋଇଯାଇଥିଲେ । ଉଠି ପଡ଼ି ଦେଖିଲେ କିଏ କବାଟ ବାଡ଼ଉଛି । ସେ ଦୁଇଜଣ ଯାକ ଟିକେ ଚାଲାକ୍ ଥିଲେ । ପ୍ରଥମେ ସେ ଦୁଇଜଣ ଝରକା ପାଖକୁ ଯାଇ ଦେଖିଲେ ଯେ ତାଙ୍କ ମା ନୁହେଁ ବାଘ ବାଡ଼ଉଛି କବାଟ । ସଙ୍ଗେ ସଙ୍ଗେ ଦୁଇ ଜଣ ବାଡ଼ିପଟ କବାଟ ଖୋଲି ବଗିଚାକୁ ଚାଲିଗଲେ । ଭୟରେ ଦୁହେଁ ଥରୁଥା'ନ୍ତି । ପୁଅଟି ଏକ ଉପାୟ ପାଂଚିଲା । ରୋଷେଇ ଘରକୁ ଯାଇ ଦେଖିଲା ଯେ ବାଘଟି ରୋଷେଇ ଘର କବାଟ ଭାଙ୍ଗିବାକୁ ଲାଗିଛି । ସଙ୍ଗେ ସଙ୍ଗେ ସେଠାରୁ ଦଉଡ଼ି ପଳେଇ ଆସିଲା । ବଗିଚାରେ ଥିବା ବଡ଼ ବରଗଛକୁ ଚଢ଼ିଗଲା ଓ ତାର ଭଉଣୀକୁ ମଧ ଗଛ ଉପରକୁ ଚଢ଼ିବାରେ ସାହାଯ୍ୟ କଲା । ଦୁହେଁ ଗଛର ଗୋଟିଏ ଡ଼ାଳରେ ବସିଲେ । ଘରଟି ଅତି ପୁରୁଣା ହୋଇଯାଇଥିବାରୁ ଓ ଏତେ ଶକ୍ତ ନଥିବାରୁ ବାଘର ଆଘାତରେ ଭୁଷୁଡ଼ି ପଡ଼ିଲା । ବାଘଟି ଆସି ଦେଖିଲା ଦୁହେଁ ଗଛ ଉପରକୁ ଚଢ଼ି ଯାଇଛନ୍ତି । ସେ ତାଙ୍କ ଘରେ ଥିବା ଟାଙ୍ଗିଆକୁ ଆଣି ଗଛର

ମୂଳରୁ ଚାଟେ ଚାଟେ ତାର ଡ଼ାଳ ପର୍ଯ୍ୟନ୍ତ ହାଣିବାକୁ ଲାଗିଲା । ଏହା ଦେଖି ଦୁଇ ଭାଇ ଭଉଣୀ ଭଗବାନଙ୍କୁ ପ୍ରାର୍ଥନା କଲେ । ସେମାନଙ୍କ କଅଁଳ ଡ଼ାକରେ ସ୍ୱର୍ଗରୁ ସିଡ଼ି ଆସିଲା । ସିଡ଼ିରେ ଚଢ଼ି ଦୁହେଁ ସ୍ୱର୍ଗକୁ ଚାଲିଗଲେ । ଏହା ଦେଖି ବାଘ ମଧ ଭଗବାନଙ୍କୁ ପ୍ରାର୍ଥନା କଲା । ଏଥର ସ୍ୱର୍ଗରୁ ପଚା ଘାସରେ ତିଆରି ଏକ ଦଉଡ଼ି ଆସିଲା । ତାକୁ ଧରି ବାଘ ଚଢିବା ସମୟରେ ଦଉଡ଼ିଟି ଛିଡ଼ିଗଲା ଓ ବାଘ ତଳେ ପଡ଼ିଗଲା । ସ୍ୱର୍ଗରେ ଏପଟେ ବିଚାର ଚାଲିଲା । ସବୁ ଦେବତା ଦ୍ୱନ୍ଦରେ ପଡ଼ିଗଲେ ।  ଝିଅ ଓ ପୁଅ ଟିକୁ ରଖିବେ କେଉଁଠି ? ସେମାନଙ୍କର ତ ଆୟୁସ ପୁରିନି ସେମାନେ ଯମ ପୁରକୁ ଯିବେ କେମିତି ? ଶେଷରେ ବିଚାର ଛିଡ଼ିଲା । ସ୍ୱର୍ଗର ରାଜା ଇନ୍ଦ୍ର କହିଲେ ଏ ସାରା ପୃଥିବୀ ଓ ଅନ୍ୟ ଗ୍ରହ ମାନଙ୍କୁ ସୂର୍ଯ୍ୟ ହୋଇ ପୁଅଟି ଦିନରେ ଆଲୋକ ପ୍ରଦାନ କରିବ  ଓ ଝିଅଟି ଚନ୍ଦ୍ର ହୋଇ ରାତିରେ ଆଲୋକ ପ୍ରଦାନ କରିବ । ସେ ଦିନ ଠାରୁ ସେ ଦୁହେଁ ସ୍ୱର୍ଗବାସୀ ହୋଇ ଖୁସିରେ ରହିଲେ ।

**ସ୍ୱର୍ଣ୍ଣପ୍ରଭା ଜେନା**
ନବମ ଶ୍ରେଣୀ,
ତପୋବନ ସରକାରୀବାଳିକା ଉଚ୍ଚ ବିଦ୍ୟାଳୟ (ରାମ୍ପିଲୋ),
ଯାଜପୁର



Mamata Majhi, Govt. High School, Naranpur

## ଜେଜେମା

ନାତି ବସି ଜେଜେ ମାଆର କୋଳରେ
ପଚାରଇ ଜେଜେମାଆ,
ଦିନବେଳ ଦିଶେ ନାହିଁ ତାରା ଗୋଟେ
ରାତିରେ ଦିଶନ୍ତି କିଆଁ ?
ଜେଜେମା' କୋଳରେ ବସିଛନ୍ତି ନାତି
ଦେଖି ଭାବେ ଜହ୍ନ ତାଙ୍କର ସ୍ଥିତି,
ଏଗୁଡିକ ଯଦି ତଳକୁ ପଡ଼ନ୍ତେ
ଚାଙ୍ଗୁଡ଼ିରେ ଭରି ଖେଳନ୍ତି ନିତି ।
ବଡ଼ ହୋଇ ମୁଁ ପାଇଲଟ୍ ହେବି
ନୀଳ ଆକାଶେ ଉଡ଼ି ବୁଲିବି
ଜେଜେ ମା' ମତେ ଆଶିଷ କର,
ଭାବନା ସତ ହେଉ ମୋହର ।
ଗରିବ ଘରର ପିଲା ମୁଁ
ନାହିଁ ଟଙ୍କା ପତର,
ବଡ଼ ହୋଇ ମୁଁ ବିଜ୍ଞାନ ପଢିବି
ରଖିବି ନାଁ ଦେଶର ।



ଶ୍ରୀ ଚିନ୍ମୟ ଯେନା
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବରଘାଟି ହାଇସ୍କୁଲ

## ସବୁଠୁ ଭଲ ଆମ ଘରଟି

ସବୁଠୁ ଭଲ ଆମ ଘରଟି
ରଙ୍ଗ ମାଟିରେ ଲିପା
ମାଆ ଆଙ୍କିଛି ଜାତି ଜାତିକା,
କାନ୍ଥରେ ଦେଇ ଟିପା ।।
ଚିତା ପଡିଛି ହରିଣ, ବଣି
ପାରା ମୟୁର ଶୁଆ,
ଦଉଡ଼ି ଖଟ ଦୁଆରେ ଥୁଆ
ବସଇ ଜେଜେ ମାଆ ।।
ବାଡି ପଟରେ ପଣସ ଗଛ
ଛାଇରେ ଆମ ଖେଳ,
ପୁଷି କହଇ ମ୍ୟାଉଁ ମ୍ୟାଉଁ
ଜେଜେମା ସାଥେ ଗେଲ ।।
ପଣସ ଗଛ ଛାଇରେ ବସି
ଭାଇ ଭଉଣୀ ଜେଜେମା ପୁଷି
ଏକାଠି ଖାଉ ଏକାଠି ଖେଳୁ
ଲାଗଇ ବଡ଼ ଖୁସୀ ।।

ଲବିତା ମଲିକ
୭ମ ଶ୍ରେଣୀ,
ସରକାରୀ ଆଶ୍ରମ ବିଦ୍ୟାଳୟ, ବାଟାଗୁଡ଼ା, କନ୍ଧମାଳ



# ଯମ ଓ ବୁଢା କାଠୁରିଆ

ବୁଢ଼ା କାଠୁରିଆଟି ନିତି ଜଙ୍ଗଲରୁ କାଠ କାଟେ । କଟା କାଠକୁ ସହରରେ ବିକି ଚଳେ । ଦିନେ ସେ କାଠ ବିଡା ମୁଣ୍ଡେଇ ସହରକୁ ବିକି ଯାଉଥିଲା। ଅଧା ବାଟରେ ତା ଅଂଟା କାଠର ଭାରରେ କଟକଟ ଡାକିଲା, ବେକ ବିନ୍ଧି ଉଠିଲା, ଗୋଡରୁ ସବୁତଳ ବଳ ସରି ସରି ଆସିଲା । ସେ ରାସ୍ତା କଡକୁ କାଠ ବିଡାଟି ଭୁସ୍‌କରି ଫୋପାଡି ଦେଇ ଗୋଟେ ଗଛକୁ ଆଉଜି ବସି ପଡିଲା । ଟିକିଏ ଦମ୍ ନେଇ କିଛି ସମୟ ପରେ କହିଲା ଯମଟା ମତେ ନେଇ ଯାଆନ୍ତା ଭଲା ମୁକ୍ତି ମିଳିଯାଆନ୍ତା, ନିଇତି ଆଉ ଏ ବୁଢ଼ା ବୟସରେ କାଠ ମୁଣ୍ଡେଇ ସହରକୁ ଯିବାକୁ ପଡନ୍ତାନି । ବୁଢ଼ାର ଡାକ ଶୁଣି ତତ୍‌କ୍ଷଣାତ୍ ଯମରାଜ ଆର୍ବିଭାବ ହେଲେ । ବୁଢା କାହିଁକି ତାଙ୍କୁ ସ୍ମରଣ କଲା ବୋଲି ପଚାରିଲେ ହଡବଡେଇ ଯାଇ ଭୟରେ ଥରି ଥରି ବୁଢ଼ା କହିଲା ନାହିଁ ସେ କିଛି ନୁହେଁ, ଏ କାଠ ବିଡାଟାକୁ ମୋ ମୁଣ୍ଡକୁ ଟିକେ ଉଠେଇ ଦବାକୁ ମୁଁ ଆପଣଙ୍କୁ ଡାକୁଥିଲି ।

କୁମାରୀ ମମିତା ପାତ୍ର



Kadambini Munda

## ମୋ ଗାଁ

ସବୁଠୁ ସୁନ୍ଦର ଗାଁଆଟି ମୋର
ନାଆଁଟି ତାର କି ମନୋହର ।।
ସବୁଜ ପାହାଡ଼ ସବୁଜ ବଣ
ମନ ଟାଣିନିଏ ଗହନ ବନ ।।
ଟିକି ଝରଣାର ମଧୁର ଜଳ,
ସେଇ ଜଳ ପିଇ ଚଳ ଚଂଚଳ,
ଅଙ୍କାବଙ୍କା ନଇ ଯାଉଛି ବହି
କାନେ, କାନେ କେତେ କଥାଟି କହି ।
ଦିନରେ ସୂରୁଯ ଆଲୋକ ଦିଏ
ସଞ୍ଜ ହେଲେ ଜହ୍ନ ଆକାଶେ ଉଏଁ,
ଜୀବଥିବା ଯାଏ ଏ ଦେହେ ମୋର
ଭୁଲି ନ ପାରିବି ଗାଁଆକୁ ମୋର ।

ପ୍ରିୟଦର୍ଶିନୀ ପ୍ରଧାନ
ଷଷ୍ଠ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ,
ବାଟାଗୁଡ଼ା, କନ୍ଧମାଳ



Tapaswini Dehury, Govt. Girl's High School,
Revaha Palash Pal

## ସରଗି ଫୁଲ

ସରଗି ଫୁଲ ସରଗି ଫୁଲ
ଆମେ ସରଗର ଫୁଲ,
ବଣ ପରବତ ଆମରି ମାଆ-
ସାଥି ଏ ବଣ ଜଙ୍ଗଲ ।
ଆମ୍ବ ପଣଷ କେନ୍ଦୁ ମହୁଲ
ଖଜୁରୀ ଆଦି ଫଳ
ଖଲି ପତର ତିଆରି କରି
ପାଉଚୁ ଆମେ ମୂଲ ।
ଆମରି ପାଇଁ ଖୋଲା ହୋଇଛି
ଆଶ୍ରମ ଇସ୍କୁଲ
ରହିବାପାଇଁ ସୁବିଧା ଅଛି
ଶହେ ସିଟ୍ ହଷ୍ଟେଲ ।
ବହି ପୋଷାକ ଖଟ ବିଛଣା
ମଶାରୀ ସବୁ ମାଗଣା
ଥ୍ରୀ ଟାୟର ସିକ୍ୟୁରିଟିରେ
ହଷ୍ଟେଲେ ପଶିବା ମନା ।
ଡ଼ାଲି ତରକାରୀ ଭାତ ମାଉଁସ
ଖାଇବା ଅଣ୍ଡା ଝୋଳ,
ଖୁସିରେ ଖାଇ ରହିବା ଆମେ
ନ କରି ଗଣ୍ଡଗୋଳ ।
ଟୋଲ୍‌ଫ୍ରିରେ କଥା ହୋଇବା
ନାଆଁ ତା'ହାର ସଂଯୋଗ
ମେଡ଼ିକାଲକୁ ଯିବାରେ ଆମେ
ହେଲେ ଆମକୁ ରୋଗ ।

ବସନ୍ତ କୁମାର ବଳିୟାରସିଂହ
C.C.A., ସରକାରୀ ଆଶ୍ରମ ବିଦ୍ୟାଳୟ
ବାଟାଗୁଡ଼ା, କନ୍ଧମାଳ

# ଗର୍ବରୁ ପତନ

ଜଣେ ଅତି ଧନୀ ଲେଖକ ଥିଲେ। ଧନ ତାଙ୍କୁ ଏମିତି ଗର୍ବିତ କରିଦେଇଥିଲା ଯେ ତାଙ୍କୁ ମଣିଷ ଭଳି କେହି ଦିଶୁ ନଥିଲେ। ସାଧାରଣ ଲୋକଙ୍କ କଥା ଛାଡନ୍ତୁ; ପ୍ରତିଷ୍ଠିତ ଲେଖକଙ୍କୁ ବି ସେ ଖାତିର କରୁନଥିଲେ। ତାଙ୍କ ସ୍ତ୍ରୀ ଥିଲେ ପୂରାପୂରି ବିପରୀତ ସ୍ୱଭାବର। ସେ ବାରମ୍ବାର ନିଜ ସ୍ୱାମୀଙ୍କୁ କହୁଥିଲେ ଯେ - ଦେଖ, ତୁମେ କିଛି ନୁହେଁ। ତୁମ ହାତରେ କିଛି ନାହିଁ। ତେଣୁ ତମେ ଆଜି ଯାହା ବି ପାଇଛ ସେଥିଲାଗି ସବୁବେଳେ କୃତଜ୍ଞ ରୁହ। କିନ୍ତୁ ଧନୀ ଲୋକ ନିଜ ସ୍ତ୍ରୀଙ୍କ କଥା ଶୁଣିଲେ ଦୂର ଦୂର ମାର ମାର କରନ୍ତି। ଦିନକର କଥା। ଧନୀ ବ୍ୟକ୍ତି ଆନନ୍ଦରେ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନ ଖାଉଥାଆନ୍ତି। ହଠାତ୍ ମାଛର କଂଟାଟିଏ ତାଙ୍କ ଗଳାରେ ଅଟକି ଗଲା। ତାହା ଆଉ ବାହାରିଲା ନାହିଁ ଏବଂ ଭୀଷଣ କଷ୍ଟ ଦେଲା। ସେ ଅନେକ କିଛି ଉପାୟ କଲେ କିନ୍ତୁ ନିସ୍ତାର ମିଳିଲା ନାହିଁ। ସେ ବୈଦ୍ୟଙ୍କୁ ଡକାଇ ପଠାଇଲେ। କିନ୍ତୁ ବୈଦ୍ୟ ଅନ୍ୟ କିଛି କାମରେ ଏମିତି ବ୍ୟସ୍ତ ଥିଲେ ଯେ ଆସିପାରିଲେ ନାହିଁ। ସୁତରାଂ ନିଜେ ଧନୀ ବ୍ୟକ୍ତି ବିକଳ ହୋଇ ତାଙ୍କ ଘରକୁ ଦୌଡ଼ିଲେ। ବୈଦ୍ୟ ଦେଖି କହିଲେ - ବହୁତ ସମସ୍ୟା। କଂଟା ଯେଉଁଠି ଓ ଯେମିତି ଭାବରେ ଅଟିକିଛି ତାହା ବାହାରିପାରିବ ନାହିଁ। ତେବେ ଯନ୍ତ୍ରଣା ଉପଶମ ଲାଗି କିଛି ଔଷଧ ଦେଉଛି ନିଅନ୍ତୁ।

ଧନୀ ବ୍ୟକ୍ତି ବିକଳରେ ବୈଦ୍ୟଙ୍କୁ ପଚାରିଲେ - ଏହାର ପରିଣତି କଅଣ ହୋଇପାରେ ? ବୈଦ୍ୟ କହିଲେ - କିଛି କହିହେବନାହିଁ। ଭିତରେ ରହି ପାଚିଗଲେ ସ୍ଥିତି ଖରାପ ହୋଇପାରେ। ଧନ୍ୟ ବ୍ୟକ୍ତିଙ୍କର ବୁଦ୍ଧି ହଜିଗଲା।

ତାଙ୍କର ମନ ସେଇ କଂଟାରେ ଅଟକିଗଲା। ନିଜ ବୈଭବ ପ୍ରତିପ□ ପ୍ରଭାବ, ଗର୍ବ ସବୁ କୁଆଡ଼େ ଚାଲିଗଲା। ସେ ବିକଳ ହୋଇ ଯାହାକୁ ଦେଖିଲେ ମାଛ କଂଟାରୁ କେମିତି ମୁକ୍ତି ପାଇବେ ତାର ବାଟ ପଚାରିଲେ। ଶେଷରେ ଜଣେ ବିଚକ୍ଷଣ ଲୋକ ଏକ ଉପାୟ କରି କଂଟାକୁ ବାହାର କରିଦେଲା। ଧନୀ ବ୍ୟକ୍ତି କୃତଜ୍ଞତାରେ ତାକୁ କୁଣ୍ଢାଇ ପକାଇଲେ।

ପରଦିନଠାରୁ ତାଙ୍କର ଚୈତନ୍ୟ ଉଦୟର ପ୍ରମାଣ ମିଳିଲା। ସେ ଆଉ ଗର୍ବୀ ନ ଥିଲେ, ଅମାୟିକ ହୋଇଯାଇଥିଲେ। ସ୍ତ୍ରୀଙ୍କୁ ସେ କହିଲେ - ତମେ ଯାହା କହିଛ ତାହା ଠିକ୍ । ଗୋଟିଏ ସାମାନ୍ୟ ମାଛ କଂଟା କେଇ ଘଂଟା ଭିତରେ ମୋତେ ଏଭଳି ବିବ୍ରତ କରିଦେଲା ଯେ ମୁଁ ସବୁ ଭୁଲିଗଲି।

ସୁନିତା ନାୟକ
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ,ନାରାୟଣପୁର

## ପାଠ

ପାଠ ପଢା ନୁହେଁ ମନ ମୋଟିଆରେ
ପାଠକୁ ଦିଅ ଧ୍ୟାନ,
ଯେଉଁଠାକୁ ଯିବ ସେଠାରେ ପାଇବ
ବହୁ ଆଦର ସମ୍ମାନ।
ବାଲୁଙ୍ଗାମି କଲେ ଦୁଃଖ ଭୋଗିବୁରେ
ଯେ ଯାଏଁଥିବ ପରାଣ
ମଲାପରେ ଏ ଜଗତ କହିବ
ଧିକ ତୋ ଏ ଜୀବନ।
କଲମ ଧରି ବାଟ ଚ଼ଲିଲେ
କଲମ ଯିବନି ଭାଙ୍ଗି,
ବିପତି କାଳରେ ନଥିବେ କେହିଁ
ସିଏ ହେବ ତୋର ସଙ୍ଗି ।
ଅଳପ ପାଠରେ ନ ହୁଅ ସନ୍ତୁଷ୍ଟ
କର ବାରମ୍ବାର କଷ୍ଟ
ପଥର ଦିନେ ବି ପତର ହୋଇବ
ଦେଖିବ ନିଜେ ସ୍ୱଷ୍ଟ ।
ପାଠ ପଢି ଯିଏ ବଡ ମଣିଷ ହେବ
ମନହୁଏ ପୁଲକିତ
ଚେଷ୍ଟା କଲେ ଭାଇ ତୁମେ ବି ହେବ
ମୁଁ କହୁଛି ସତସତ ।

ରୁପଶ୍ରୀ ବାନାରା
ନବମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ, କପିଳାଶ

## ହେ ମୋ ପ୍ରିୟ ବିଦ୍ୟାଳୟ

ତୁମ ନାଁ ଶୁଣି କେତେ ମୁଁ କାନ୍ଦିଲି
ହେ ମୋ ପ୍ରିୟ ବିଦ୍ୟାଳୟ
ସେ ଦିନ ତୁମକୁ ଡରୁଥିଲି ବୋଲି
ଆଜି ନାହିଁ ଭୟ।
ଶୁଣିଥିଲି ପରା କାନ ମୋଡ଼ ତୁମେ
ଦିଅ ପୁଣି ମାଡ଼ ଗାଳି
ଭାବିଥିଲି ଗଲେ ତୁମ ଅଗଣାକୁ
ସରିବ ମୋ ଖେଳାଖେଳି।
ଯିବି ନାହିଁ ବୋଲି ତୁମ ଦୁଆରକୁ
ଭାଙ୍ଗିଲି ସିଲଟ ଖଡ଼ି
ବାପା ବୋଉ ମୋତେ ଯେତେ ବୁଝାଇଲେ
କାନ୍ଦିଲି ମୁଁ ରଡ଼ିଛାଡ଼ି।
ଭାଇଠାରୁ ଶୁଣି ମନ ମୋ ବୁଝିଲା
ଆସିଲି ସାଥିରେ ଦିନେ
ସବୁଭୟ ମୋର ଦୂର ହୋଇଗଲା
କି ମନ୍ତର ଦେଲ କାନେ
କେତେ ନୂଆ କଥା ଶିଖାଇଲ ମୋତେ
ଖେଳାଇଲ କେତେ ଖେଳ
ସାଙ୍ଗସାଥୀ ମେଳେ ଦିନ ସରିଗଲା
ଜାଣି ପାରିଲନି ବେଳ।

ଆକାଂଶା ପ୍ରଧାନ
ନବମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ, କଡମ୍ବା


# ଇର୍ଷାର ପରିଣାମ

ଗୋଟିଏ ଗାଁରେ ସୁରେଶ ବାବୁ ନାମକ ଜଣେ ବ୍ୟକ୍ତି ବାସ କରୁଥିଲେ । ସେ ଥିଲେ ଭାରି ଗରିବ । ମାତ୍ର ତାଙ୍କର ପଡ଼ୋଶୀ ଜଣକ ଥିଲେ ବହୁତ ଧନୀ । ତେଣୁ ତାଙ୍କର ସେହି ପଡ଼ିଶା ଘର ପ୍ରତି ଇର୍ଷା ହେଉଥିଲା । ଏକଦା ଜଣେ ସନ୍ଥ ସେହି ଗ୍ରାମକୁ ଆସିଥିଲେ । ରାତ୍ରି ହୋଇଯିବାରୁ ସନ୍ଥ ଜଣଙ୍କ ସେହି ଗରିବ ତାଙ୍କ ସ୍ତ୍ରୀ ସନ୍ଥଙ୍କର ସହାର କଲେ । ସକାଳୁ ସନ୍ଥ ଜଣଙ୍କ ସେହି ସ୍ଥାନ ଛାଡ଼ିବା ପୂର୍ବରୁ ତାଙ୍କୁ କିଛି ମାଗିବାକୁ କହିଲେ । ସେମାନେ ଯେତେ ଚାହିଁବେ ଯେମିତି ସେତେ ଧନ ପାଇପାରିବେ ସେହି ବର ଦେବାଙ୍କୁ ସ୍ୱାମୀ ସ୍ତ୍ରୀ ଦୁହେଁ ସନ୍ଥ ଜଣଙ୍କୁ ଅନୁରୋଧ କଲେ । ତାହାହିଁ ହେବ, କହି ସନ୍ଥ ଜଣଙ୍କ ସେହି ସ୍ଥାନ ପରିତ୍ୟାଗ କଲେ । ଅଳ୍ପ କିଛି ଦିନ ମଧ୍ୟରେ ସେମାନେ ସେହି ଅଂଚଳର ସବୁଠାରୁ ବଡ଼ ଧନୀ ଲୋକ ହୋଇଗଲେ । ତେଣୁ ସେମାନେ ଖୁସିରେ ରହିଲେ । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ଦୁଃଖ ଆସିଲା । କିପରି ଏତେ ଧନ ସଂପତିକୁ ସାଇତି ରଖିବେ ତାକୁ ନେଇ ସେମାନେ ଚିନ୍ତିତ ହେଲେ । ସେମାନଙ୍କର ପିଲାମାନେ ଗର୍ବୀ, ଅହଙ୍କାରୀ ହୋଇଗଲେ । ସେମାନେ ଅବାଟରେ ଯିବାକୁ ଲାଗିଲେ । ପିଲାମାନଙ୍କ କଥା ଚିନ୍ତା କରି ସେମାନେ ଦୁଃଖରେ ଦିନ କାଟିଲେ । କିଛି ବର୍ଷ ଅନ୍ତରେ ସେହି ସନ୍ଥ ଜଣଙ୍କ ପୁଣି ସେହି ଗ୍ରାମକୁ ଆସିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ସନ୍ଥଙ୍କ ନିକଟକୁ ଯାଇ ନିଜର ସବୁ ଦୁଃଖ କଥା କହିଲେ । ସନ୍ଥ ଜଣଙ୍କ ସ୍ମିତହାସ୍ୟ କରି କହିଲେ ବତ୍ସ - ତୁମର ଦୁଃଖର ଅନ୍ୟ କୌଣସି କାରଣ ନାହିଁ । କେବଳ ଇର୍ଷା । ତୁମେ ତୁମ ସ୍ଥିତିରେନ ରହି ପଡ଼ୋଶୀଙ୍କ ଅବସ୍ଥାକୁ ଦେଖି ଇର୍ଷା କଲ । ଫଳରେ ତୁମେ ସବୁଠାରୁ ବଡ଼ ଧନୀ ହୋଇ ମଧ୍ୟ ଆଜିର ଦୁଃଖରେ ଦିନ କାଟୁଛ । ତେଣୁ ତୁମେ ତୁମ ମନରୁ ଇର୍ଷା ଭାବ ଦୂର କର । ସମସ୍ତଙ୍କୁ ଭଲ ପାଅ । ଦେଖିବ ଦୁନିଆଁଟା ତୁମକୁ ସୁନ୍ଦର ଲାଗିବ ଓ ତୁମେ ମଧ୍ୟ ଶାନ୍ତିରେ ବଂଚିପାରିବ ।

ନୀତିଶିକ୍ଷା :- ଆମେ କୌଣସି ଲୋକଙ୍କୁ ଇର୍ଷା କରିବା ନାହିଁ । ସମସ୍ତଙ୍କୁ ଭଲ ପାଇବା ଉଚିତ ।

"ଇର୍ଷା ଭାବ ମନରୁ କରିବା ଦୂର
କେବେ କାହାରିକୁ ଆମେ ନ ଭାବିବା ପର"

**ସଂଗ୍ରାମ କେଶରୀ ରାମ**
ସହକାରୀ ଶିକ୍ଷକ
ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ରାମ୍ପିଲୋ),
ଦାଶଦୀ, ଯାଜପୁର



A.A. Mohapatra, Govt. High School, Naranpur

# ମା

ଜୀବନର ଚଲାପଥେ ମା'ତୁ
ଅଟୁ ଏକା ମୋର ସାହା
ଜନମରୁ ମୃତ୍ୟୁଯାଏ ତୁ
ଏକା ମୋର ରାହା ।।୧।।
ତୋ ପଣତ କାନି ଅଟେ
ବୈକୁଣ୍ଠ ସମାନ
ତାଙ୍କ ରହିଥିବ ମୋତେ
ସାରା ଏ ଜୀବନ ।।୨।।
ତୋ ମମତା ଅଟଇ
ସେନେହ ସୁଧା
ସନ୍ତାନ ପାଇଁ ତୁ
ଉଦାର ବସୁଧା ।।୩।।
ଅମୃତ ପିଆଇ ମୋତେ
ବଡ ତୁ କରିଛୁ
ଅହରହ ଦିବାରାତ୍ରୀ
ଆଶିଷ ଢାଳିଛୁ ।।୪।।
ତୋ ହାତ ତିଆରି ଖାଦ୍ୟ
କେତେ ସୁମଧୁର
ନ ଭୁଲିବି ମୁଁ କେବେ
ତୋ ମଧୁର ସ୍ୱର ।।୫।।
ପାଳିଛୁ ମୋତେ ତୁ
କେତେ କଷ୍ଟ ସହି
ନ ଦେବି ତୋ ମନେ
କେବେ ଦୁଃଖ ମୁହିଁ ।।୬।।
କରୁଛି ଶପଥ ମୁହିଁ
ତୋରି ପାଖରେ
ମା' ଶବ୍ଦକୁ ଅବମାନନା
ନ କରିବି ଜୀବନରେ ।।୭।।

ମୋନାଲିସା ମାନସିଂ
ଦଶମ ଶ୍ରେଣୀ, ସରକାରୀ ଆଶ୍ରମ ବିଦ୍ୟାଳୟ,
ନାରଣପୁର, କେଉଁଝର

# ଦୋଳି ଗୀତ

ରଜଦୋଳି ପାଇଁ ମନ
କିଏ ବାନ୍ଧିଦେବ ମୋ ଲାଗି ଦୋଳିଲୋ
ଭାଇ ତ ଖଟେ ଦାଦନ
କେତେ କରିଥିଲି ଆଶା
ହଳ ଲଗାଣ ହେଇଛି କାଳିଲେ
ହଜିତ ଗଲା ବରଷା ।
ଦୋଳିଗୀତ ମନେ ନାହିଁ
କେମିତି କୋଉଠି ଖେଳିବ ଦୋଳିରେ
ଦୋଳି ପାଇଁ ଗଛ କାହିଁ ।
ଆକାଶେ ମାଟିଆ ଚିଲ
ଭାଉଜଙ୍କ ହାର କିଣିବା ପାଇଁଲୋ
ଭାଇ ବିକିଦେଲା ବିଲ ।
କିଆ କେତକୀ ତ ନାହିଁ
ସବୁଠି ତ ଛିଡ଼ା ଜଳ କାରଖାନା
ଗାଧୋଇବା ପାଇଁ
ବସୁମତି ଆଉ କାହିଁ ।
ସନ୍ତାନର ନାହିଁ ମୂଲ,
ଦୋଳି ଫୋଳି ଗୀତ ଭୂଲିଯା ବଉଳ
ଚାଲ୍ ଦେଖିବା ଶାଶୁ ବୋହୂ ସିରିଏଲ୍

ସବିତା ଗଣ୍ଡ
ଅଷ୍ଟମ ଶ୍ରେଣୀ, ଡାବୁଗାଁ

# କର୍ମର ଫଳ ଭୋଗିବାକୁ ପଡ଼ିବ

ଥରେ ଗୋଟିଏ ଜଙ୍ଗଲରେ ଜଣେ ସ୍ତ୍ରୀ ଲୋକ ଓ ତା'ର ପୁଅ ଫଳମୂଳ ସଂଗ୍ରହ କରୁଥିବା ବେଳେ ହଠାତ୍ ଗୋଟିଏ ସାପ ଆସି ବାଳକକୁ କାମୁଡ଼ି ଚାଲିଗଲା । ଫଳରେ ବାଳକଟି ସାପ କାମୁଡ଼ାରେ ଶୋଇଗଲା । ଏ ଦୃଶ୍ୟ ଦେଖି ତା'ର ମା' କାନ୍ଦିବାକୁ ଲାଗିଲେ । ଜଣେ ମହାତ୍ମା ସେହି ଜଙ୍ଗଲ ମଧ ଦେଇ ଯାଉଥିବାବେଳେ ସ୍ତ୍ରୀ ଲୋକଟିର କ୍ରନ୍ଦନ ଶୁଣି ତାଙ୍କ ନିକଟକୁ ଗଲେ । ସେ ସ୍ତ୍ରୀ ଲୋକଟିକୁ ପଚାରିଲେ ମା' କାହିଁକି କାନ୍ଦୁଛ ? ମହାତ୍ମାଙ୍କ କଥା ଶୁଣି ସ୍ତ୍ରୀ ଲୋକଟିର କୋହ ଆହୁରି ବଢିଗଲା ଏବଂ ସେ କାନ୍ଦି କାନ୍ଦି କହିଲା, "ମୋର ଏକ ମାତ୍ର ପାଂଚ ବର୍ଷର ନିରୀହ ପୁତ୍ରଟି ସାପ କାମୁଡ଼ାରେ ଶୋଇଯାଇଛି । ମହାତ୍ମା ଜଣକ ନିଜର ସିଦ୍ଧି ବଳରେ ସର୍ପକୁ ଡ଼କାଇ କହିଲେ, ଏ ପିଲାଟିକୁ ଆଘାତ ଦେଇ ମୃତ୍ୟୁ ମୁଖରେ ପକାଇଥିବାରୁ ମୁଁ ତୁମକୁ ଏ ମୁହୁ□ରେ ଦଣ୍ଡ ଦେବି । ସର୍ପ କହିଲା, 'ମହାତ୍ମା ! ମୋର ତିଳେ ମାତ୍ର ଦୋଷ ନାହିଁ । ମୃତ୍ୟୁ ଦେବତା ମୋତେ ଆଦେଶ ଦେଇଥିବାରୁ ମୁଁ ପିଲାଟିକୁ ଦଂଶନ କରିଛି । ମହାତ୍ମା ତତ୍କ୍ଷଣାତ୍ ମୃତ୍ୟୁ ଦେବତାଙ୍କୁ ଆହ୍ୱାନ କଲେ । ସର୍ପକୁ କାହିଁକି ଦଂଶନ ଆଦେଶ ଦେଲେ ବୋଲି ପଚାରିବାରୁ ମୃତ୍ୟୁ ଦେବ କହିଲେ, 'ହେ ମହାତ୍ମା ! ମୋର କିଛି ଦୋଷ ନାହିଁ । ମତେ କାଳ ଆଦେଶ ଦେଇ କହିଲେ, ପିଲାଟିର ଆୟୁଷ ଶେଷ ହୋଇଛି, ତା'ର ମୃତ୍ୟୁ ବିଧାନ କର । ମୁଁ ସେଥିପାଇଁ ସର୍ପକୁ ଆଦେଶ ଦେଇଥିଲି । ମହାତ୍ମାଙ୍କ ଆଦେଶରେ କାଳଦେବ ଉପସ୍ଥିତ ହେଲେ । ମହାତ୍ମା ପଚାରିଲେ ଆପଣ କାହିଁକି ଏ ପ୍ରକାର ଆଦେଶ ଦେଲେ ? କାଳ କହିଲା, ମହାତ୍ମା ! ଏ ବାବଦରେ ମୁଁ ନିର୍ଦ୍ଦୋଷ । ମୋର କାମ ହେଲା ଜୀବ ମାନଙ୍କ କର୍ମଫଳ ବିଧାନ କରିବା । ସେଥିପାଇଁ ମୋର ନାଁ ବିଧାତା । ଏ ବାଳକ ତା'ର ପୂର୍ବ କର୍ମଫଳ ସ୍ୱରୁପ ଅଳ୍ପାୟୁ ହେଲା । କାଳର କଥା ଶୁଣି ମହାତ୍ମା ଏକ ଶୂନ୍ୟ ବିକଳ ଦୃଷ୍ଟିରେ ପୁତ୍ରହରା ମାଆକୁ ଚାହିଁ ରହିଲେ ସିନା, ସେ ଆଉ କିଛି କରିପାରିଲେ ନାହିଁ ।

**ସଞ୍ଜୟ କୁମାର ଦେହୁରୀ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର



Rukmani Tanty, Govt. High School, Naranpur

## ପୁଷ ମାସ

ବରଷକେ ଥରେ ପୁଷ ମାସ ପରା
ଧରାକୁ ଆସିଚି ବୁଲି,
ସାଙ୍ଗରେ ଆଣିଚି ଧନୁମୁଆଁକୁ ଲୋ
ସୁଆଦ ତାହାର ଭାରି
ଲକ୍ଷ୍ମୀ, ନାରାୟଣ ପୂଜା ପାଉଛନ୍ତି
ମଣ୍ଡପ ଉପରେ ବସି,
ଆଣିଚି ବକୁଳ ଅମାବାସ୍ୟା ସିଏ
ଆୟଗଛ ମନ ଖୁସି ।
ଦିନ ତ ବଢିବ ରାତି କମିଯିବ
ଆଣିଚି ସେ ବଡ଼ ଦିନ
ବରଗଡ଼େ ଧନୁ ଯାତରା ହୋଇବ
କଂସ ହୋଇବ ନିଧନ ।
ଶାମ୍ୱ ଦଶମୀରେ ସ୍ୱରୁଜ ଦେବତା
ପୂଜିବେ ମରତବାସୀ
କ୍ଷେତର ଧାନକୁ ଖଳାକୁ ଆଣୁଚି
ଚଷା ପୁଅ ହୋଇ ଖୁସି
ଆଇ  ମୋ କହୁଚିଏ ପୁଷୁମାସିଆ
ଜାଡ଼ଟା ହଉଚି ଭାରି
ଘୋଡ଼େଇ ଘାଡ଼େଇ ଦିଅ ମତେ ଖଣ୍ଡେ
ଥରେ ମୋ ଅଷ୍ଟାଙ୍ଗ ଶରୀର

ବିମଳା  ନାୟକ
ଦଶମ ଶ୍ରେଣୀ



Manjulata Dehury, Govt. High School

## ବଡ଼ ଘାଘରାର ସୁରକ୍ଷା

ବଡ଼ ଘାଘରାର ସୁରକ୍ଷା ପାଇଁ
ଆସନ୍ତୁ ଶପଥ ନେବା ହେ ଭାଇ ।
ଏହି  ପ୍ରପାତର ମାନ ମହତ
ରଖିବାକୁ ଭାଇ ବଢ଼ାଅ ହାତ ।
ସମସ୍ତେ ଯେବେ ଏକଜୁଟ ହେବା,
ଘାଘରା କୁ ଆଗେଇ ନେବା
ଜଳଧାରା ତାର ହେଉ ନିର୍ମଳ,
ତାକୁ ପିଇ ହେବା ଆମେ ସୁବଳ
ଜଙ୍ଗଲକୁ ତା'ର ରକ୍ଷା କରିବା
ବିବିଧ ରୋଗରୁ ମୁକ୍ତି ପାଇବା ।
ଉତ୍‌ଫୁଲ୍ଲିତ ଜୀବଜନ୍ତୁ ରହିବେ
ଦର୍ଶକେ ଆନନ୍ଦେ ମଗନ ହେବେ ।
ଦେବଦେବୀଙ୍କର ଏ ଅପୂର୍ବ ସ୍ଥାନ,
ଘାଗରା ଭୂମିର ବଢିବ ମାନ
ଦର୍ଶକଙ୍କ ଇଏ ଦର୍ଶନସ୍ଥଳୀ
ଡ଼ିସେମ୍ବର ମାସେ ପଡ଼େ ଉଚ୍ଛୁଳି ।
ଘାଗରା ଗାଁର ଯେତେ ନିବାସ,
ହୋଇଯିବ ସବୁ ଯାତ୍ରୀଙ୍କ ବାସ ।
ନବୀକରଣ କରି ଜଙ୍ଗଲ କରିବା
ମରୁଡ଼ିବାତ୍ୟାରୁ ରକ୍ଷା ପାଇବା ।
ବୃକ୍ଷରୋପଣ ଯେତିକି କରିବା,
ମୃତିକା କ୍ଷୟକୁ ରୋକି ପାରିବା ।

କୁମାରୀ ସାବିତ୍ରୀ କଟେଇ
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ,
ନରଣପୁର, କେନ୍ଦୁଝର

# ରାଜା ବେଶ

ସେ ଦିନ ଗାଁରେ ଗୋଟିଏ ନାଟକ ମଂଚସ୍ଥ ହେଲା। ଗାଁର ବଛା ବଛା କଳାକାର ଏଥିରେ ଅଭିନୟ କଲେ। ନାଟକ ଆୟୋଜନକାରୀ ମାନେ ଅଭିନେତା ମାନଙ୍କୁ କୌଣସି ଉପହାର ଟଙ୍କା ପଇସା ଆକାରରେ ଦେଲେନାହିଁ। ଅଭିନୟରେ ଯିଏ ଯେଉଁ ପୋଷାକ ପିନ୍ଧିଥିଲା, ସେଗୁଡ଼ିକ ସେମାନଙ୍କୁ ଉପହାର ଆକାରରେ ଦିଆଗଲା ବୋଲି ଘୋଷଣା କରିଦେଲେ। ବୁଦ୍ଧୁରାମ ରାଜା ଭୂମିକାରେ କରୁଥିଲା ଅଭିନୟ। ତାକୁ ମିଳିଗଲା ରାଜା ପୋଷାକ। ଅଭିନେତା ମାନେ ନିଜ ନିଜର ପୋଷାକ ସବୁ ଉତାରି ଦେଲେ ଆଉ ଯତ୍ନରେ ସାଇତି ରଖିଲେ। ହେଲେ ବୁଦ୍ଧୁରାମ ତା ପୋଷାକ ଓହ୍ଲାଇଲା ନାହିଁ। ପୋଷାକ ପିନ୍ଧି ମନକୁ ସତ ସତିକା ରାଜା ବୋଲି ଭାବିଦେଲା। କଥାବାର୍ତ୍ତା, ଭାବଭଙ୍ଗୀ ସବୁଥିଲେ ରାଜା ପରି ଆଚରଣ ଦେଖାଇଲା। ଆସି ପଂହଚିଲା ଘରେ। ନାଟକ ପୋଷାକ ଉତାରି ଦିଅ - ଘରେ ପହଂଚୁ ପହଂଚୁ ବୁଦ୍ଧୁରାମର ସ୍ତ୍ରୀ କହି ଉଠିଲା। ସେ ଗୋଟିଏ ଭାରି ଭଲ ସ୍ତ୍ରୀ ଲୋକ। ତା'ର ଜ୍ଞାନ ପଢି, ବୁଝିବାର ବି ଶକ୍ତି ଅଛି। ସେ ଠିକ୍ ଭାବରେ ସ୍ୱାମୀର ଦେଖାଶୁଣା କରେ। ସ୍ୱାମୀର ସେବାରେ କେବେ ହେଳା କରେ ନାହିଁ। ବୁଦ୍ଧୁରାମ ବି ସ୍ତ୍ରୀକୁ ବହୁତ ଭଲପାଏ। ପ୍ରାଣ ଠାରୁ ଅଧିକ। ବୁଦ୍ଧୁରାମ ସେ ଦିନ ଟିକିଏ ଉତ୍ୟକ୍ତ ହୋଇପଡ଼ିଲା। କାରଣ ଅଭିନୟରେ ସେ କହୁଥିଲା ଉତ୍ୟକ୍ତ ସଂଳାପ। ସେ ଅଭିନୟରେ ଏମିତି ମଜ୍ଜିଯାଇ ଯାଇଥିଲା ଯେ, ଘରୁ ଆସି ଗୋଟାପଣେ ରାଜା ବୋଲି ଭାବୁଥିଲା ନିଜକୁ। 'ଅଧିକ କଥା କହ ନାହିଁ'। ବୁଦ୍ଧୁରାମ ଦୃଢ଼ ସ୍ୱରରେ ସ୍ତ୍ରୀକୁ କହିଲା, ପୁଣି



କହିଲା 'ତୁମେ କ'ଣ ଜାଣିପାରୁନାହଁ, ମୁଁ ରାଜା ବୋଲି ? ସ୍ତ୍ରୀ ବିଚ୍ରାରୀ ବଡ଼ ଚିନ୍ତାରେ ପଡ଼ିଗଲା ଭାବିଲା, ତା' ସ୍ୱାମୀ କ'ଣ ପାଗଳ ହୋଇଗଲେ ନା କ'ଣ ? ପୁଣି ମନକୁ ସାନ୍ତ୍ୱନା ଦେଇ ଭାବିଲା, 'ହଁ' ରାତିରେ ଭଲ ନିଦ ହୋଇଗଲେ ସକାଳକୁ ସବୁ ଠିକ୍ ଠାକ୍ ହୋଇଯିବନି କି ?

ପରଦିନ ସକାଳ ହେଲା। ହେଲେ ବୁଦ୍ଧୁରାମର ଆଚାର ବ୍ୟବହାରରେ କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ। ସେ ଜୋର୍‌ରେ ଚିତ୍କାର କହି ଉଠିଲା, 'ମହାମନ୍ତ୍ରୀ'! ! ତାଙ୍କ ଘରେ ଥିବା କୁକୁରଟିର ନାଁ ଦେଇଥାଏ 'ମନ୍ତ୍ରୀ'!! ସେ ମାଳିକର କଥା ଶୁଣି ଲାଙ୍ଗୁଡ଼ ହଲାଇ ହଲାଇ ସଙ୍ଗେ ସଙ୍ଗେ ବୁଦ୍ଧୁରାମ ପାଖରେ ଆସି ହାଜର ହୋଇଗଲା।

'ଚାଲ ମହାମନ୍ତ୍ରୀ ! ଶିକାରକୁ ଯିବା ଚାଲ' ବୁଦ୍ଧୁରାମ କୁକୁରକୁ ନିର୍ଦ୍ଦେଶ ଦେଲା । 'ନାଁ' ତୁମେ ବାହାରକୁ ଯାଇପାରିବ ନାହିଁ ।' ନିଷେଧାଜ୍ଞା ଜାରିକଲା । ପତ୍ନୀ ଭୟ କରୁଥିଲା, ସ୍ୱାମୀଙ୍କର ଏପରି ଆଚରଣରେ ପତ୍ନୀ କଲେ ଗାଁ ଲୋକେ ତାଙ୍କୁ ପାଗଳ କହି ଥଟ୍ଟା ପରିହାସ କରିବେ !

'ହେ ମୋର ମହାରାଣୀ ! ଶତ୍ରୁ ଆସି ମୋ ରାଜ୍ୟର ସୀମାରେ ଉପଗତ । ଯୁଦ୍ଧ କରିବା ମୋ ପକ୍ଷେ ନିତ୍ୟାନ୍ତ ଆବଶ୍ୟକ । ପ୍ରିୟେ ! ମୋତେ ଆଉ ବାଧା ଦିଅ ନାହିଁ ।' ବୁଦ୍ଧୁରାମ ବାରମ୍ବାର କହୁଥାଏ । ଗତ ରାତିରେ ସେ ନାଟକରେ ଏପରି ସଂଳାପ ମାନ ଛାଡୁଥିଲା । ସେହି ସଂଳାଗ ଗୁଡ଼ାକ ତା'ର ପୂରାପୂରି ମନେ ପଡ଼ିଯାଉଥିଲା । ପତ୍ନୀ ବିଚାରୀ ଭୋ ଭୋ କରି କାନ୍ଦୁଥାଏ । ସେ ଜାଣିପାରିଲ, ମାମଲା ବହୁ ଦୂରକୁ ଗଡିଗଲାଣି । କିନ୍ତୁ ବୁଦ୍ଧୁରାମ କହୁଥାଏ 'ପ୍ରିୟେ ! କ୍ରନ୍ଦନ ବନ୍ଦ କର । ମୁଁ ଜୟ ମାଲ୍ୟ ପରିଧାନ କରି ତୁମ ପାଖକୁ ଶିଘ୍ର ପ୍ରତ୍ୟାବର୍ତ୍ତନ କରିବି । ବାସ୍ ଏତିକି କହି ବୁଦ୍ଧୁରାମ ଘର ଛାଡ଼ି ବାହାରକୁ ଚାଲିଆସିଲା । ସେ ଚାଲିଛି ତା' ପଛେ ପଛେ ଚାଲିଛି ତା'ର କୁକୁର ମନ୍ତ୍ରୀ । ଯାଉ ଯାଉ ବାଟରେ ବୁଦ୍ଧୁରାମ ସହ ଗୋଟିଏ ବିଲୁଆର ଭେଟ ହୋଇଗଲା । ବିଲୁଆ ସବୁ କଥା ବୁଝିଲା । ସେ ତ ବଡ଼ ଚତୁର ଜୀବ - ସେ ବୁଦ୍ଧୁରାମ କୁ କହିଲା, 'ହେ ବୁଦ୍ଧୁରାଜା ! ସାରା ଦେଶରେ ରାଜା ମହାରାଜା ମାନଙ୍କର ରାଜୁତିର ଶେଷ ହୋଇଗଲାଣି । ସେମାନେ ନିଜ ନିଜର ବେଶ ପୋଷାକ ବହୁ ଦିନରୁ ଓହ୍ଲାଇ ସାରିଲେଣି । ସେମାନଙ୍କର ନାଟକ ବହୁଦିନ ଧରି ଚାଲିଥିଲା । ଆଉ ଆପଣଙ୍କର ନାଟକ ଥିଲା ମାତ୍ର ଗୋଟିଏ ରାତ୍ରିର । ଏବେ ଆପଣ ଦିନ ମହଲକୁ ଫେରିଯାଆନ୍ତୁ । ନିଜର ବେଶ ପୋଷାକ ଶୀଘ୍ର ଓହ୍ଲାଇ ଦିଅନ୍ତୁ । ବିଲୁଆଟି ଥିଲା ଭାରି ଭଲ । ସବୁଦିନ ଖବର କାଗଜ ପଢିବାରେ ତା'ର ଅଭ୍ୟାସ । ଜମିଦାରୀ ଓ ପାଂଚ ଶହ ଛବିଶଟି ରାଜ୍ୟର ରାଜା ମହାରାଜ ଜମିଦାରଙ୍କ ରାଜୁତି ଶେଷ ହୋଇ ତାର ଖବର ସେ ପଢିସାରିଛି । ବୁଦ୍ଧୁରାମ ତା'ର ମନ୍ତ୍ରୀ କୁକୁରକୁ ପଚାରିଲା, 'କଣ ମନ୍ତ୍ରୀବର ! ମୁଁ ବିଲୁଆ କଥାରେ ବିଶ୍ୱାସ କରିବି ? ତା' କହିବା କଥା କ'ଣ ସତ ? ତୁମେ ଟିକିଏ ତୁମ ଭାଷାରେ କହିଦିଅନା, ମୁଁ ଠିକ୍ ଭାବରେ ବୁଝିପାରିବି ଯେ . . . ।" କୁକୁର ବହୁତ ଖୁସି ହୋଇଗଲା । ଯାହା ହେଉ ମାଲିକ ତା'ର ଉପଦେଶ ଶୁଣିବାକୁ ଚାହୁଁଛି । ସେହି କହିବା ଶୈଳୀରେ ଧୀରେ ଧୀରେ ଭୁକିବାରେ ଲାଗିଲା । ତା' କଥାରେ ବୁଦ୍ଧୁରାଜା ଫେରି ଆସିଲା ଘରକୁ । ଆଉ ପତ୍ନୀକୁ ବଡ଼ ସରାଗରେ କହିଲା, 'ହଇ ହେ ! ଶୁଣୁଛ ଦେଶରେ ସବୁ ରାଜା ମହାରାଜାଙ୍କର ରାଜୁତିଶେଷ ହୋଇଗଲାଣି । ଏବେ ମୁଁ ବି ଚୁପ୍ ରହୁଛି । ନା, କ'ଣ କହୁଛ ? ପତ୍ନୀ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ମନକୁ ମନ କହିଲା, 'ଯାହା ହେଉ ଭଗବାନ' ମୋ ଡ଼ାକ ଶୁଣିଲେ ।' ତା'ପରେ ସେ ଖୁବ୍ ଆରାମରେ ନିଜ କାମ୍‌ରେ ମନଦେଲା ।


ଶ୍ରୀ ଅଶ୍ୱନୀ କୁମାର ପେରାଇ
ଷଷ୍ଠ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବରଘାଟୀ

# କହିଲ ଦେଖି

ଛଅଟି ଅକ୍ଷରେ ନାମ ତାଙ୍କର
ପତିତଙ୍କୁ କରିଥାନ୍ତି ଉଦ୍ଧାର ।
ପ୍ରଥମ ଦ୍ୱିତୀୟ ଯୋଗ କରି
ସ୍ୱାମୀଙ୍କର ଅନ୍ୟ ନାମ ହୋଇବ ।
ତୃତୀୟ ପ୍ରଥମ ମିଶାଇ ଦେଲେ,
ଋଷିଙ୍କର କାମକୁ ବୁଝାଏ ଭଲେ ।
ଚତୁର୍ଥ ପ୍ରଥମ କରିବ ଯୋଗ,
ପୁଣ୍ୟର ବିପରୀତ ଅର୍ଥ ହୋଇବ ।
ପଂଚମ ଷଷ୍ଠ ଦିଅ ମିଶାଇ,
ଜଙ୍ଗଲର ଅନ୍ୟ ନାମଟି ସେହି ।
ଏହି ନାମଟିକୁ ଯିଏ କହିବ,
ଜଗନ୍ନାଥଙ୍କୁ ସିଏ ପାଇବ ।
ଉତର - **ପତିତ ପାବନ**

ଶ୍ରୀ ଅଲେଖ ସେଠୀ
ନବମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର



Arabinda Mohapatra, Govt. High School, Naranpur, Keonjhar

# ମୋ ଗାଁଆ

ରହୁଛି ଯେଉଁଟି ସେଇ ମୋ ଗାଆଁ
କର୍ଚ୍ଚାମାଳ ଅଟେ ତା ନାଆଁ ।
ପ୍ରାକୃତିକ ଶୋଭା ଅତି ମନୋହର
ପାଣି ଟାଙ୍କି, ସ୍କୁଲ ପୁଣି ଶିବ ମନ୍ଦିର ।
ଉ□ରେ କୋଲାବ ପୂର୍ବରେ ଚାଷ
ଦକ୍ଷିଣେ ପର୍ବତ ମଝିରେ ବାସ ।
ପଶ୍ଚିମେ ବିରାଜେ ବୁଢ଼ି ଠାକୁରାଣୀ
ସେଇ ଅଟେ ମୋର ଜନମ ଭୂମି ।
ପଢୁଥିଲି ଦିନେ ସେଠି ନବମ ମୁଁ
ଏ ବରଷେ ପଢ଼େ ଏଠି ଦଶମ ।
ଦଶମରେ ଭଲ ପାଠ ପଢିବି
ପାଠ ପଢି ଗାଁଆ ଟେକ ରଖିବି ।
ଶୁଣ ମୋର ଟିକି ଭଉଣୀ ଭାଇ
ବଡ଼ଙ୍କୁ ଅମାନ୍ୟ କରିବା ନାହିଁ ।
ମନ ଦେଇ ଯେବେ ପଢିବା ପାଠ
ପାଠ ଦେଖାଇବ ଆମକୁ ବାଟ ।

ଭାଗବତି ଚାଲାଣ
ଦଶମ ଶ୍ରେଣୀ, କର୍ଚ୍ଚମାଳ, ନବରଙ୍ଗପୁର



Jasmi Hembram, Govt. High School, Kapilash

# 'ନୂଆ ଖାଇ'

ଆମ ଗାଁରେ ପ୍ରତି ବର୍ଷ ଭାଦ୍ରବ ମାସ ଶୁକ୍ଲପକ୍ଷ ପଂଚମୀ ତିଥିରେ ମହା ଆନନ୍ଦରେ ନୂଆଖାଇ ପର୍ବ ପାଳନ କରାଯାଏ ।

ନୂଆ ଉତ୍ପାଦିତ ଶସ୍ୟକୁ ଦେବଦେବୀଙ୍କୁ ସମର୍ପଣ କରାଯିବା ପରେ ଖୁସିର ସହିତ ନିଜେ ଖାଇବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ।

ପର୍ବର ବିଶେଷତ୍ୱ : ଏହି ପର୍ବର ପ୍ରଧାନ ବିଶେଷତ୍ୱ ହେଉଛି ପୂଜାସମୟରେ ଅର୍ପଣ କରାଯାଇଥିବା ନୂଆଭୋଗକୁ 'ନୈବେଦ୍ୟ' କୁହାଯାଏ ।

ପର୍ବ ପ୍ରସ୍ତୁତି ଓ ବିଧିବିଧାନ ବ୍ୟବସ୍ଥା : ନୂଆଖାଇର ପ୍ରସ୍ତୁତି ପର୍ବ ଓ ବିଧିବିଧାନ ବ୍ୟବସ୍ଥାକୁ କେତୋଟି ପର୍ଯ୍ୟାୟଭୁକ୍ତ କରାଯାଇପାରେ ।

(କ) ଗାଁ ସଭା ଓ କାର୍ଯ୍ୟକାରିଣୀ କମିଟି ବୈଠକ : ପ୍ରତିବର୍ଷ ପର୍ବ ପାଳନର ପୂର୍ବରୁ ଅର୍ଥାତ ଏକ ମାସ ପୂର୍ବରୁ ଗାଁ ମୁଖିଆଙ୍କ ଅଧ୍ୟକ୍ଷତାରେ ଗାଁରେ ସାଧାରଣ ସଭା ଅନୁଷ୍ଠିତ ହୋଇଥାଏ । ସେଠାରେ ଚଳିତ ବର୍ଷ ନୂଆଖାଇ ପର୍ବ କିପରି ପାଳନ କରାଯିବ, ତାହାର ଆଲୋଚନା କରାଯାଏ ।

(ଖ) ଡକାହକା : ଲୋକପର୍ବ ନୂଆଖାଇ ହେଉଛି ଏକ ମିଳନର ପର୍ବ । ଧନୀ - ଦରିଦ୍ର, ଶତ୍ରୁ - ମିତ୍ର, ଶ୍ରମିକ-ମୂଲିଆ, ରାଜା-ପ୍ରଜା ସମସ୍ତେ ଏକତ୍ରିତ ଭାବରେ ଏହି ପର୍ବକୁ ପାଳନ କରନ୍ତି । ଆମ ଗାଁର ପ୍ରତ୍ୟେକ ଘରେ, ଘରେ ବନ୍ଧୁ, କୁଣିଆଙ୍କର ଭିଡ଼ ହୋଇଥାଏ । ଦେଶ ବିଦେଶରେ ରହୁଥିବା ବନ୍ଧୁ ବାନ୍ଧବ ମାନଙ୍କୁ ନିମନ୍ତ୍ରଣ କରିଥାନ୍ତି ଘର ଲୋକ ।

(ଗ) ଗୃହ ପରିମଳ : ନୂଆଖାଇ ପର୍ବ ଆଗରୁ ଘରେ ଘରେ ଲିପା-ପୋଛା, ଓ ଚାଉଳ ଗୁଣ୍ଡରେ ଘରର କାନ୍ଥ, ଚଟାଣରେ ଝୋଟି ଚିତ୍ର କରିଥାନ୍ତି । ଏପରିକି ଘରର ଲୁଗାପଟା ଓ ନିଜର ପିନ୍ଧା ବସ୍ତ୍ରକୁ ସଫା କରିବାରେ ସ୍ତ୍ରୀ ଲୋକମାନେ ଲାଗିଥାନ୍ତି । ପର୍ବ ପୂର୍ବଦିନ ଘରର ସବୁଆଡ଼ ପରିଷ୍କାର ପରିଚ୍ଛନ୍ନ କରିଥାନ୍ତି ।

(ଘ) ହାଟବାଟ : ନୂଆଖାଇ ପର୍ବ ପୂର୍ବରୁ ଘରକୁ କୁଣିଆ ଆସିବା ଲକ୍ଷ୍ୟରେ ଓ ପର୍ବ ପାଇଁ ବିଭିନ୍ନ ହାଟ, ସଉଦା କରିବା, ଘରର ଲୋକମାନଙ୍କ ପାଇଁ ଲୁଗାପଟା କିଣିବା ହେଉଛି ଏହାର ଆକର୍ଷଣ । ଲୁଗାପଟା ଓ ଡ୍ରେସ କିଣିବା ପାଇଁ ପୁରୁଷ ମାନେ ସହରକୁ ଯାଇଥାନ୍ତି ।

(ଙ) ନୂଆଖାଇ ପର୍ବର ଅୟମାରମ୍ଭ : ପ୍ରତ୍ୟେକ ଘରେ ଘରର ମୁରବୀ ପୂର୍ବ ଦିନରୁ ଉପବାସ ରହି କୁରେଇ ପତ୍ର ଓ ଧାନ ସଂଗ୍ରହ କରିଥାନ୍ତି । ଧାନରୁ ଚୂଡ଼ା କୁଟାଇବା ଓ ଚାଉଳ କାଢିବାର ବ୍ୟବସ୍ଥା ଗ୍ରାମାବାସୀଙ୍କ ଦ୍ୱାରା ହୋଇଥାଏ । ଲଗ୍ନ ଅନୁଯାୟୀ ଘରର ଇଷ୍ଟଦେବୀଙ୍କୁ

ନୀତିନିୟମ ଅନୁଯାୟୀ ଆବାହନ କରାଯାଇ ନୂଆ ଚୂଡ଼ାରେ ତିଆରି ଭୋଗ ଲଗା ହୁଏ । ଏହି ଦିନରେ ପୁଅ, ଝିଅ, ବାପା ବୋଉ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି । ଘରର ଝିଅ ମାନେ ପାଦରେ ଅଳତା, ଶଙ୍ଖା, ଶାଢୀ ପିନ୍ଧି ସଜ ହୁଅନ୍ତି । ଇଷ୍ଟଦେବୀଙ୍କ ଠାରେ ନୂଆ ଧାନ ଚାଉଳରୁ ନାନା ପ୍ରକାର ସୁମିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଇ ଅର୍ପଣ କରାଯାଏ । ପୂଜା ଅର୍ଚ୍ଚନା ପରେ ସମସ୍ତେ ଏକାଠି ବସି ପ୍ରସାଦ ସେବନ କରନ୍ତି ।

(ଚ) ବନ୍ଧୁ ମିଳନର ଏହା ଏକ ପ୍ରକୃଷ୍ଟ ମାଧ୍ୟମ । ନୂଆଖାଇ ପର୍ବ ସରିବା ପରେ ଘରେ ଘରେ ଭେଟଭାଟ ପର୍ବ ଆରମ୍ଭ ହୁଏ । ଘରର ବଡ଼ ମାନଙ୍କୁ ସାନ ମାନେ ଭକ୍ତି ସହକାରେ ପ୍ରଣାମ କରନ୍ତି, ଜୁହାର, ମୁଣ୍ଡିଆ ଇତ୍ୟାଦି କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଏହା ଘର ମଧ୍ୟରେ ସରିବା ପରେ ଗାଁ ମନ୍ଦିର ଓ ଆବାଳବୃଦ୍ଧ ବନିତାଙ୍କର ଜୁହାର, ପର୍ବ ଆରମ୍ଭ ହୋଇଥାଏ । ଆମ ଗାଁରେ ନୂଆଖାଇ ପର୍ବ ଖୁବ୍ ଆନନ୍ଦର ସହିତ ପାଳନ କରାଯାଏ । ଏହି ଦିନ ରାତିରେ ସମସ୍ତେ ଖାଇ, ପିଇ ନାଚ କରନ୍ତି ଓ ନାଟକ ମଧ୍ୟ ଦେଖନ୍ତି । ଏହି ଦିନରେ ବୁଢା, ବୁଢୀ, ପିଲା, ପିଲି ସମସ୍ତେ ଖୁସିରେ ଥାନ୍ତି । ଏପରିକି ଜନ ସାଧାରଣ ସୁଖ ଓ ଦୁଃଖକୁ ସମାନ ମଣି ସମସ୍ତେ ଏହି ଦିନଟିକୁ ଖୁସିରେ ପାଳନ କରିଥାନ୍ତି ।

**ଜସ୍ମିନ୍ ହରିଜନ**
ଅଷ୍ଟମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ନବରଙ୍ଗପୁର



Sumitra Munda, Govt. High School, Rebana Palash Pal

## ଏଇ ତ ମୋର ଜନମ ମାଟି

ଏଇତ ମୋର ଜନମ ମାଟି
ଏହି ମାଟି ମୋର ମାଆ
କିପରି ଭୁଲିବି ମୋ ମାଟି ମାଆକୁ
ସେଇ ମୋ ଜୀବନ ରାହା
ଭୁଲିବି ନାହିଁକି ଭୁଲି ପାରିବିନି
ତା ପାଣି ମଳୟ ବାଆ ।
ସେବା କରୁଥିବି ଜୀବନ ସାରା ମୁଁ
ସିଏ ତ ମୋହରି ମାଆ ।
ଏ ମାଟିର ଗଛ ଏ ମାଟିର ଜଳ
ଏ ମାଟିର ଖାଦ୍ୟ ବଳ ।
ସରାଗେ ସେନେହେ ପାଳିଛି ମୋତେ
ଜୀଇ ରହେ କାଳ କାଳ
କରିଛି ମୁଁ ପଣ ତା ଯଶ ପାଇଁକି
କରୁଥିବି ତାର ସେବା ।
ଜନହିତ ଲାଗି ଏ ଜୀବନ ଦେବି
ଆସୁ ଝଡ଼ ଅବା ଝଂଜା ।



**ପଦ୍ମାବତୀ ସମ୍ରାଟ**
ଦଶମ ଶ୍ରେଣୀ

## ମୋ ବିଦ୍ୟାଳୟ

ମୋ ବିଦ୍ୟାଳୟ ମୋ ପାଇଁ ସୁନ୍ଦର
ତୁଳନା ନାହିଁ ଯେ ତା'ର,
ସରଗ ପୁରୀର ସୁଷମା ହିଁ ଭରା
ଉଚ୍ଚ ବିଦ୍ୟାଳୟ କପିଳାସ
ଅଟେ ନାମ ଯେ ତା'ର ।
ସୁନ୍ଦର ବଗିଚ୍ଚ ଅତି ମନ ଲୋଭା
ସୁଗନ୍ଧ ବିଛୁରିଥାଏ,
ସକାଳର ଶୋଭା ଗାୟତ୍ରୀ ଧ୍ୱନିରେ
ମନ ମୋ ମୋହିତ ହୁଏ ।
ସବୁଜିମା ଭରା ଚତୁପାର୍ଶ୍ୱ ତା'ର
କୁନି ମନ ମୋ ଫୁଲିକି ଉଠେ,
ସମୟର ତାଳେ ଆଗେଇ ଯାଏ ମୁଁ
ବଡ଼ ହେବାର ସପନ ଦେଖେ ।
ଭଲ ପାଉଥାଏ ସବୁବେଳେ ମୁହିଁ
ଗୁରୁମା ଗୁରୁଜୀ ସଭିଙ୍କୁ,
ଏ ଟିକି ହୃଦୟ ପ୍ରଣିପାତ କରେ
ବିଦ୍ୟାଳୟ ତଥା ଗୁରୁମା, ଗୁରୁଜୀ ବୃନ୍ଦଙ୍କୁ ।
ବିଦ୍ୟାଳୟ ଟେକ ରଖିବି ମୁଁ ଦିନେ
କରୁଅଛି ମୁହିଁ ପଣ,
ହେ ଚନ୍ଦ୍ରଶେଖର ମିନତି ଏତିକି
ମୋ ମନୋବଳ କର ଟାଣ ।

**ସାରଥି ସୟ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପିଳାଶ

# ଏ ମୁଁ କ'ଣ କଲି


ପିଲାଟିଏ ଠିକ୍ ତୁମ ଭଳି, ଦିନେ ପିଲାଟି ଜଙ୍ଗଲ ବାଟ ଦେଇ ଘରକୁ ଫେରୁଥାଏ। ଆସୁ ଆସୁ ତା' ନଜର ଗୋଟିଏ ଗଛ ଉପର ଡ଼ାଳରେ ପଡ଼ିଲା। ସେ ଦେଖିଲା ସେହି ଡ଼ାଳରେ ସୁନ୍ଦର ସୁନ୍ଦର ଚଢ଼େଇ ମାନେ ବସା ତିଆରି କରି ରହୁଛନ୍ତି। ପିଲାଟି ଗଛ ପାଖକୁ ଆସି ପହଂଚିଲା। ସେ ଯେମିତି ଗଛ ପାଖରେ ପହଂଚିଛି ସେମିତି ଚଢ଼େଇଟି ଫୁର୍‌କିନା ଉଡ଼ିଗଲା। ଏବଂ ଆଉ ଗୋଟିଏ ଡ଼ାଳରେ ବସିଗଲା। ପିଲାଟି ଗଛ ଉପରକୁ ଚଢ଼ିଲା ଏବଂ ନଇଁପଡ଼ି ଚଢ଼େଇ ବସାକୁ ଦେଖିଲା। ସେଥିରେ ଦୁଇଟି ଅଣ୍ଡା ଧଳା ଅଛି। ପିଲା ମନ ତ ତାକୁ କ'ଣ ଲାଗିଲା କେଜାଣି, ସେ ଅଣ୍ଡା ଦୁଇଟିକୁ ଘରକୁ ନେଇ ଆସିଲା। ଯେତେବେଳେ ପିଲାଟି ଅଣ୍ଡା ଦୁଇଟି ଉଠାଇ ଆଣିବାଟରେ ଭାବିଲା ମା ଓ ଭାଇ, ଭଉଣୀ ଦେଖି ବହୁତ ଖୁସି ହେବେ। ଏବଂ ମୋତେ ପ୍ରଶଂସା କରିବେ। ଆଉ କହିବେ ମୁଁ ଯେମିତିକି ଗୋଟାଏ ବଡ଼ କାମ କରିକି ଆସିଛି। ଏମିତି କେତେ କ'ଣ ଭାବି ଭାବି ପିଲାଟି ଘରେ ପହଂଚିଲା। ଘରେ ଚଢେଇ ଅଣ୍ଡାକୁ ଦେଖି ତା ମାଆ ତାକୁ ଗାଳି କରିଲେ। ଏଣୁ କ'ଣ କଲୁ। ଚଢେଇ ଅଣ୍ଡାକୁ ତା' ବସାରୁ ନେଇଆସିଲୁ ଦିନ କେଇଟା ପରେ ସେ ଛୁଆ ଜନ୍ମ କରିଥା'ନ୍ତା। ଅଣ୍ଡା ବିନା ମା ଚଢେଇ ମଥାପିଟି କାନ୍ଦୁଥିବ। ଅଣ୍ଡା ଆଣିଲୁ ତ ଆଣିଲୁ ଅନ୍ତତଃ ଗୋଟିଏ ଅଣ୍ଡା ତା' ବସାରେ ଛାଡ଼ିକି ଆସିଥାନ୍ତୁ। ଦି ଟା ଯାକ ଅଣ୍ଡା ନେଇକି ଆସିଲୁ। ଆଚ୍ଛା' କହିଲୁ' ତୋତେ ଯଦି ସେମିତି କିଏ ନେଇଯାଏ ତେବେ ଆମ ଅବସ୍ଥା କ'ଣ ହେବ ଜାଣିଛୁ। ତୋ ବିନା ଆମ କ'ଣ ଭଲରେ ରହିପାରିବୁ ? ଆମେ ବି ମଥା ପିଟି କାନ୍ଦିବୁ। ଠିକ୍ ଚଢେଇର ମା ଭଳି। ଯା' ଚଢେଇ ଅଣ୍ଡାକୁ ତା' ବସାରେ ଛାଡ଼ିଦେଇ ଆସିବୁ। ଯେତେବେଳେ ମା ଏଇ କଥା କହିଛନ୍ତି। ସେତିକିବେଳେ ପିଲାଟି ଅଣ୍ଡା ବିନା ମା ଚଢେଇ କାନ୍ଦୁଥିବ ସେହି କଥା ତା କଅଁଳ ମନରେ ବାରମ୍ବାର ଉଙ୍କି ମାରିଲା। ସେହି ଦିନ ତା'ର ଭୁଲ୍ ବୁଝି ପାରିଲା। କିନ୍ତୁ କ'ଣ କରିବ ? ସେତେବେଳକୁ ରାତି ହୋଇଯାଇଥିଲା। ରାତିରେ ଜଙ୍ଗଲକୁ ଯିବ କେମିତି ? ସାରା ରାତି ମାଁ ଚଢେଇର ବୁକୁପଟା କାନ୍ଦ ଶୁଣି ପାରିଲା। ରାତିରେ ତାକୁ ଭଲ ନିଦ ହେଲା ନାହିଁ। ସେ ଖାଲି ଭାବୁଥାଏ କେମିତି ସକାଳ ହେବ ? ସେ ଯାଇ ଅଣ୍ଡାଟିକୁ ଛାଡ଼ିକି ଆସିବ ? ରାତି ଯାଇ ସକାଳ ହେଲା, ସେତେବେଳେ ପିଲାଟି ଦୌଡ଼ିଯାଇ ଜଙ୍ଗଲରେ ପଂହଚିଲା ଦେଖିଲା ପିଲାଟି ଯେଉଁ ଗଛରୁ ଚଢେଇ ଅଣ୍ଡା ଆଣିଥିଲା ସେହି ଗଛରେ ମା ଚଢେଇ ତା' ବସାରେ ମୂର୍ଚ୍ଛା ହୋଇ ଯାଇଥିଲା। ତାହା ଦେଖି ପିଲାଟି ମନରେ ବହୁତ ଦୁଃଖ ପ୍ରକାଶ କଲା ଏବଂ କାନ୍ଦିଲା। ନିଜ ଭୁଲ୍ ପାଇଁ ଅନୁତାପ କଲା। ସେ ନିଜ ଆଖିରେ ଲୁହ ପୋଛୁ ପୋଛୁ କହିଲା ଚଢେଇ! ଏ ଚଢେଇ ! ଉଠ। ମୁଁ ତୋ ଅଣ୍ଡା ଦିଟାକୁ ଆଣିଦେଇଛି, ହେଇ ଦେଖ ! ମଣିଷ ପାଟି ଶବ୍ଦ ଶୁଣି ମା' ଚଢେଇ ଆଖି ଖୋଲିଲା। ପିଲାଟିକୁ ଦେଖି ମା ଚଢେଇ ଡ଼ରରେ ଡ଼େଣା ଫଡ଼ ଫଡ଼ କଲା। ପିଲାଟି ଅଣ୍ଡା ଦୁଇଟି ଆଣି ତା ସାମନାରେ

ରଖିଦେଲା । ସେତେବେଳେ ମା ଚଢେଇ ତା ଅଣ୍ଡା ଆଡ଼କୁ ଟିକେ ଚାହିଁଲା । ହେଲେ, ସେ ସେଠୁ ଉଡ଼ି ପାରିଲା ନାହିଁ । ତା' ଆଖି ଶେଷ ଥର ପାଇଁ ଖୋଲି ସବୁ ଦିନ ପାଇଁ ବନ୍ଦ ହୋଇଗଲା । ଆଉ ମୋଟେ ଆଖି ଖୋଲିଲା ନାହିଁ । ନିଜର ଭୁଲ୍ ଯୋଗୁଁ ଚଢେଇଟି ମରିଯିବା ଦେଖି ପିଲାଟି ଭୋ ଭୋ ହୋଇ କାନ୍ଦି ଉଠିଲା । ହାୟ ! ଏ, ମୁ କ'ଣ କଲି । ଚଢେଇ ଅଣ୍ଡା ନେଇ ମା ଚଢେଇକୁ ମାରିଦେଲି । ଏହି ଘଟଣାକୁ ପିଲାଟି ତା ଜୀବନ ସାରା ଭୁଲିପାରିଲା ନାହିଁ । ତା' ପରଠୁ ସେହି ପିଲା ପ୍ରତି ଜୀବ ମାନଙ୍କର ଦୟା ଭାବ ସୃଷ୍ଟି ହେଲା । ସଂସାରରେ ପ୍ରତ୍ୟେକ ଜୀବ ପ୍ରତି ଦୟାଭାବ ତା କରୁଣାରେ ପୂରି ଉଠିଲା । ଏ ଘଟଣାଟି ମଧ୍ୟ ଜଣେ ବଡ଼ ମଣିଷଙ୍କ ପିଲାଦିନର କଥା ଏବେ ପିଲାମାନେ, ତୁମେ ମାନେ ଜାଣିବାକୁ ଚାହିଁବନି ସେ ପିଲା ଜଣକ କିଏ ? ହଁ, ଶୁଣ, ସେଇ ପିଲା ଜଣକ ହେଉଛନ୍ତି ଦୀନବନ୍ଧୁ ଏଣ୍ଡ୍ରୁଜ' । ସେ ଜୀବ ମାନଙ୍କୁ ଭାରି ଭଲ ପାଉଥିଲେ । ସେ ଯେମିତି ଜୀବ ମାନଙ୍କୁ ଦୟା ଦେଖାଉଥିଲେ, ତୁମେମାନେ ମଧ୍ୟ ସେମିତି ଜୀବଙ୍କ ପ୍ରତି ଦୟା ଭାବ ରଖି ଆଉ ତାକୁ କାମରେ ଲଗାଇବ ।


**ଜମ୍ବୁବତୀ ଜାନୀ**

ଦଶମ ଶ୍ରେଣୀ

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଡ଼ାବୁଗାଁ), ନବରଙ୍ଗପୁର





Saraswati Badra, Govt. High School, Rebana Palash Pal

## ଗଛ

ଗଛରେ ଗଛ  ତୁ କେତେ ସୁନ୍ଦର
ତୋ ଫୁଲ ବାସ୍ନା ଶୁଙ୍ଘି ମୁଁ ହେଲି ମଧୁର
ତୋ ଦେହରେ ଧରିଛି
କେତେ ଫୁଲ ଫଳ
ତୋତେ ଦେଖି ଖୁସି ହୁଏ ମୁଁ ପ୍ରବଳ ।
ତୋତେ ଲଗେଇବୁ ସବୁ ଜାଗାରେ
କାଟିବାକୁ ଦବୁନି କାହାରିକୁ କେବେ ।
ତୋତେ ଯଦି କିଏ କରେ ଆଘାତ,
ଛାଡ଼ିବୁନି ଗୋଟି ଗୋଟିକୁ କହୁଛି ସତ ।
ଖରାଦିନେ ଛାଇ ତଳେ ତୋହର
କେତେ ଲୋକ କରିଥାନ୍ତି ବିଶ୍ରାମ
ମାଡ଼ ବାଜି କାର ହେଲେ ଜଖମ
ତୋ ପତ୍ର ରସରେ ମିଳେ ଉପଶମ ।
ଗଛରେ ତୁ ଥାଉ ସବୁବେଳେ ଶୂନ୍ୟେ
ଅରଜିବି ପୁଣ୍ୟ ମୁଁ କରି ପୂଜା ତୋତେ
ଗଛରେ ଗଛ ତୁ କେତେ ମହାନ
କେତେ ଉପକାର କରୁ ଆମର
ଧନ୍ୟ ଧନ୍ୟ ତୋର ଜୀବନ ।

ଭାଗବତୀ ଚଲାଣ
ଦଶମ ଶ୍ରେଣୀ



Kumari Suru Sndhi, Govt. High School

## ଫୁଲ

ଏ ଫୁଲ ତୋ'ପରି କରିଦେ ମୋତେ
ତୋ'ଠାରୁ ଶିଖିବି ମୁଁ କେତେ,
ଏ ଫୁଲ ତୋ'ପରି ମୋତେ କରିଦେ
ରାଗ, ରୁଷା, ଅଭିମାନ ମୋ'ଠାରୁ ଦୂରେଇ ଦେ ।
ସୂର୍ଯ୍ୟଙ୍କ ଆଲୋକ ନେଇ
ତୁହି ହେଉଛୁ ଧବଳ,
ସୂର୍ଯ୍ୟଙ୍କ ଆଲୋକ ପାଇ
ହେଉ ତୁ ବର୍ଣ୍ଣିଳ ।
ଗୋଲାପ ଗଛ ତ କ□କିତ ।
ଫୁଲ ତା'ର ମଧୁର ମହକ ଭାସେ,
ମହୁମାଛି, ପ୍ରଜାପତି, ଭଅଁର
ମଧୁ ପାଇଁ ତୋରି ପାଖକୁ ଆସେ ।
ଲାଲ କଢ଼ିଟିଏ ସିଏ କି ମନହୋର,
ସଦା ପ୍ରଭୁଙ୍କର ଏ କି ଉପହାର !
ଭଅଁର, ମହୁମାଛି, ପ୍ରଜାପତି ତୋ
ଦେହରୁ ରସ କରନ୍ତି ସଂଗ୍ରହ,
ତାଙ୍କୁ ବାଧା ନ ଦେଇ
ଦେଉଛୁ ତୁ ଆଶ୍ରୟ ।
ଲୁହା ତାର ବଗିଚାରେ
ଦେଉଛନ୍ତି ଭିଡ଼ି,
ଆମ ନାନୀ ଓ ଭାଇମାନେ
ବଗିଚାକୁ ଦିଅନ୍ତି ସଜାଡ଼ି ।
ସୁଲୁ ସୁଲିଆ ପବନରେ
ତୋର କି ମହକ ହସ,
ତୋ' ଦେହରେ ସ□ବୁ ତୁ
କେତେ ମଧୁର ରସ ।
ଏପରି ପରି ସୁଖି କେହି ନାହାନ୍ତି ଜଗତେ,
ତୁ ମୋତେ ଭଲ ଉପଦେଶ ଦେ ।

ପୂର୍ଣ୍ଣିମା ପ୍ରଧାନୀ
ଦଶମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କପିଳାସ, ଢେଙ୍କାନାଳ

# ବୁଦ୍ଧି ବତାଏ ବାଟ

କେତେ କାଳର କଥାଟିଏ । ଗୋଟିଏ ନଦୀ କୂଳରେ ବରଗଛଟିଏ ଥାଏ । ସେଇ ବରଗଛରେ ବଣି, କଜଳପାତି ଓ ବଗବଗୁଲୀ ସବୁ ରହୁଥାଆନ୍ତି । ସକାଳ ହେଲେ ଆହାର ପାଇଁ ବାହାରକୁ ଯାଆନ୍ତି । ସେତିକିବେଳେ ଗଛ ମୂଳରେ ଗାତ କରି ରହୁଥିବା ସାପ ଆସି ସେମାନଙ୍କ ଛୁଆକୁ ଖାଇଯାଏ । ସାପ ଛୁଆମାନଙ୍କୁ ଖାଇବା ଦ୍ୱାରା ପକ୍ଷୀ ମାନଙ୍କର ଦୁଃଖ ବଢ଼ିଲା । ପକ୍ଷୀମାନେ ସାପର ବା କ'ଣ କରିପାରିବେ । ଶେଷରେ ଗୋଟିଏ ବୁଢା ବଣି କହିଲା, ଚାଲ ଗୋଟିଏ ବୁଦ୍ଧି ବା ଉପାୟ ବାହାର କରିବା, ଯେପରି ସାପକୁ ଏଠାରୁ ତଡ଼ିଦେବା । ଏହା କିପରି ହେବ ? ପକ୍ଷୀମାନେ କହିଲେ । ବୁଢା ବଣୀଟି କହିଲା, ଏ ଗଛରେ ଗୋଟିଏ ବୁଢୀ ବଗୁଲୀଟିଏ ଅଛି ତାକୁ କହିବା । କାରଣ ବଗୁଲୀର ବନ୍ଧୁ ହେଉଛି ନେଉଳ ଭାଇ । ସେ ପାଖ କିଆବୁଦା ମୂଳେ ରହୁଛି । ସେ ଚାହିଁଲେ ନେଉଳ ଦ୍ୱାରା ସାପକୁ ତଡିଦେବ । ସବୁପକ୍ଷୀ ମାନେ ଯାଇ ବୁଢୀ ବଗୁଲୀକୁ ସବୁକଥା କହିଲେ । ବଗୁଲୀ ଖୁସି ହୋଇ କହିଲେ, ଏଇ ଗୋଟିଏ କଥା, ଆମେ ଗଛରେ ଗୋଟିଏ ପରିବାର ପରି ଅଛୁ, ବିପଦରେ ତୁମକୁ ସାହାଯ୍ୟ କରିବା ମୋ କାମ । ତା' ପରଦିନ ବୁଢ଼ୀ ବଗୁଲୀ ଯାଇ ନେଉଳ ଭାଇକୁ ସବୁକଥା ବୁଝାଇ କହିଲା । ନେଉଳ ମଧ ଖୁସି ହୋଇ କହିଲା, 'ବିପଦର ବନ୍ଧୁ ପ୍ରକୃତ ବନ୍ଧୁ ।' ମୁଁ କାଲି ସକାଳୁ ମୋ ପିଲାଛୁଆଙ୍କୁ ନେଇ ବରଗଛ ମୂଳକୁ ଯିବି । ସେଠାରେ ଗାତଟିଏ କରି ରହିବି । ବନ୍ଧୁ ପାଖରେ ବନ୍ଧୁ ରହିବ । ଏତ' ଆନନ୍ଦର ଥା । ଦେଖିବା ଏଥରୁ ସାପ କ'ଣ କରିବ । ତା' ପରଦିନ ନେଉଳ ଭାଇ ପିଲାଛୁଆ ଧରି ବରଗଛ ମୂଳେ ଆସି ହାଜର । ସବୁ ପକ୍ଷୀମାନେ ନେଉଳ ଭାଇକୁ ଦେଖି ଖୁସି ହୋଇଗଲେ । ସାପର ନେଉଳ ହେଉଛି ବଡ଼ ଶତ୍ରୁ । ଏକଥା ସମସ୍ତଙ୍କୁ ଜଣା ।



ନେଉଳ ଗଛ ମୂଳେ ଗାତ କରି ରହିଲା । । ବଗବଗୁଲୀ ନଈରୁ ମାଛ ଧରି ଖାଆନ୍ତି ଆଉ ନେଉଳ ପାଇଁ ଆଣନ୍ତି । ନେଉଳ ବନ୍ଧୁଙ୍କ ସହ ଗଛ ମୂଳରେ ଭଲରେ ରହିଲା । ଏଣେ ସାପ ନେଉଳକୁ ଦେଖିଗାତରୁ ଡ଼ରରେ ବାହାରିଲା ନାହିଁ । ଦିନେ ରାତିରେ ସାପ ଲୁଚିଲୁଚି ବରଗଛ ମୂଳରୁ ବହୁ ଦୂରକୁ ପଳାଇଲା । ଏଥର ପକ୍ଷୀ ମାନଙ୍କର ଆନନ୍ଦ କହିଲେ ନସରେ । ଏଥିପାଇଁ କୁହାଯାଏ ବିପଦ ବେଳେ 'ବୁଦ୍ଧି ବତାଏ ବାଟ' ।

ପୁରବା ରାନ୍ଧାରୀ
ନବମ ଶ୍ରେଣୀ

# ଚମ୍ପା ପାଇଁ ଚିଠିଟିଏ

ଚିଠିଟି ଏହିପରି ଥିଲା । ଚତୁର୍ଥ ଶ୍ରେଣୀର ଚମ୍ପା ଲେଖିଥିଲା ତା ମାଆ ପାଖକୁ ।

* * * * *

"ମା ତତେ ବହୁତ ମନେ କରେ । ତୁ ମୋ ପାଖରେ ନାହୁଁତ କ'ଣ ହେଲା, ମୁଁ ଜାଣେ ତୁ ମୋ ସାଙ୍ଗରେ ସବୁବେଳେ ଅଛୁ । ତୁ ମୋତେ ବହୁତ ଭଲ ପାଉ । ମୁଁ ବି ତୋତେ ବହୁତ ଭଲ ପାଉଛି । କିନ୍ତୁ ତୁ ମୋ ପାଖରେ ନଥିବାରୁ ମୁଁ ତୋତେ ମନେକରି ବହୁତ କାନ୍ଦୁଛି, ଏଇନା ଯଦି ମୋ ଆଈ ମୋ; ପାଖରେ ନଥାନ୍ତେ, ମୁଁ କେଉଁଠାରେ ରହିଥାଆନ୍ତି ? ମାଆ ! ତୁ ଫେରିଆ । ଆଇବି ତୋତେ ବହୁତ ମନେ କରୁଛନ୍ତି । ମା ! ଫେରିଆ । ଆଇବି ତୋତେ ବହୁତ ମନେ କରୁଛନ୍ତି ମା ! ତୁ କେବେ ଆସିବୁ ? ତୋ କଥା ବହୁତ ମନେ ପଡୁଛି" ।

* * * * *

ଶ୍ରେଣୀରେ ସେ ଦିନ ଶିକ୍ଷୟିତ୍ରୀ ପାଠ ପଢାଉଥିବା ସମୟରେ କୁନି ଝିଅ ଚମ୍ପା ତା' ବହି ଭିତରେ ନିଜେ ଲେଖିଥିବା ଏଇ ଚିଠିଟିକୁ ବାରମ୍ବାର ପଢୁଥାଏ । ତା'ର ଅନ୍ୟ ମନସ୍କତା ଶିକ୍ଷୟିତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ବହି ଭିତରେ ରଖିଥିବା ଚିଠିଟିକୁ ସେ ଦିନ ଶିକ୍ଷୟିତ୍ରୀ ଜଣକ ନେଇ ଆସିଥିଲେ । ଟିକିଏ ଉଚ୍ଚାରେ ଉଚ୍ଚାରଣ କରି ପଢିଗଲେ ଏକା ନିଃଶ୍ୱାସରେ । କେମିତି କେଜାଣି ଅଜାଣତରେ ଦୁଇ ଆଖିରୁ ଦି' ଟୋପା ଲୁହ ଗଡି ପଡିଲା ଚିଠିଟି ଉପରେ । ଅସ୍ପଷ୍ଟ ଦିଶିଲା ଚିଠିଟି । ଆଖିରୁ ଲୁହପୋଛି ଚାଲିଗଲେ ଶ୍ରେଣୀକୁ । ଚମ୍ପା ନାଏକ । ଝିଅଟିର ନାଁ । ପଚାରି ବୁଝିନେଲେ ତା'ର ପରିବାର ବିଷୟରେ । କହିଲେ, ଦେଖିଲୁ ମା ମୁଁ ବି ତୋର ମାଆଙ୍କ ପାଖକୁ ଚିଠିଟିଏ ଲେଖିଛି । ଆଜି ହିଁ ଡାକରେ ପକାଇଦେବି । ଆସନ୍ତା ଦଶହରା ଛୁଟିରେ ସେ ନିଶ୍ଚୟ ଆସିବେ । ତୋତେ ହଷ୍ଟେଲରୁ ତାଙ୍କ ସହିତ ନେଇଯିବେ । ଦଶହରାରେ ଖୁବ୍ ବୁଲିବା ମଜା କରିବା, ମେଢ ଦେଖିବୁ । ଛୁଟି ସରିଗଲେ ମାଆ ତୋର ପୁଣି ଆଣି ହଷ୍ଟେଲରେ ଛାଡିଦେଇଯିବେ । ତୁ ସାଙ୍ଗ ମାନଙ୍କ ସାଥିରେ ଖୁସିରେ ରହି ପାଠ ପଢିବୁ । ଚିଠିଟି ଦେଖିଲା ପରେ ଚମ୍ପାର ଆଖିରେ ଆଶାର ଝଲକଟିଏ ବାରି ହୋଇଗଲା । କାନ୍ଦୁରା ମୁହଁ ଟିକେ ଉଜ୍ଜ୍ୱଳ ଦିଶିଲା ।

ମନରେ ବାରମ୍ବାର ପ୍ରଶ୍ନବାଚୀ ଥିଲା ଯେ ମୋର ଚିଠିଟି ଚମ୍ପା ମାଆଙ୍କ ଉପରେ କି ପ୍ରଭାବ ପକାଇବ ? ସତରେ କ'ଣ ସେ ଚିଠିର ଉତର ଦେବେ ?! ଦଶହରାରେ ଅସିବେ ? ! ତଥାପି ଏହିପରି ଲେଖିଥିଲି ଚିଠିଟିକୁ . . . .

ଫୁଲମଣି !

ତୁମ ଝିଅ ଚମ୍ପାକୁ ତା ଆଈ ଏହି ବିଦ୍ୟାଳୟରେ ନାମ ଲେଖାଇଛନ୍ତି । ସେ

ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଛି । ତା' ପାଖରୁ ଜାଣିବାକୁ ପାଇଲି ଯେ ସେ ଖୁବ୍ ଛୋଟ ଥିବା ସମୟରେ ତା' ବାପା ସଂସାରରୁ ବିଦାୟ ନେଇଛନ୍ତି । ତୁମେ ତା' କହିବାନୁସାରେ ତା'ର ନୂଆ ବାପା ସହିତ ଭଦ୍ରକ ଚାଲିଯାଇଛ ଅନେକ ଦିନ ହେଲାଣି । ଚମ୍ପା ତୁମ ସହିତ ଯିବ ବୋଲି ସେ ଦିନ ବହୁତ କାନ୍ଦୁଥିଲା । ମାତ୍ର ତୁମ ମାଆ (ଚମ୍ପାର ଆଈ) ତାକୁ ଜୋର୍ କରି ରଖିନେଲେ ତାଙ୍କ ପାଖରେ । ତାଙ୍କ ମନରେ ଶଙ୍କା ଥିଲା ଯେ ସେଠାରେ ସିଏ ଅବହେଳିତ ହୋଇପାରେ । ମାତ୍ର ତୁମେ ତୁମର ସମସ୍ତ ସ୍ନେହ ମମତାର ବନ୍ଧନକୁ ପଛରେ ପକାଇ ଚାଲିଗଲ ଆଉ ଗୋଟେ ନୂଆ ସଂସାର ଗଢିବାକୁ । ତୁମେ ଜଣେ ମାଆ । ପୁଣି ତୁମେ ଜଣେ ନାରୀ, କେମିତି ଏତେ କଠୋର ହୋଇପାରିଲ ସେ ଦିନ ? । ତୁମରି ଗର୍ଭରେ ତ ସେ ଦଶ ମାସ ରହିଥିଲା । ? ତୁମେ ତ କଷ୍ଟ ସହି ଜନ୍ମ ଦେଇଥିଲ ? ବଂଚିବା ପାଇଁ ଛାତିରୁ ଅମୃତ ଧାରା ଝରାଇଥିଲ ? । ! ହାତ ଧରି ତା'ର ଭୂଇଁ ଉପରେ ସଳଖି ଠିଆ ହେବାକୁ ଶିଖାଇଥିଲ ? ! ଗଲାବେଳେ ଚମ୍ପାର ସେ କାନ୍ଦୁରା ମୁହଁ ସରଳ ଢଳ ଢଳ ଆଖିର ଆକର୍ଷଣ ତୁମକୁ କ'ଣ ସାମାନ୍ୟ ବିଚଳିତ କରିନଥିଲା ? ଲଜ୍ଜାବୋଧ ହେଲାନି ତୁମକୁ ? ଲଜ୍ଜା ପରା ନାରୀର ଭୂଷଣ ! ଅଳଙ୍କାର ! ତୁମେ ପାଠ ପଢିଛ ବୋଲି ଚମ୍ପା କହେ । ଶିକ୍ଷିତ । ତୁମେ । ମାତ୍ର ଶିକ୍ଷା କେବଳ ବହି ପଢିଲେ ହୁଏ ନାହିଁ, ଶ୍ରେଣୀ ପରେ ଶ୍ରେଣୀ ଉତୀର୍ଣ୍ଣ ହେଲେ ମଣିଷ ଶିକ୍ଷିତ ହୁଏ ନାହିଁ । ମନେରଖ ଫୁଲମଣି - ନାରୀର ଏହି ଲଜ୍ଜାବୋଧ ହିଁ ପୁରୁଷକୁ ସଶ୍ରଦ୍ଧ । ଅନବତ ଓ ସେବା ଉନ୍ମୁଖ କରି ତୋଳେ । ମାତ୍ର ଲଜ୍ଜା ଯେଉଁଠି ପୁରୁଷର ମୋହକୁ ଡାକି ଆଣେ ତା' ଲଜ୍ଜା ନୁହେଁ,ବରଂ ଦୁର୍ବଳତା । ଅଜ୍ଞତାର ଛଳନା ।

ଶିକ୍ଷିତ ନୁହେଁ । ଜଣେ ସତୀ ନାରୀ ହିଁ ସୁସନ୍ତାନକୁ ଦୁନିଆର ଆଲୋକ ଦେଖାଇବାରେ ସକ୍ଷମ ହୋଇଥାଏ । ନାରୀର ସମ୍ମାନ ନେଇ ଗୋଟିଏ ସମାଜ ଆଉ ରାଷ୍ଟ୍ର ସମ୍ମାନିତ ହୁଏ । ସମାଜର ଅଗ୍ରଗତି ହୁଏ । ତୁମେ ଏ କ'ଣ କଲ ? ଜଣେ ନାରୀ ହୋଇ ଜଣେ ମାଆ ହୋଇ ଆଉ ଗୋଟିଏ ଭବିଷ୍ୟତ ମାଆର ସ୍ୱପ୍ନ ଏବଂ ସମ୍ଭାବନାକୁ ନିଜ ହାତରେ ନଷ୍ଟ କରିଦେଲ ? ! ତଥାପି ସମୟ ଅଛି । ଆମେ ଏଠି ଚମ୍ପାର ସମସ୍ତ ଦାୟିତ୍ୱ ନେଇଛୁ । ସବୁ ସ୍ନେହ ଶ୍ରଦ୍ଧା ତା' ପାଇଁ ଅଜାଡି ଦେଇଛୁ । ସେ ବର୍ତମାନ ତୁମକୁ ଭୁଲିଯିବାକୁ ଚେଷ୍ଟା କରୁଛି । ଆମେ ତାକୁ ଜୀବନ ଜିଇଁବାରେ ଶୈଳୀ ଶିଖାଇଛୁ । ମାତ୍ର ବିଦ୍ୟାଳୟ ଶିକ୍ଷା ଶେଷ ହେଲାପରେ କୌଣସି ଗୋଟେ ମୁହୂର୍ତରେ ତୁମର ସ୍ପର୍ଶ ପାଇଁ ତା ମନ ବ୍ୟାକୁଳ ହେବ । ସେହି ଟିକକ ଅଭାବ ଆଉ ବ୍ୟାକୁଳତା ହୁଏତ ତା' ଜୀବନରେ କ୍ଷତି ପହଂଚାଇ ପାରେ । ତେଣୁ ତୁମକୁ ଅନୁରୋଧ, ଚମ୍ପାକୁ ତୁମ ନୂଆ ସଂସାରର ସଦସ୍ୟ ଭାବେ ଗ୍ରହଣ କର । ତା' ନୂଆ ବାପାଙ୍କ ସହିତ ଥରୁଟିଏ ଆସି ତାକୁ ଦେଖାକର । ଏଇ ଦଶହରା ଛୁଟିରେ ତୁମେ ନିଜେ ଆସି ତାକୁ ତୁମ ପାଖକୁ ନେଇଯାଅ । ସେ ତୁମକୁ ଅପେକ୍ଷା କରିଛି, ତୁମେ ଆସିବ ନିଶ୍ଚୟ ।

(ଇତି)

* * * *

* * * ଦଶହରା ଛୁଟି । ସମସ୍ତ ଛାତ୍ରୀ ମାନଙ୍କର ଅଭିଭାବକ ମାନେ ଆସି ସେମାନଙ୍କୁ ହଷ୍ଟେଲରୁ ନେଉଥାଆନ୍ତି । ଚମ୍ପା ଅପେକ୍ଷା କରିଥାଏ । ସଞ୍ଜ ହେବାକୁ ଆଉ କମ୍ ସମୟ ବାକି, ମାଆ ଆସିଲେ ନାହିଁ, ଆଈ ତାର ଆସି ଚମ୍ପାକୁ ସାଥିରେ ନେଇଯିବାକୁ ଅନୁମତି ଚାହିଁଲେ, ମାଆ ସହିତ ଯିବାର ସମସ୍ତ ଆଶା, ଆକାଂକ୍ଷା ଆଉ ଉକଣ୍ଠାକୁ ଜଳାଞ୍ଜଳି ଦେଇ ଆଈ ସହିତ ଗଲା ଚମ୍ପା, ମୁଁ କେବଳ ଚାହିଁ ରହିଥିଲି ସେମାନଙ୍କ ଚାଲିବା ବାଟକୁ ନୀରବରେ ଆଖି ଆଗରୁ ଲୁଚିବା ପର୍ଯ୍ୟନ୍ତ । ଅନ୍ତରରେ ଉଠୁଥିଲା ତୁହାକୁ ତୁହା ବୈପ୍ଲବିକ କୋହ ।

ସ୍ୱଗତୋକ୍ତି କରୁଥିଲି - ହେ ଈଶ୍ୱର ! ନିଜେ ରକ୍ତର ସୃଷ୍ଟିକୁ ନଷ୍ଟ କରି ଅବହେଳା କରି ଯେଉଁ ନାରୀ ମାନେ ସୁଖ, ସମ୍ଭୋଗ ଆଉ ଅର୍ଥ ପଛରେ ଅଣନିଶ୍ୱାସୀ ହୋଇ ଧାଉଛନ୍ତି ସେମାନଙ୍କୁ ସଦ୍‌ବୁଦ୍ଧି ଦିଅ । ଥରୁଟିଏ ଆତ୍ମ ଅନୁଶୀଳନ କରିବାର ସୁଯୋଗଟିଏ ସୃଷ୍ଟି କର ପ୍ରଭୁ ! ତୁମ ସୃଷ୍ଟିକୁ ସୁନ୍ଦର ଆଉ କମନୀୟ କରିବାକୁ ତୁମେ ପରା ସବୁ ସଦ୍‌ଗୁଣରେ ପରିପୂର୍ଣ୍ଣ କରି "ସଂପୂର୍ଣ୍ଣ ସୃଷ୍ଟି" ପାଇଁ ନାରୀଟିଏ ସୃଷ୍ଟି କରିଥିଲ ? ! ସୁସ୍ଥ ପରିବାର ଆଉ ସୁସ୍ଥ ସମାଜ ଗଠନ ପାଇଁ ତା ବାହୁରେ ଭରି ଦେଇଥିଲ ଅମାପ ଅସରନ୍ତି ଶକ୍ତିର ଉତ୍ସ । ମଣିଷ ରୂପୀ ଦାନବ ମାନଙ୍କୁ ଧ୍ୱଂସ କରି ଏ ଧରାପୃଷ୍ଠକୁ ଦେବତା ମାନଙ୍କୁ ଓହ୍ଲାଇ ଆଣିବାକୁ ତା' ହାତରେ ଧରାଇଦେଲେ କେତେ ନାହିଁ କେତେ ଅସ୍ତ୍ର ? ଏ କ'ଣ ହେଉଛି ପ୍ରଭୁ ? ! ତୁମର ଏ ସୁନ୍ଦର ସୃଷ୍ଟିରେ ଏତେ ସବୁ , ବ୍ୟତିକ୍ରମ ? ଆଜି ଦିନରେ ମାଆର ମମତା ନାହିଁ ! ସହଧର୍ମିଣୀର ସମର୍ପଣ ଭାବ ନାହିଁ । ଭଗିନୀର ସୌଜନ୍ୟ କିମ୍ବା କନ୍ୟାର କୋମଳ କଥା ନାହିଁ, ଯେଉଁ ଭାବ ଅନ୍ତରକୁ ସନ୍ତୋଷ ପ୍ରଦାନ କରେ ତାହାର ମୂଲ୍ୟ ପଇସାରେ କି ଟଙ୍କାରେ ହିସାବ କରାଯାଇନପାରେ । ଏଇସବୁର ଅଭାବରେ ଆଜି ଚମ୍ପା ଭଳି ନିରୀହ ଶିଶୁ କଥା ନିର୍ଯ୍ୟାତିତ, ଅବହେଳିତ, ସମାଜ ଆଦି ଅଧୋଗାମୀ, ଶାସ୍ତ୍ର କହେ, ଯେଉଁଠି ନାରୀ ପୂଜା ପାଏ, ସେଠାରେ ଦେବତା ବାସ କରନ୍ତି । ହେ ପ୍ରଭୁ ! ସବୁ ମଣିଷ ମନରେ ନାରୀଟିକୁ, ଶିଶୁ କନ୍ୟାଟିକୁ ସମ୍ମାନ ଦେବାର ମାନସିକତା ଟିକିଏ ସୃଷ୍ଟି କରିଦିଅ । ତେବେ ଯାଇ ତୁମ ସୃଷ୍ଟିରେ "ଚମ୍ପା" ଭଳି ଅନେକ ସମ୍ଭାବନା ଗୋଟିଏ ସୁସ୍ଥ, ଦକ୍ଷ ଆଉ ଅଗ୍ରଗାମୀ ସମାଜ ଗଠନରେ ଉତ୍ସର୍ଗୀକୃତ ଭାବେ ମନପ୍ରାଣ ଢାଳିଦେବେ ।

# ହୃଦୟ ପରିବର୍ତ୍ତନ

ପୁନ୍ନାଗ ନାମରେ ଜଣେ ଦୁର୍ଦ୍ଦାନ୍ତ ଦସ୍ୟୁ ଜଙ୍ଗଲରେ ରହୁଥିଲା । ଅପରାଧର ସମସ୍ତ ସୀମା ସେ ଅତିକ୍ରମ କରି ସାରିଥିଲା । ଜଙ୍ଗଲରେ ବାଟ ଭୁଲୁଥିବା ବ୍ୟକ୍ତି ଅନାୟାସରେ ତା' କବ୍‌ଜାକୁ ଆସୁଥିଲେ । ପୁନ୍ନାଗ ସେମାନଙ୍କର ସମସ୍ତ ବସ୍ତୁ ଲୁଟି ନେଉଥିଲା ଓ ସେମାନଙ୍କୁ ଯନ୍ତ୍ରଣାରେ ଛଟପଟ କରିବାରେ ସେ ଆନନ୍ଦ ପାଉଥିଲା । ଲୁଟିଥିବା ବସ୍ତୁ ନେଇ ଯେତବେଳେ ଘରେ ପହଂଚେ, ତା' ଝିଅ ବିପାଶା ତାକୁ ପଚାରେ 'ବାପା, ଏ ସମ୍ପତି, ବସ୍ତ୍ର, ଆଭୂଷଣ ତୁମେ କେଉଁଠୁ ଆଣିଲ ? ଏ ପ୍ରଶ୍ନ ତାକୁ ଦୋହଲାଇ ଦେଉଥିଲା । ସେ ଝିଅକୁ କୌଣସି ଉ□ର ଦେଇପାରୁନଥିଲା । ଏକ ପ୍ରକାର ଅପରାଧ ବୋଧ ତାକୁ ଘେରି ନେଉଥିଲା । କିନ୍ତୁ ପର ଦିନ ସେ ପୁଣି ଜଙ୍ଗଲରେ ଲୁଟତରାଜ୍ ଆରମ୍ଭ କରିଦିଏ । ଧୀରେ ଧୀରେ ବିପାଶା ଜାଣିଗଲା ଯେ ବାପା ଘରକୁ ଆଣୁଥିବା ଧନ କେଉଁଠୁ ଆସୁଛି । ଦିନେ ସେ ଏକୁଟିଆ ଥିଲା । ପୋଷା ହରିଣ ମୟକୁ ସେ କେଉଁଠି ପାଇଲା ନାହିଁ । ତାକୁ ଖୋଜି ଖୋଜି ବିପାଶା ଜଙ୍ଗଲରେ ପହଂଚିଲା । ସେଠାରେ ପଂହଚି ଦେଖିଲା, ମୟଙ୍କ ଛୋଟେଇ ଛୋଟେଇ ଚାଲୁଛି ଏବଂ ଖୁବ୍ କଷ୍ଟ ପାଉଛି । ମାଁ ଛେଉଣ୍ଡ ବିପାଶା ପ୍ରଥମ ଥର କାହାକୁ କଷ୍ଟ ପାଉଥିବା ଦେଖିଲା । ଗୋଡ଼ରେ ଆଘାତ ଲାଗିଲେ କ'ଣ ହୁଏ, ତାହା ଜାଣିବା ପାଇଁ ସେ ଗୋଟିଏ ପଥର ନେଇ ନିଜ ଗୋଡ଼କୁ ଜୋରରେ ମାରିଲା । ଆଘାତ ଲାଗିବା ପରେ ସେ ଯନ୍ତ୍ରଣାରେ ଛଟପଟ ହେଲା । ଏଥର ମୟଙ୍କର ପୀଡ଼ା ସେ ଅନୁଭବ କରୁଥିଲା । ଉଭୟ ସେଠାରେ ବସି ପରସ୍ପର ପୀଡ଼ା ବାଂଟିଲେ । ସନ୍ଧ୍ୟା ହୋଇଗଲା, ବସି ବସି ବିପାଶାକୁ ନିଦ ହୋଇଗଲା । ପୁନ୍ନାଗ ଘରକୁ ଫେରି ଦେଖିଲା ଝିଅ ନାହିଁ । ସେ ସଙ୍ଗେ ସଙ୍ଗେ ଜଙ୍ଗଲକୁ ଦୌଡ଼ିଲା । ସେଠାରେ ପହଂଚି ଦେଖିଲା ବିପାଶା ଶିଶୁ ମୃଗକୁ କୋଳରେ ଧରି ଶୋଇଛି । ପୁନ୍ନାଗ ତାକୁ ଉଠାଇଲା । ବିପାଶା ଉଠିବାକୁ ଚେଷ୍ଟା କରିବାରୁ ପଡ଼ିଗଲା । ଝିଅ ଗୋଡ଼ରେ ଲାଗିଥିବା ଆଘାତ ଆଡ଼କୁ ତା'ର ନଜର ଗଲା । ସେ ପଚାରିଲା ଝିଅ, ତୋ ଗୋଡ଼ରେ ଏତେ ଜୋରରେ ଆଘାତ କେମିତି ଲାଗିଲା ? ବିପାଶା କହିଲା 'ନା ବାପା, ମୁଁ ନିଜେ ନିଜକୁ ଆଘାତ ଦେଇଛି ।' ଏହା ଶୁଣି ପୁନ୍ନାଗ ଚମକି ଉଠିଲା । କାରଣ ପଚାରିବାରୁ ବିପାଶା କହିଲା ଆପଣ ଯେତେବେଳେ ଅନ୍ୟକୁ କଷ୍ଟ ଦିଅନ୍ତି ତାଙ୍କୁ କେତେ ଯନ୍ତ୍ରଣା ହୁଏ ତାହା ଜାଣିବାକୁ ଚାହୁଁଥିଲି । ଏତିକି କହି ସେ ମୂର୍ଚ୍ଛିତ ହୋଇଗଲା । ପୁନ୍ନାଗ ବିଚଳିତ ହୋଇ ଉଠିଲା । ସେହିଦିନ ଠାରୁ ତା' ଜୀବନର ଗତିପଥ ପରିବର୍ତ୍ତନ ହୋଇଗଲା । ବାକି ଜୀବନକୁ ସେ ମାନବ ସେବାରେ ସମର୍ପିତ କରିଦେଲା ।

ଗଙ୍ଗାମଣି ସୁନାନୀ
ଅଷ୍ଟମ ଶ୍ରେଣୀ

# ମୁଁ ସରଗି ଗଛ କହୁଛି



ବଣ ମୂଲକରେ ଜାତି ଜାତିକା ଗଛ ଅଛନ୍ତି । ସେମାନଙ୍କ ମଧରେ ମୁଁ ବି ଗୋଟିଏ । ନାଁଟି ମୋର ସରଗି ଗଛ । ବଣରେ ରହୁଥିବା ଜନଜାତି ମାନଙ୍କର ମୁଁ ଅତିପ୍ରିୟ । ମୋର ପ୍ରିୟତାର କାରଣ ବି ଅନେକ । ଏଇ ଯେମିତି ମୋର ପତ୍ରକୁ ସେମାନେ ଅନେକ କାମରେ ଲଗାନ୍ତି । ଖଲି, ଠୋଲା ତିଆରି କରି ସେମାନେ ପାତ୍ର ଭାବରେ ବ୍ୟବହାର କରନ୍ତି । ବେଳେ ବେଳେ ପିଠା ତିଆରିରେ ମୋର ପତ୍ରକୁ ବ୍ୟବହାର କରନ୍ତି । ଏଣୁ କଦଳୀ ପତ୍ର ପରି ମୁଁ ଗରିବ ଆଦିବାସୀ ଲୋକଙ୍କର ଅତିପ୍ରିୟ ।

ଯେତେବେଳେ ମୋ ଦେହରେ ପେନ୍ଥି ପେନ୍ଥି ଫୁଲ ଫୁଟେ, ସେତେବେଳେ ପତ୍ର କମ୍ ଥିଲେ ବି ମୁଁ ଭାରି ସୁନ୍ଦର ଦିଶେ । ଖରାବେଳେ ପିଲାଠାରୁ ବୁଢ଼ା ଯାଏ ମୋ ମୂଳରେ ବସି ମୋର ସୁନ୍ଦରତାକୁ ଉପଭୋଗ କରନ୍ତି । ମୋ ଫୁଲ ଭିତରେ ସେମାନେ ରାଶି ରାଶି ଖୁସି ଅନୁଭବ କରି ସପନରେ ମସଗୁଲ ହୁଅନ୍ତି । ମୋ ଫୁଲକୁ ସରଳ ଆଦିବାସୀଏଁ ପୂଜାପାଠରେ ଲଗାନ୍ତି ।

ଫୁଲ ପରବର ଶେଷରେ ଫଳସବୁ ଝୁଲି ଝୁଲି କଥା ହୁଅନ୍ତି । ପ୍ରକୃତିର ପୂଜାରୀ ଆଦିବାସୀ ମାନେ ଭାରି ଖୁସି ହୁଅନ୍ତି । ଝୁଲି ଝୁଲି ତଳେ ପଡ଼ିଗଲେ ମୋ ଫଳ ସବୁକୁ ସେମାନେ ଆନନ୍ଦରେ ଗୋଟାନ୍ତି ଏବଂ ସେଥିରୁ ମଞ୍ଜି ସଂଗ୍ରହ କରି ବିକନ୍ତି । ଅବଶ୍ୟ ବେପାରୀ ମାନେ ସେମାନଙ୍କୁ ଠକିବା ସତ୍ତ୍ୱେ ସେମାନଙ୍କର କିଛି ରୋଜଗାର ହୁଏ । ଖରା ଛୁଟିରେ ବିଦ୍ୟାଳୟର ପିଲାମାନେ ସଂଗ୍ରହ କରିଥିବା ମଞ୍ଜିରୁ କିଛି ପଇସା ରୋଜଗାର କରିଥିବାରୁ ତାକୁ କିଣାବିକା କାମରେ ଲଗାଇଥାନ୍ତି । ସେମାନଙ୍କ ଆନନ୍ଦ କହିଲେ ନସରେ ।

ମୋତେ ବେଶି ବୟସ ହୋଇଗଲେ ମୋ ଦେହ ପାକଳ ହୁଏ । କାଠ ଭିତରେ ଶକ୍ତ ମଞ୍ଜ ଆସେ । ମୋ ଦେହରୁ ଖୋଳପା ଚମ ଛାଡ଼େ । ତା' ଭିତରେ ଲମ୍ୱା ଲମ୍ୱା ଅଠା ବାହାରେ । ଅଠାରେ ପାକଳତା ଆସିଲେ ତାହାର ରଙ୍ଗ ଖଇରିଆ ଦିଶେ । ଲୋକେ ବୁଲି ବୁଲି ସେ ସବୁକୁ ସଂଗ୍ରହ କରନ୍ତି ଏବଂ ତାକୁ ଝୁଣା ଭାବରେ ବ୍ୟବହାର କରନ୍ତି । ଠାକୁରଙ୍କ ପାଖରେ ଝୁଣା ଧୂଆଁର ମଜାଟିକେ ଅଲଗା । ମହ ମହ ବାସ୍ନା ଛୁଟେ । ମଶାମାଛି ଦୂରେଇ ଯାଆନ୍ତି । ବଡ଼ ପବିତ୍ର ପବିତ୍ର ପରିବେଶ ଲାଗେ । ଝୁଣା ଅଧିକ ଥିଲେ

ଲୋକେ ବିକ୍ରୟ କରି ସେଥିରୁ କିଛି ଅର୍ଥ ଉପାର୍ଜନ କରନ୍ତି ।

ମୋ ଦେହ କାଳେ ପବିତ୍ର ବୋଲି ଲୋକେ କଥା ହେଉଥିବାର ମୁଁ ଶୁଣିଛି । ଏଣୁ ମୋତେ ଖଣ୍ଡ ଖଣ୍ଡ କରି କାଟି ଶୁଖାଇ ହୋମ କାଠ ଭାବରେ ବ୍ୟବହାର କରନ୍ତି । ଘିଅ ଏବଂ ନିଆଁ ପରସପାଇ ମୁଁ ଜଳି ଉଠେ । ମୋ କାଠ ଅତି ଶକତ । ଏବେ ସିନା ରେଳ ଧାରଣାରେ ମୁଁ ବିଶେଷ ବ୍ୟବହାର ହେଉନାହିଁ, କିନ୍ତୁ ଆଗେ ବହୁଳ ଭାବରେ ରେଳ ଧାରଣାରେ ମୋତେ ବ୍ୟବହାର କରାଯାଉଥିଲା । କେବଳ ସେତିକି ନୁହେଁ ମୋର ଶରୀର ମଜବୁତ୍ ହୋଇଥିବାରୁ ମୋତେ ଘର ତିଆରି, ଘରର ବିଭିନ୍ନ ଆସବାବ ତିଆରିରେ ବ୍ୟବହାର କରାଯାଏ । ମୋର ଚାହିଦା ଲୋକମାନଙ୍କ ଭିତରେ ବେଶୀ ।

ଜନମ ପରେ ପରେ ଟିକି ଗଛଟିଏ ହୋଇଥିଲା ବେଳେ ମୋ ଦେହରେ ଚଢେଇ ବସନ୍ତି । ବଡ଼ ଖୁସିରେ କିଚିରି ମିଚିରି କରନ୍ତି । ଆମେ ସବୁ ମାଳ ମାଳ ହୋଇ ବଣରେ ଥିଲାବେଳେ ନିଜ ନିଜ ଭିତରେ କେତେକ କଥାବାର୍ତ୍ତା ହେଉ । ବଡ଼ ସୁନ୍ଦର ଦିଶେ ଆମ ପରିବେଶ ।

କିନ୍ତୁ ମୁଁ ଏବଂ ମୋର ସାଥୀ ମାନେ ବଡ଼ ବିପଦରେ ପଡ଼ିଯାଇଛୁ । ମୂଳ ଠାରୁ ଆରମ୍ଭ କରି ଚୂଳ ପର୍ଯ୍ୟନ୍ତ ଆମେ ପ୍ରାଣୀ ମାନଙ୍କର ଉପକାରରେ ଆସିଥାଉ । କିନ୍ତୁ କାଠ ମାଫିଆ ମାନେ ରାତିରେ ଆସି ଅତି ନିର୍ମମ ଭାବେ ଆମ ଦେହକୁ ଚିରିପକାନ୍ତି । ବଡ଼ କଷ୍ଟ ଲାଗେ ଆମକୁ । କେତେକ ଅସାମାଜିକ ଲୋକ ମୋର ମୂଳରୁ ମୋର ଚମକୁ ଛେଲି ଦିଅନ୍ତି । ଏଣୁ ମୁଁ ନଖାଇ ନ ପିଇ କିଛି ଦିନ ପରେ ଶୁଖି ଶୁଖି ମରିଯାଏ । ମୋର ସୁନ୍ଦର ଦେହ ଅସୁନ୍ଦର ହୁଏ । ମୁଁ ଏବଂ ମୋର ଭାଇ ଭଉଣୀ ମାନେ କଙ୍କାଳ ସାର ହେଉ । କୁଆଡ଼େ ଯାଆନ୍ତି ଚଢ଼େଇ ମାନେ କେଜାଣି ଆମ ପାଖକୁ ମୋଟେ ଆସନ୍ତିନି । ଅନୁସୂଚିତ ଜନଜାତିର ଲୋକେ ବଡ଼ ଦୁଃଖ ବି କରନ୍ତି ।

ମୋର ଅଳି ଏମିତି ଏ ମଣିଷ ଭାଇ ଭଉଣୀଙ୍କୁ, ଜଙ୍ଗଲରେ ଆମର ସଂଖ୍ୟା ବୃଦ୍ଧି କରନ୍ତୁ । ଅସମୟରେ ନଷ୍ଟ ନ କରନ୍ତୁ । ହଁ, ଶୁଣିଲି ମୋଫୁଲକୁ ନେଇ ଛଅ ବର୍ଷ ହେଲା ବଡ଼ ଧୁମଧାମ୍‌ରେ ଜିଲ୍ଲା ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ "ସରଗି ଫୁଲ" କାର୍ଯ୍ୟକ୍ରମ ଚାଲିଛି । ଓଡ଼ିଶା ସାରା ପିଲା ଏକାଠି ହେଉଛନ୍ତି । ବଡ଼ ମଜା ମାରୁଛନ୍ତି, ଭଲ କଥା, ଏମିତି ଚାଲିଥାଉ, ସମସ୍ତେ ଖୁସିରେ ରୁହନ୍ତୁ, ଜନଜାତିର ବଡ଼ ମଙ୍ଗଳ ହେଉ । ଏତିକି ଇଚ୍ଛା ।

**ବିଷ୍ଣୁପ୍ରିୟା କହଁର**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁତୁତୁଲି, କନ୍ଧମାଳ


# ଯେ ପାଂଚେ ପରର ମନ୍ଦ

ଆମ ଘର ବାଡ଼ିପଟେ ଗୋଟେ ବିରାଟ ଜଙ୍ଗଲ ଅଛି। ସେଠାକୁ ଯିବାକୁ ଲୋକେ ଭୟ କରନ୍ତି। ସେଇଠାରେ ପିମ୍ପୁଡ଼ି ଠାରୁ ଆରମ୍ଭ କରି ବାଘ ପର୍ଯ୍ୟନ୍ତ ଅନେକ ପଶୁପକ୍ଷୀ ରହୁଛନ୍ତି। ବଣର ରାଜା ତ ବାଘ। ସିଏ ସବୁ ଛୋଟ ଜାତିର ପ୍ରାଣୀ ମାନଙ୍କୁ ମାରିଖାଏ। ସେହି ବଣରେ ବିଲୁଆ ମଧ୍ୟ ରହୁଥିଲା। ଦିନେ ବିଲୁଆର ଇଚ୍ଛା ହେଲା ବାଘ ମାଂସ ଖାଇବାକୁ। ବାଘ ତ ଅନ୍ୟ ଛୋଟ ଜାତିର ପଶୁପକ୍ଷୀ ମାନଙ୍କୁ ମାରି ଖାଉଛି। ସିଏ ବି ଦେଖିବାକୁ ଭାରି ସୁନ୍ଦର। ତା'ର ମାଂସ କେତେ ସୁଆଦ ହୋଇନଥିବ। ହେଲେ ବିଲୁଆ ବାଘ ମାଂସ ଖାଇବ କେମିତି ? କିଛି ଉପାୟ ନାହିଁ। ଦିନେ ବିଲୁଆ ବୁଲୁଥିବା ସମୟରେ ଗୋଟିଏ ଅହିରାଜ ସାପ ଦେଖିଲା। ଅହିରାଜ ତାର ଯିବା ବାଟକୁ ବନ୍ଦ କରି ଦେଇଛି। ଫଣା ଟେକି କହିଲା, "ମୁଁ ତତେ ମାରିଦେବି"। ବିଲୁଆ କ'ଣ କରିବ ଜାଣି ପାରିଲା ନାହିଁ । ହଠାତ୍ ବିଲୁଆ ମୁଣ୍ଡରେ ଗୋଟେ ବୁଦ୍ଧି ଜୁଟିଲା। ବିଲୁଆ କହିଲା, ମୁଁ ଆପଣଙ୍କ ପାଖକୁ ଏକ ସମ୍ବାଦ ନେଇ ଆସିଛି। ସମସ୍ତେ ଚାହୁଛନ୍ତି, ଆପଣ ଏ ବଣର ରାଜା ହୁଅନ୍ତୁ। ଆପଣ ତ ଦେଖିବାକୁ ବଡ଼, ବିଷ ମଧ୍ୟ ଟାଣ। ଆପଣଙ୍କ ଫଣା ତ ସମସ୍ତଙ୍କୁ ଡର। ତେଣୁ ଆପଣ ଏ ବଣର ରାଜା ହେଲେ ବେଶ୍ ଭଲ ହେବ। ରାଜା ହେବାକୁ ବା କିଏ ନ ରାଜି ହେବ। ଅହିରାଜ କହିଲା ଠିକ୍ ଅଛି। ବିଲୁଆ କହିଲା ଠିକ୍ ଅଛି ଯେ ହେଲେ ଏ ବଣରେ ଗୋଟେ ବାଘ ଅଛି। ସିଏ କହୁଛି ମୁଁ ଏ ବଣର ରାଜା। ତାକୁ ଯଦି ଆପଣ ମାରି ଦିଅନ୍ତେ, ତେବେ ଆପଣ ରାଜା ହୁଅନ୍ତେ । ଅହିରାଜ ରାଗିଗଲା, କିଏ ସେହି ଦୁଷ୍ଟ ବାଘ ମୋ ସହିତ ଭେଟ କରାଅ। ବିଲୁଆ ବଡ଼ ଖୁସି ହୋଇଗଲା, ଯା ହେଉ ତା'ର ବୁଦ୍ଧି କାମ କଲା । ବିଲୁଆ ଉ□ର ଦେଲା ଆପଣ ଏଇଠି ଥାଆନ୍ତୁ। ତା'ପରେ ବିଲୁଆ ଯାଇ ବାଘ ପାଖରେ ପହଂଚି କହିଲା ମହାରାଜ ଆପଣ ତ ଏ ବଣର ରାଜା। ଆପଣ ଦେଖିବାକୁ ସୁନ୍ଦର। ପଟା ପଟା ଦାଗ ଅଛି। ଆଖି ଦୁଇଟି ଉଜ୍ଜ୍ୱଳ। ମୁନିଆ ମୁନିଆ ନଖ ଅଛି। ମୁନିଆ ମୁନିଆ ଦାନ୍ତ। ପୁଣି ଜାତୀୟ ପଶୁ। ଆପଣ କଉଁଥିରେ ତ କମ୍ ନୁହନ୍ତି। କିନ୍ତୁ କ'ଣ ହେବ ସେପଟେ ଅହିରାଜ କହୁଛି ମୁଁ ରାଜା ହେବି। ବାଘ-ରାଗ ଜର୍ଜରିତ ହୋଇ ଗର୍ଜନ ଛାଡ଼ି କହିଲା କିଏ ସେହି ଦୁଷ୍ଟ ଅହିରାଜ ତାକୁ ମୋ ପାଖକୁ ଆଣ। ବିଲୁଆ କହିଲା ମହାରାଜ ଆପଣ ନଦୀ ଏପଟେ ଥାଆନ୍ତୁ। ମୁଁ ସେହି ଦୁଷ୍ଟ ଅହିରାଜକୁ ଡାକି ଆଣୁଛି। ତା'ପରେ ବିଲୁଆ ଅହିରାଜକୁ ଡାକି ଆଣିଲା। ଦୁଇଜଣଙ୍କ ଭିତରେ କନ୍ଦଳ ଲାଗିଲା। ଅହିରାଜ ଫଣା ଟେକି ବାଘକୁ ଚୋଟ ମାରିଲା ଓ ବାଘ ତା'ର ମୁନିଆ ନଖରେ ଅହିରାଜର ବେକକୁ ଖିନ୍‌ଭିନ୍ କରି ଦେଲା। କିଛି ସମୟ ପରେ ଅହିରାଜ ମଲା। ଅହିରାଜ ବାଘକୁ ଚୋଟ ମାରିଥିବାରୁ ବାଘ ବି ମଲା। ଦୁଇଜଣ ଯାକ ମଲେ। ଏପଟେ ବିଲୁଆର ମନ ଭାରି ଖୁସି। ବାଘ ମାଂସ ଏତେ

ଦିନ ପରେ ଖାଇବ । ତେଣୁ ତା'ର ପୁଅ, ଝିଅ ସ୍ତ୍ରୀ କୁ ଡାକି ଆଣିଲା । ସମସ୍ତେ ମନ ଭରି ବାଘ ମାଂସ ଖାଇଲେ । ଶେଷରେ ଚାରିଜଣ ଯାକ ମଲେ । ଯେହେତୁ ବାଘକୁ ଅହିରାଜ ଚୋଟ ମାରିଥିଲା । ବାଘର ଦେହରେ ବିଷ ସବୁଆଡ଼େ ଖେଳେଇ ହୋଇଯାଇଥିଲା । ତେଣୁ ଏ ଚାରିଜଣ ମଧ୍ୟ ମଲେ । ତେଣୁ କଥାରେ ଅଛି -

ଯେ ପାଂଚେ ପର ମନ୍ଦ,
ତା ମନ୍ଦ ପାଂଚନ୍ତି ଗୋବିନ୍ଦ ।

**ବିଷ୍ଣୁପ୍ରିୟା କହଁର**
ନବମ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡୁତୁଲି, କନ୍ଧମାଳ



Lipu Sabara, Govt. High School, Ruma

# ଠେକୁଆ ଦେଲା ଶିକ୍ଷା

ଭାଲୁ ଓ ବାଘ ଦୁଇ ସାଙ୍ଗ । ଦିନେ ସେମାନେ ବୁଲୁଥିବା ବେଳେ ଦେଖିଲେ ଯେ ଗୋଟିଏ କଇଁଛ ଧୀରେ ଧୀରେ ଚାଲୁଛି । କଇଁଛଟିକୁ ଦେଖି ସେମାନଙ୍କ ପାଟିରୁ ଲାଳ ବୋହିଲା । କିପରି କଇଁଛଟିକୁ ମାରି ଖାଇବେ ? ସଙ୍ଗେସଙ୍ଗେ ବାଘ ପାଖ ଗାଁକୁ ଦୌଡ଼ିଯାଇ ଗୋଟିଏ ବସ୍ତା ନେଇ ଆସିଲା । କଇଁଛକୁ ବସ୍ତାରେ ପୂରାଇ ଘରକୁ ଫେରିଲା । ରାସ୍ତା କଡ଼ରେ ଗୋଟିଏ ଠେକୁଆ ଏମାନଙ୍କର କାର୍ଯ୍ୟକୁ ଦେଖୁଥିଲା । ଗୋଟିଏ ପ୍ରାଣୀର ଜୀବନ ବଂଚାଇବାକୁ ସେ ବାଘର ପଛେପଛେ ଚାଲିଲା ।

ଘରେ ପହଂଚି ବାଘ ତା'ର ସାଙ୍ଗ ଭାଲୁକୁ କହିଲା ଆଜି ମୋ ହାତରୁ କଇଁଛକୁ କେହି ବଂଚାଇ ପାରିବେନି । ଏଥର ଠେକୁଆ ମନେ ମନେ ଏକ ଉପାୟ ପାଂଚିଲା । ବାଘ ସାମ୍ନାକୁ ଯାଇ ପଚାରିଲା - ଭାଲୁ ନନାଙ୍କୁ ଦେଖିଛ ? ସେ ଲଗାଇ ଥିବା ଆଖୁ ଗଛ ଗୁଡ଼ିକୁ ହରିଣ ମାନେ ଖାଉଛନ୍ତି ।



ଠେକୁଆ ମୁହଁରୁ କଥା ନ ସରୁଣୁ ଭାଲୁ ଘର ଭିତରୁ ବାହାରି ଆସିଲା । ଦୁହେଁ ଏ କଥା ଶୁଣି ଅତି ଆନନ୍ଦ ମନରେ ହରିଣ ମାଂସ ଖାଇବାକୁ ଦୌଡ଼ିଲେ । ସେମାନେ ଚାଲିଯିବା ପରେ ଠେକୁଆ ବସ୍ତା ପାଖକୁ ଯାଇ ବସ୍ତାର ମୁହଁଟିକୁ ଖୋଲିଦେବାରୁ କଇଁଛ ବାହାରି ଆସିଲା । ଠେକୁଆ ଓ କଇଁଛ ଏହା ପରେ ଭାଲୁକୁ ଶିକ୍ଷା ଦେବା ପାଇଁ ଉପାୟ ଖୋଜିଲେ । ଠେକୁଆ ବଣ ଭିତରକୁ ଯାଇ ତାର ବନ୍ଧୁ ମହୁମାଛିକୁ ଏ କଥା ସବୁ ଜଣାଇଲା । ମହୁମାଛି ଏମାନଙ୍କ ଦୁଃଖ ଶୁଣିବାରୁ ତା'ର ଦଳବଳ ସହ ଆସି ବସ୍ତାରେ ପଶିଲେ । ବସ୍ତାର ମୁହଁ ବାନ୍ଧି ଠେକୁଆ ଓ କଇଁଛ ଘରକୁ ଫେରି ଆସିଲେ ।

ଏଣେ ହରିଣକୁ ନ ପାଇ ଭାଲୁ ଓ ବାଘ ମନ ଦୁଃଖରେ ଘରକୁ ଫେରିଲେ । ବାଘ କହିଲା ରାଗ ନାହିଁ ସଙ୍ଗାତେ, ଆଗେ କଇଁଛକୁ ମାରି ଖାଇବା, ତା'ପରେ ଠେକୁଆ କଥା ବୁଝିବା । ଏହା କହି ବାଘ ବସ୍ତାର ମୁହଁଟିକୁ ଯେମିତି ଖୋଲି ଦେଇଛି, ସଙ୍ଗେ ସଙ୍ଗେ ମହୁ ମାଛି ମାନେ ବସ୍ତାରୁ ବାହାରି ବାଘ ଓ ଭାଲୁକୁ ବିନ୍ଧି ପକାଇଲେ । ବାଘ ଓ ଭାଲୁ ପ୍ରାଣ ବିକଳରେ ମରିଗଲୁ ମରିଗଲୁ ଚିତ୍କାର କରି ଜଙ୍ଗଲକୁ ଦୌଡ଼ିଲେ । ଆଉ ଦିନେ କେବେ ମୋନେ କଇଁଛ ଉପରେ ଆଖି ପକାଇଲେ ନାହିଁ ।

**କୁମାରୀ ସାବିତ୍ରୀ କଟେଇ**
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର

# ଯେସାକୁ ତେସା

ଏକଦା ଜଣେ ଋଷି ବନରେ ବାସ କରୁଥିଲେ । ସେ ବହୁତ ଅହଂକାରୀ ଥିଲେ । ସେ କହୁଥିଲେ ମୋର ସାମନା କରିବାକୁ ଏ ଗ୍ରାମରେ କେହି ନାହାନ୍ତି । ସେ କାହାରିକୁ ଖାତିର କରୁନଥିଲେ । ତାଙ୍କ ପାଖରେ ଏମିତି ଏକ କୁହୁକ ଶକ୍ତି ଥିଲା ଯାହାକି ବାଘକୁ ମଣିଷ ଓ ମଣିଷକୁ ବାଘ କରିଦେଉଥିଲା ।

ସେ ଥରେ ତାଙ୍କ ଶକ୍ତି ବଳରେ ଗୋଟିଏ ବାଘକୁ ତାଙ୍କ ଆଶ୍ରମକୁ ଆଣିଲେ । ସେଇ ବାଘଟି ଖୁବ୍ ଦୟାଳୁ ଥିଲା ଓ ନିରୀହ ଥିଲା । ସେ କାହାରି କିଛି କ୍ଷତି କରୁନଥିଲା । ଋଷିତ ଆଗରୁ କୁହୁକ ବିଦ୍ୟା ଜାଣିଥିଲେ, ତେଣୁ ସେ ବାଘକୁ ତାଙ୍କ ବିଦ୍ୟା ବଳରେ ମଣିଷର ରୂପ ଦେଇଦେଲେ । ତାକୁ କହିଲେ "ଯା ଏଇ ପାଖରେ ଗୋଟିଏ ଗ୍ରାମ ଅଛି । ସେଇ ଗାଁର ଲୋକମାନଙ୍କଠୁ ଜୋର ଜବର ଦସ୍ତ ଜିନିଷ ପତ୍ର ଛଡାଇ ଆଣିବୁ ।" ବାଘ ସେଇ ଋଷିଙ୍କ କଥାକୁ ମାନିଲା । ଋଷିଙ୍କ କଥାରେ ପ୍ରଥମେ ସେ ରାଜି ହେଉନଥିଲା । କିନ୍ତୁ ଋଷି କହିଲେ "ଯଦି ତୁ ମୋ କଥା ନ ମାନିବୁ, ତେବେ ମୁଁ ପୁନର୍ବାର ତୋତେ ବାଘ ରୂପ ଦେଇ ଦେବି ଏବଂ ଗ୍ରାମର ଲୋକମାନଙ୍କୁ କହି ହତ୍ୟା କରେଇବି" । ଏ କଥା ଶୁଣି ବାଘ ଭୟ କରି ତାଙ୍କ କଥା ମାନିଲା । ତେଣୁ ସେ ସବୁ ଦିନ ଗାଁକୁ ଯାଇ ଜିନିଷ ପତ୍ର ଛଡ଼େଇ ଆଣି ସେ ଋଷିଙ୍କୁ ଧନୀ କରିଦେଲା । ଯେତେବେଳେ ସେ ବୁଢ଼ା ହୋଇ ଆସିଲା ସେ ଆଉ ପାରିଲା ନାହିଁ । ଏଣୁ ଋଷି ତାକୁ ବସେଇକି ଖାଇବାକୁ ଦେଲେ ନାହିଁ । ସେ ଦିନକୁ ଦିନ ଦୁର୍ବଳ ହୋଇଗଲା । କିଛି ଦିନ ପରେ ଋଷି ଭାବିଲେ ଯାକୁ ବସେଇକି ରଖିବା ଅପେକ୍ଷା ମାରିଦେଲେ ଭଲ ହେବ କହି ତାକୁ ପୁନର୍ବାର ବାଘର ରୂପ ଦେଇଦେଲେ । ଋଷି ଲୋକମାନଙ୍କୁ ଡାକିଲେ ଏବଂ ବାଘକୁ ଦେଖି ସେମାନେ ତାକୁ ମାରିଦେଲେ ।

କିଛି ଦିନ ପରେ ସେହି ଋଷି ପାଖରେ ଥିବା ଧନ ସଂପତି ଦେଖି ଲୋକମାନେ ସେ ସବୁ ବୁଝିନେଲେ ଓ ତାଙ୍କୁ ସେହି ଗ୍ରାମରୁ ବାହାର କରିଦେଲେ । ଫଳରେ ଋଷି ଯାଇ ଗଛ ମୂଳେ ଆଶ୍ରୟ ନେଲେ ଏବଂ ତାଙ୍କୁ ଖାଇବାକୁ କିମ୍ବା ପିଇବାକୁ ମିଳିଲା ନାହିଁ । ଶୋଷ ମେଂଟେଇବା ପାଇଁ ସେ ନାଳର ଦୂଷିତ ଜଳକୁ ବ୍ୟବହାର କଲେ । ଶେଷରେ ସେ ଭିକ ମାଗି ବୁଲିଲେ । ରୋଗ ଗ୍ରାସ ହୋଇ ସେ ଦୁର୍ବଳ ହୋଇଗଲେ ଏବଂ ଶେଷରେ ମୃତ୍ୟୁବରଣ କଲେ । "ଅହଙ୍କାରର ଶେଷ ପରିଣତି ବହୁତ ଦୁଃଖଦ ହୋଇଥାଏ ।"



**ସନ୍ତୋଷିନୀ ପାତ୍ର**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର

# ବଣ ବିଲେଇ ଓ ମୂଷା

ଗୋଟିଏ ଗାଁ ପାଖରେ ଏକ ବଡ଼ ଜଙ୍ଗଲ ଥାଏ। ସେଠାରେ ଅନେକ ପ୍ରକାରର ପଶୁ ପକ୍ଷୀ ବାସ କରୁଥାନ୍ତି। ସେମାନଙ୍କ ମଧ୍ୟରେ ବଣ ବିଲେଇଟିଏ ଥାଏ। ତା'ର ନାଁ ଥାଏ ଟିକୁ। ଟିକୁ ସେଠାକାର ମୂଷା, ଏଣ୍ଡୁଅ ମାନଙ୍କୁ ମାରି ଖାଉଥାଏ। ଏମିତି କିଛି ଦିନ ଗଲା ପରେ ଟିକୁ ଦିନେ କିଛି ଖାଇ ନଥାଏ। ତାକୁ ଭାରି ଭୋକ ଲାଗୁଥାଏ। ସେ ଗୋଟେ ବାଟ ଦେଇ ଯାଉ ଯାଉ ଦେଖିଲା ସେଠାରେ ଛୋଟିଆ ମୂଷାଟିଏ ଅଛି। ତା'ର ନାଁ ଥିଲା ମିକୁ। ଟିକୁ ମିକୁକୁ ଦେଖି ଭାରି ଖୁସି ହୋଇଗଲା। ଭାବିଲା ମୂଷାଟିକୁ ମନ ଭରି ଖାଇବ। ଟିକୁ କହିଲା ମିକୁ ମିକୁ ମୁଁ ଆଜି ତତେ ମାରି ଖାଇବି। ଏ କଥା ଶୁଣି ମିକୁ ଡରିଗଲା। ସେ ଉପାୟ ପାଂଚିଲା। କହିଲା, ଟିକୁ ଭାଇ ତମେ ମୋତେ ଖାଅ ନାହିଁ। ମୁଁ ତୁମର ଉପକାରରେ ଆସିବି। ଟିକୁ ଟିକିଏ ହସିଲା, କହିଲା ତୁ ତ ଦେଖିବାକୁ ଛୋଟିଆ ପ୍ରାଣୀଟିଏ। କେମିତି ତୁ ମୋର ଉପକାରରେ ଆସିବୁ ? ମିକୁ କହିଲା, "ଟିକୁ ଭାଇ ମୁଁ ଦେଖିବାକୁ ଛୋଟ କିନ୍ତୁ ମୁଁ ତୁମର ନିଶ୍ଚୟ ଉପକାରରେ ଆସିବି।" ଟିକୁ ମନରେ ମିକୁ ପ୍ରତି ଦୟା ଆସିଲା। ସେ କହିଲା ଆଜିଠାରୁ ଆମେ ଦୁହେଁ ବନ୍ଧୁ ହେବା। ମିକୁ ମଧ୍ୟ ତା' କଥାରେ ରାଜି ହୋଇଗଲା।

ଦିନକର କଥା, ମିକୁ ଗୋଟିଏ ଭୋଜିକୁ ଯାଇଥାଏ। ସେ ଫେରିଲା ବେଳକୁ ଭୋଜିରୁ ଶୁଖୁଆ ଦିଟା ନେଇ ଆସିଲା ତା' ସାଙ୍ଗ ଟିକୁ ପାଇଁ। କିନ୍ତୁ ଟିକୁ ସେଠାରେ ନଥିଲା। ସେ ଟିକୁକୁ ଖୋଜିବା ପାଇଁ ବାହାରି ପଡ଼ିଲା। ଯାଉ ଯାଉ ଦେଖିଲା ଟିକୁ ଶିକାରୀର ଜାଲରେ ଛନ୍ଦି ହୋଇଛି। ସେ ସାଙ୍ଗେ ସାଙ୍ଗେ ଯାଇ ଜାଲଟିକୁ ତା'ର ମୁନିଆ ଦାନ୍ତରେ କାଟିଦେଲା। ତା'ପରେ ଟିକୁ ମୁକ୍ତ ହେଲା। ପୁଣି ସେମାନେ ଖୁସିରେ ସାଙ୍ଗ ହୋଇ ବଣକୁ ଗଲେ। ଏବେ ଟିକୁ ବୁଝିପାରିଲା ମିକୁ ଛୋଟ ହେଲେ ମଧ୍ୟ ତା'ର ଉପକାର କଲା।

ସୁମଲତା ପ୍ରଧାନ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୁଡୁକୁଳି, କନ୍ଧମାଳ



# ମାଟି

ଆମର ଆଖପାଖରେ ଯେଉଁଠି ବି ଆମେ ଦେଖିବା ମାଟି ଆମକୁ ଦେଖିବାକୁ ମିଳିବ । ଏହି ମାଟି କ'ଣ ଅଟେ । ଏହା କିପରି ତିଆରି ହୋଇଛି ତାହା ବିଷୟରେ ମୁଁ ଜାଣିନଥିଲି । ଦିନେ ବାପା କୁଣ୍ଡରେ ଗୋଲାପ ଗଛ ଲଗାଉଥିଲେ । ସେ ମୋତେ ପଚାରିଲେ, "ମାଟି କିପରି ତିଆରି ହୁଏ ତୁ ଜାଣିଛୁକି । ମୁଁ ଜାଣି ନାହିଁ ବୋଲି କହିଲି । ତା'ପରେ ସେ ମୋତେ କହିଲେ ଯେ କୋଟି କୋଟି ବର୍ଷ ପୂର୍ବେ ପୃଥିବୀ ଗୋଟିଏ ନିଆଁ ପିଣ୍ଡୁଳା ଥିଲା । ପୃଥିବୀ ଯେତେଯେତେ ଥଣ୍ଡା ହେଲା ତା' ଉପରେ ବଡ଼ ବଡ଼ ପଥର ତିଆରି ହେଲା । ବର୍ଷା ହେବାରୁ ପଥର ଉପରେ ପାଣି ପଡିବାକୁ ଲାଗିଲା । ଏହିପରି ହଜାର ହଜାର ବର୍ଷ ଧରି ବର୍ଷା ହେବାରୁ ଏବଂ ପବନ ବହିବାରୁ ଗରମ ପଥର ଭାଙ୍ଗିବାକୁ ଲାଗିଲା । କୋଟି କୋଟି ବର୍ଷ ଧରି ପଥର ଏହି ପ୍ରକାର ଭାଙ୍ଗିବା ଦ୍ୱାରା ବାଲିରେ ପରିଣତ ହୋଇଗଲା ଏବଂ ପରେ ମାଟିରେ ବଦଳିଗଲା । ଏହା ଆଶ୍ଚର୍ଯ୍ୟଜନକ କଥା ନୁହେକି । ବାପା ପୁଣି କହିଲେ ମାଟି ବିଭିନ୍ନ ପ୍ରକାରର ହୋଇଥାଏ । ବାଲିଆମାଟି, ଚିକିଟା ମାଟି, ଦୋରସା ମାଟି । ବାଲିଆ ମାଟିର ଦାନା ବଡ଼ ବଡ଼ ହୋଇଥାଏ ଏବଂ ଏଥିରେ ବାଲିର ମାତ୍ରା ଅଧିକ ହୋଇଥାଏ । ଦୋରସା ମାଟିରେ ବାଲିଆ ମାଟି ଠାରୁ ଅଧିକ ହ୍ୟୁମସ୍ ରହିଥାଏ । ମୁଁ ପଚାରିଲି ବାଜା ଏ ହ୍ୟୁମସ କ'ଣ ଅଟେ । ବାପା କହିଲେ ଗଛଲତାର ପତ୍ର ଜୀବଜନ୍ତୁ ଏବଂ ଗୋବର ଇତ୍ୟାଦି ସଢିଯିବା ଦ୍ୱାରା ହ୍ୟୁମସ୍ ତିଆରି ହୋଇଥାଏ । ଏହା ଦ୍ୱାରା ମାଟି ଉର୍ବର ହୋଇଥାଏ । ଚିକିଟା ମାଟିରେ ହ୍ୟୁମସ୍ କମ୍ ଥାଏ । ମୁଁ ବାପାଙ୍କୁ ପଚାରିଲି ଅଲଗା ଅଲଗା ଫସଲ ପାଇଁ ଅଲଗା ଅଲଗା ମାଟିର ଆବଶ୍ୟକ ପଡ଼େ କି ? ବାପା କହିଲେ ହଁ ବାଲିଆ ମାଟିରେ ତରଭୁଜ, ଯଅ, ଖରଭୁଜ, ବାଦାମ, ମକା ଆଦି ଚାଷ କରାଯାଏ । ଦୋରସା ମାଟିରେ ଗହମ, ଚଣା, ଟମାଟୋ, ମଟର ଆଦି ଚାଷ କରାଯାଏ । ଚିକିଟା ମାଟିରେ ଧାନ, ଝୋଟ, କପା ଆଦି ଚାଷ କରାଯାଏ ।

**କୁମାରୀ ବର୍ଷା ପ୍ରିୟଦର୍ଶୀନୀ ବିଶ୍ୱାଳ**
ପଂଚମ ଶ୍ରେଣୀ,
ଠାକୁର ମୁଣ୍ଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ



# ସୁନାମୀ

ସମୁଦ୍ରର ଆଖ ପାଖରେ ବୁଲିବାର ଏକ ଅଲଗା ମଜାଥାଏ । ଏପରି ଲାଗେ ଯେପରି ଲହରୀ ଡେଇଁ ଡେଇଁ ଆମକୁ ଭେଟିବାକୁ ଆସୁଅଛି । ଫେଣଭରା ଲହରୀ ପାଦକୁ ଛୁଇଁବା କ୍ଷଣି ତନମନରେ ଶୀତଳ ଅନୁଭବ ଆସେ । କୂଳ ଆଡକୁ ବଢି ଅଟକି ଯାଉଥିବା ଲହରୀ ନିଜେ ଶାନ୍ତ ହେବା ସହିତ ଆମକୁ ମଧ ଶାନ୍ତ କରିଥାଏ । କିନ୍ତୁ ଏହି ଲହରୀ ସବୁ ବେଳେ ଶାନ୍ତ ରହି ନଥାଏ । ବେଳେବେଳେ ତାହା ଉଗ୍ର ରୂପ ମଧ ଧାରଣ କରିଥାଏ । ସମୁଦ୍ର ମଧରେ ଯେତେବେଳେ ଭୂକମ୍ପ ହୋଇଥାଏ ସେତେବେଳେ ବଡ ବଡ ଲହରୀ ଉଠି ଭୟଙ୍କାର ରୂପ ଧାରଣ କରେ । ଏହି ଲହରୀ ଅତ୍ୟନ୍ତ ଭୟାନକ । ଲହରୀର ଏହି ଭୀଷଣ ରୂପକୁ ଜାପାନୀ ଭାଷାରେ ସୁନାମୀ କୁହାଯାଏ । ଅର୍ଥାତ୍ କୂଳକୁ ଆସି ତାଣ୍ଡବ ରୂପ ଧାରଣ କରୁଥିବା ଏକ ଭୟଙ୍କର ଲହରୀ । ଯେଉଁ ଜାଗାରେ ଏପରି ଲହରୀର ଉଦଗମ୍ ହୋଇଥାଏ ସେଠାରେ ତାର ଉଚ୍ଚତା ଅଧିକ ହୋଇନଥାଏ । କିନ୍ତୁ ସେଠାରୁ ଏହି ଲହରୀ ଖୁବ୍ ଶୀଘ୍ର ବହୁ ଦୂର ପର୍ଯ୍ୟନ୍ତ ଖେଳିଯାଏ । ଯେତେବେଳେ ତାହା କୂଳ ପର୍ଯ୍ୟନ୍ତ ପହଂଚିଯାଏ ସେତେବେଳେ ଏହାର ଗତି ଟିକିଏ କମ୍ ହୋଇଯାଇଥାଏ । କିନ୍ତୁ ତା'ର ଉଚ୍ଚତା ୮-୧୦ ମହଲା ବିଶିଷ୍ଟ ଅଟ୍ଟାଳିକା ଭଳି ହୋଇଥାଏ । ପାଣିର ଏକ ବିଶାଳ ଗ୍ଦଦରର ଫଳ ଲହରୀ ଆଗକୁ ବଢି ତଟବର୍ତ୍ତୀ ଅଂଚଳକୁ ଜଳ ମଗ୍ନ କରି ଦେଇଯାଏ । ଏହି ଲହରୀର ମାଡରେ ଗଛ ଉପୁଡିଯାଏ ଏବଂ ସବୁ ଅଟ୍ଟାଳିକା ମାଟିରେ ମିଶିଯାଏ । ଅନେକ ଜୀବଜନ୍ତୁ ମରିଯାଆନ୍ତି । ଲୋକମାନଙ୍କର ଧନଜୀବନ ଉଭୟ କ୍ଷତି ହୋଇଥାଏ । ସବୁ ଆଡେ ଖାଲି ବିନାଶ ହିଁ ବିନାଶ ପରିଦୃଶ୍ୟ ହୁଏ ।


**କୁମାରୀ ପାର୍ବତୀ ମାଢେଇ**

ପଂଚମ ଶ୍ରେଣୀ

ଠାକୁର ମୁଣ୍ଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ




# ରାଜୁ ହେଲା ସୁନାପିଲା

ରାଜୁ ନାମରେ ଗୋଟିଏ ପିଲା ଥିଲା ଯେ ବହୁତ ଅପରିଷ୍କାର ରହେ । ଦାନ୍ତ ଘଷୁ ନ ଥାଏ । ଯାହା ଫଳରେ ତା ସାଙ୍ଗରେ କେହି ସାଙ୍ଗ ହେଉନଥିଲେ । ମନ ଦୁଃଖରେ ସେ ଦିନେ ଚଢେଇ ପାଖକୁ ଗଲା ଓ କହିଲା ଚଢେଇ ଭାଇ, ଚଢେଇ ଭାଇ, ମୋ ସାଙ୍ଗରେ ଖେଳିବ ? ଚଢ଼େଇ କହିଲା - ଛି ଛି ତୁ କି ଅପରିଷ୍କାର, ତୋ ସାଙ୍ଗରେ ଖେଳିବି ନାହିଁ । ମୋ ପର ସବୁ ଅପରିଷ୍କାର ହୋଇଯିବ, ମୁଁ ତୋ ସାଙ୍ଗରେ ଖେଳିବି ନାହିଁ । ରାଜୁ ମନଦୁଃଖରେ ବାଟରେ ଯାଉ ଯାଉ ବିଲେଇ ନାନୀଙ୍କୁ ଦେଖିଲା । ବିଲେଇ ନାନୀ ବିଲେଇ ନାନୀ, ମୋ ସାଙ୍ଗରେ ଖେଳିବ ? ବିଲେଇ ନାନୀ କହିଲା - ଇଃ ତୁଟା କି ଅସନା ହୋଇଛୁ । ତୋ ସାଙ୍ଗରେ ଖେଳିଲେ ମୋ ଦେହ କି ଅସନା ହୋଇଯିବ । ତୁ ଯାଆ ଆଉ କାହା ସାଙ୍ଗରେ ଖେଳିବୁ । ରାଜୁ ସେଇଠୁ ମନଦୁଃଖରେ ଯାଇ ନଈ କୂଳରେ ବସି କାନ୍ଦିବାକୁ ଲାଗିଲା । ଦଳେ ଘୁଷୁରି ପଙ୍କରେ ସାଲୁବାଲୁ ହୋଇ ସେଇବାଟେ ଯାଉଥିଲେ । ରାଜୁ ପାଖକୁ ଯାଇ ସେମାନଙ୍କ ମଧ୍ୟରୁ ଗୋଟିଏ ଘୁଷୁରିକୁ ପଚାରିଲା - ତୁମେ କାହିଁକି କାନ୍ଦୁଛ ? ରାଜୁ କାନ୍ଦି କାନ୍ଦି କହିଲା - କେହି ମୋ ସାଙ୍ଗରେ ଖେଳୁ ନାହାନ୍ତି । ଘୁଷୁରି କହିଲା - ମୁଁ ପଙ୍କ କାଦୁଅରେ ଘାଣ୍ଟି ହୋଇ ଅପରିଷ୍କାର ହେଉଛି ବୋଲି ମୋ ସାଙ୍ଗରେ ବି କେହି ସାଙ୍ଗ ହେଉନାହାନ୍ତି । ଆଜିଠୁ ତୁମେ ମୋର ବଡ଼ ଭାଇ, ଆସ ସାଙ୍ଗ ହୋଇ ଖେଳିବା । ରାଜୁକୁ ଖୁବ୍ ଲାଜ ଲାଗିଲା, ସେ ଘୁଷୁରିର ସାଙ୍ଗ ହେଲାନି । ନିଜ ଭୁଲ୍ ବୁଝି ପାରି ଦାନ୍ତ ଘଷିଲା, ଗାଧୋଇଲା, ମୁଣ୍ଡ କୁଣ୍ଡାଇଲା, ସାବୁନରେ ହାତ ଧୋଇ ଖାଇଲା । ଆଉ କେବେ ବି ଅପରିଷ୍କାର ହେଲାନାହିଁ । ଏଥିରୁ ଆମେ ଏହି ଶିକ୍ଷା ପାଇଲେ ଯେ ଆମେ କେବେ ବି ଅପରିଷ୍କାର ହେବାନି କି ଘୁଷୁରିର ବଡ଼ ଭାଇ ହେବାନି ।

**ଅଶ୍ୱିନୀ ମଲ୍ଲିକ**
ଅଷ୍ଟମ ଶ୍ରେଣୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଦ୍ରା, କନ୍ଧମାଳ


Arabati Mallik, Govt. High School, Kudutuli, Kandhamal

# ସତର କରାମତି





ଅଜା କହିଲେ ଶୁଣରେ ପିଲେ
  ମଜା କଥାଟେ ଶୁଣ,
ଗଜା ପରିକା ମଜା ଲାଗିବ
  ପୂଜା ପାଇବ ଜାଣ।
ସତ କହିବା କଥାଟା ସିନା
  କିଏ କହିଲା, କଅଣ ହେଲା
ଜାଣକି ତା'ର ମାନେ ?
  ଶୁଣ ମୁଁ କହେ ଆମେରିକାରେ
ଥିଲା କୃଷକ ଜଣେ,
  ବଗିଚାଟି ତା' ସୁନ୍ଦର ଥିଲା
ଦେଖଣାହାରୀ ମନେ ।
  ପୁଅଟି ତାଙ୍କ ଅତି ଛୋଟିଆ
ଜରଜ ନାମ ତା'ର,
  ଜନମ ଦିନେ ପାଇଲା ଏକ
କୁରାଢ଼ି ଉପହାର
  ପରଖିବାକୁ କୁରାଢୀ ଧାର,
କାଟିଲା ଧରି ଡାଳ,
  ଦେଖି ତା ପିତା ହୋଇଲେ ମିତା
ଗର୍ଜିଲେ ଯେହ୍ନେ କାଳ।
  କିଏ ହାଣିଲା ଫଳନ୍ତି ଡାଳ
ଦେବି ମୁଁ ତାକୁ ଦଣ୍ଡ,
  ଶୁଣି ଜରଜ ଥରିଲା ଛାତି
ଜଡ଼ ହୋଇଲା ତୁଣ୍ଡ ।
  କହିଲା ଧରି ପିତାଙ୍କୁ ଡରି
ଡାଳ ହାଣିଛି ମୁହିଁ;
  ଧନ୍ୟ ତୁ ବାବୁ, କହିଛୁ ସତ
ଦୁଃଖ ମୋ ଆଉ ନାହିଁ।
  ଏହି ପିଲାଟି ଆମେରିକାର
ପ୍ରଥମ ରାଷ୍ଟ୍ରପତି,
  ଦେଖିଲେ ପିଲେ ସତ୍ୟର ଅଛି
କିପରି କରାମତି।

ଶ୍ରୀମାନ୍‌ସିଂ ହେମ୍ବ୍ରମ୍
ଷଷ୍ଠ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ ଗୋବରଘାଟୀ



# ହସ କଥା



(୧) ବାପା = ପୁଅରେ ତୁ ଆଉ କେବେ ମଦ ପିଇବୁନି ନହେଲେ ଆମ ଆଗରେ ଯେଉଁ ଦୁଇଜଣ ଅଛନ୍ତି ସେମାନେ ତତେ ଚାରିଜଣଙ୍କ ଭଳି ଦେଖାଯିବେ ।

ପୁଅ = ବାପା କାଇଁ ନାହିଁତ ଆମ ଆଗରେ ମାତ୍ର ଜଣେ ଲୋକ ଚାଲୁଛନ୍ତି ।

(୨) ଶଙ୍କରର ଭାଉଜ ମରିଯାଇ ଥିବାରୁ ଶଙ୍କର ବସି କାନ୍ଦୁଥିଲା ଓ ରାଜେଶ୍ ଆସି କହିଲା କ'ଣ ହେଲା ତୁ ଏମିତି ଛୋଟ ପିଲା କିପରି କାନ୍ଦୁଛୁ ଆରେ ମୋର ଭାଇ ଗୋଟିଏ ବର୍ଷ ପୂର୍ବରୁ ଚାଇନିଜ୍ ଝିଅକୁ ବାହା ହୋଇଥିଲେ ଓ ସେଇ ଭାଉଜ ଆଜି ମରିଗଲେ । ରାଜେଶ୍ କହିଲା, ଆରେ ବୋକା ଶଙ୍କର ତୁ ତ ଖୁସି ହେବା କଥା ଯେ ତ ଭାଉଜ ଜଣେ ଚାଇନିଜ୍ ଝିଅ ହେଇକି ମଧ୍ୟ ବର୍ଷେ ଲାଷ୍ଟିଙ୍ଗ୍ କଲେ ।

(୩) ମାଲିକ = ରାମୁ ବଜାରକୁ ଯାଇ ଗୋଟିଏ ଭଲ ଦର୍ପଣ କିଣି ଆଣ ଯେମିତିକି ସେଥିରେ ମୋ ମୁହଁ ସ୍ୱଷ୍ଟ ଦେଖାଯିବ । ରାମୁ ବଜାରକୁ ଯାଇ ଦେଖିଲା କିନ୍ତୁ ପାଇଲା ନାହିଁ ।

ରାମୁ = ସାର୍ ଆପଣ କହିଥିବା ଭଳି ଦର୍ପଣ ପାଇଲି ନାହିଁ

ମାଲିକ = କାହିଁକି

ରାମୁ = ସାର୍ ଆପଣଙ୍କ ମୁହଁ ସ୍ୱଷ୍ଟ ଦେଖାଯିବା ତ ଦୂରର କଥା ଝାପ୍‌ସା ବି ଦେଖାଗଲାନି ସବୁ ଦର୍ପଣରେ ଖାଲି ମୋରି ମୁଁହ ଦେଖାଯାଉଥିଲା ।



# ମଜା କଥା

## (ଡାକ୍ତର ଓ ରୋଗୀ)



ଡାକ୍ତର : ମଧୁ ଦାନ୍ତ ଦେଖାଅ, ଇସ୍ କି ଅସନା ଦାନ୍ତ ତୁମେ ପ୍ରତିଦିନ ଦାନ୍ତ ଘସନି କି ?

ରୋଗୀ : ପ୍ରତିଦିନ ଦାନ୍ତ ଘସା ବେଳ ହେଲା ନାହିଁ ।

ଡାକ୍ତର : ତୁମେ ଦିନରେ କେତେ ଥର ଖାଅ ।

ରୋଗୀ : ଅତି କମ୍‌ରେ ପାଂଚ ଥର ।

ଡାକ୍ତର : ପାଂଚ ଥର ଖାଇବାକୁ ସମୟ ମିଳୁଚି ଅଥଚ ଥରୁଟିଏ ଦାନ୍ତ ଘଷିବାକୁ ସମୟ ମିଳୁନି ।

ରୋଗୀ : ସମୟ ମିଳୁଥିଲେ ଆପଣଙ୍କ ପାଖକୁ କାହିଁକି ଆସିଥାନ୍ତି ?

ଡାକ୍ତର : ମାନେ, ତୁମେ କ'ଣ ପାଇଁ ଆସିଛ ?

ରେଗୀ : କ'ଣ କଲେ ଆଉ ଦାନ୍ତ ଘଷିବାକୁ ପଡିବ ନାହିଁ ?

ଶିକ୍ଷକ : କାନ ଧରି ଠିଆ ହୁଅ ।

ହରି : କାନ ଧରିଲେ ଛିଡା ହେବି ନାହିଁ, ହେଲେ କାନ ଧରିବି ନାହିଁ ।

---

ଶିକ୍ଷକ : କ'ଣ ପାଇଁ ସାର୍‌ଙ୍କ କଥା ମାନୁନ ?

ହରି : ସାର୍ ପ୍ୟାଂଟରେ ବଟମ୍ ନାହିଁ ।

ଶିକ୍ଷକ : କାଲି ତୁମ ବାପାଙ୍କୁ ଧରି ଆସିବ ।

ହରି : ମୁଁ ଆସିଲେ ବାପା ଆସିବେ ନାହିଁ, ବାପା ଆସିଲେ ମୁଁ ଆସିବି ନାହିଁ ।

ଶିକ୍ଷକ : କ'ଣ ପାଇଁ ?

ହରି : ମୋ ବାପାଙ୍କର ଆଉ ମୋର ଗୋଟିଏ ପ୍ୟାଂଟ ।

କୁମାରୀ ରୀତା ଶୁଳିଆ
ପଂଚମ ଶ୍ରେଣୀ



# ହସ କଥା



ଶିକ୍ଷକ - ସକାଳୁ ଉଠି ପୋଖରୀକୁ ଯାଇ ଦେଖିଲେ ଯେ ପୋଖରୀରୁ ଧୂଆଁ ବାହାରୁଛି ।

ଶିକ୍ଷକ - ସ୍କୁଲକୁ ଯାଇ ବୁଲୁକୁ ପଚାରିଲେ ଆରେ ବୁଲୁ ପାଣିରୁ କାହିଁକି ଧୂଆଁ ବାହାରେ ?

ବୁଲୁ - ସାର୍ ଶୀତ ହେଉଛି ତ, ସେଥିପାଇଁ ମାଛ ମାନେ ପୋଖରୀରେ ନିଆଁ ଜଳାଉଛନ୍ତି ।

---

ବାପା - କାଲି ନୂଆ ବ୍ଲେଡ୍‌ଟିଏ ଆଣିଥିଲି, ଅଥଚ ଏଥିରେ ଦାଢି ଠିକ୍ ଭାବରେ କାଟୁନି କାହିଁକି ?

ରାଜା - ସକାଳେ ମୁଁ ସେଥିରେ ପେନ୍‌ସିଲ୍ କାଟୁଥିଲି । ବେଶ୍ ଭଲ କାଟୁଥିଲା । ତମ ଦାଢ଼ୀ କ'ଣ ପେନ୍‌ସିଲ୍ ଠାରୁ ଟାଣ ।

**ଟିକିଲି ରାଣୀ ପାତ୍ର**
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର

---

ଦିଦି - ତୁ କ'ଣ ପ୍ରଧାନ ମନ୍ତ୍ରୀଙ୍କ ବିଷୟରେ ଗୋଟିଏ ରଚନା ଲେଖିପାରିବୁ ?

ମୁନା - ହଁ

ଦିଦି - ତେବେ ମୋ ଆଗରେ ଟିକେ କହିଲୁ ।

ମୁନା - ପ୍ରଧାନମନ୍ତ୍ରୀଙ୍କର ଦୁଇଟି ଆଖି । ଗୋଟିଏ ନାକ, ଗୋଟିଏ ପାଟି, ଦୁଇଟି ଗୋଡ଼ ଓ ଦୁଇଟି ହାତ ।

**ମୌସୁମୀ ଶ୍ରୀ ପାତ୍ର**
ନବମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର



# ମଜା କଥା



ସଞ୍ଜୟ : ମୋର ଜେଜେ ବହୁତ ଦୟାଳୁ
ରବି : କେମିତି
ସଞ୍ଜୟ : କାରଣ, ମୋ ଜେଜେ ଥରେ ପାଣିରେ ବୁଡ଼ିଯାଉଥିବା ସମୟରେ ଗୋଟିଏ ମାଛକୁ ଦେଖିଲେ । ସେ କହିଲେ ମୁଁ ବରଂ ମରିଯାଏ କିନ୍ତୁ ଏ ମାଛଟି ବଂଚିଯାଉ କହି ପୋଖରୀ କୂଳକୁ ଫୋପାଡ଼ି ଦେଲେ ।

X --------------X----------------X--------------X

(ଦୁଇ ଜଣ ସାଙ୍ଗ ସ୍କୁଲକୁ ଯିବାରେ ବିଳମ୍ବ ହେଲା । ତେଣୁ ତାଙ୍କ ଶିକ୍ଷକ ପଚ୍ଚରିଲେ)

ଶିକ୍ଷକ : ସାନୁ ତୋର କାହିଁକି ଏତେ ବିଳମ୍ବ ହେଲା ?
ସାନୁ : ମୋର ଟଙ୍କାଟିଏ ହଜିଯାଇଥିଲା । ତେଣୁ ମୋର ବିଳମ୍ବ ହେଲା ।
ଶିକ୍ଷକ : ବାନୁ ତୋର ପୁଣି କ'ଣ ପାଇଁ ବିଳମ୍ବ ହେଲା ।
ବାନୁ : ସାନୁର ଯେଉଁ ଟଙ୍କାଟିଏ ହଜିଥିଲା ସେଇ ଟଙ୍କା ଉପରେ ମୁଁ ମାଡ଼ିକି ଛିଡ଼ା ହୋଇଥିଲି ।

X --------------X----------------X--------------X

(ଦୁଇ ଜଣ ସାଙ୍ଗଙ୍କ ମଧ୍ୟରେ ପରସ୍ପର କଥାବାର୍ତ୍ତା)

ମିଟୁ : ଟୁଟୁ, ଆଜି ମୋର ଟଙ୍କାଟିଏ ହଜିଯାଇଛି ।
ଟୁଟୁ : ଆଜି ମୁଁ ଦୁଇଟା ପଚ୍ଚଶ ପଇସା ପାଇଛି ।
ମିଟୁ : ଆରେ, ସେଇଟା ତ ମୋର ! ବୋଧ ହୁଏ ଯେତେବେଳେ ଟଙ୍କାଟି ଭୂଇଁରେ ପଡ଼ିଯାଇଛି ସେଇଟା ଦୁଇ ଫାଳ ହୋଇ ସାରିଥିବ ।

(୨ ଜଣ ସାଙ୍ଗଙ୍କ ମଧ୍ୟରେ ଝଗଡ଼ା)

ରବିନ୍ଦ୍ର : ଏଇ ମୋ ସାଙ୍ଗେ ଝଗଡ଼ା କରନି, ନ ହେଲେ ମୁଁ ମୋର ଭାଇକୁ କହିଦେବି ।
ଦୀପକ : ତୋର ଭାଇ ମୋର କ'ଣ କରି ପକେଇବକି ?
ରବିନ୍ଦ୍ର : ଜାଣି ନାହୁଁ ଭାଇ କେତେ ବାର ଚିରିଦେଇ ପାରେ କଦଳୀ ପତର, ଭାଙ୍ଗିଦେଇ ପାରେ ମାଟିର ମାଠିଆ, ଚେପା କରିଦିଏ ସିଲଭର ତାଟିଆ

X --------------X----------------X--------------X

(୩ ଜଣ ସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା)

ଚିନୁ : ମୋ ବାପା ଗରମ ଚ୍ଚ' ପିଇ ଦିଅନ୍ତି
ଛୋଟୁ : କିନ୍ତୁ ମୋ ବାପା ଫୁଟୁଥିବା ଚ୍ଚ ପିଇ ଦିଅନ୍ତି
ସନ୍ତୋଷ : ମୋ ବାପା କିନ୍ତୁ ଗୋଟେ କପ୍‌ରେ ଚିନି, ଚ୍ଚ, ଅମୁଲ ଗୋଳେଇକି ପିଇ ଦିଅନ୍ତି ଏବଂ ଚୂଲିରେ ବସି ପଡନ୍ତି ।

ସନ୍ତୋଷିନୀ ପାତ୍ର
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର



# ମଜା କଥା

## (ଶିକ୍ଷକ ଓ ଛାତ୍ର ମଧ୍ୟରେ କଥାବାର୍ତ୍ତା)



ଶିକ୍ଷକ : ଭାରତରେ କି ପ୍ରକାର ଶାସନ ଚାଲିଛି ?

ଛାତ୍ର : ମାରପିଟ ଶାସନ

ଶିକ୍ଷକ : ଭାରତରେ କେଉଁମାନେ ଶାସନ କରୁଛନ୍ତି ?

ଛାତ୍ର : ଗୁଣ୍ଡା ବଦମାସ ମାନେ

ଶିକ୍ଷକ : ତୁ ବଦମାସ, କିଛି ଜାଣିନୁ ?

ଛାତ୍ର : ଆପଣ ବୋଧେ ଟିଭି ଦେଖିନାହାଁନ୍ତି । ପାର୍ଲିଆମେଂଟରେ ନେତାମାନେ ମୁଥ ମରାମରି କଲରଟଣାଟଣି ଚପଲ ଉଠାଉଠି ହେଉଥିଲେ ।

X --------------X----------------X---------------X

(ଜେଲର ଓ ଅପରାଧୀଙ୍କ ମଧ୍ୟରେ କଥାବାର୍ତ୍ତା)

ଜେଲର ? - (ଫାଶୀ ପାଉବାକୁ ଅପରାଧୀକୁ) ତମର ଶେଷ ଇଚ୍ଛା କ'ଣ ?

ଅପରାଧୀ - ମୁଁ ଶହେ ବର୍ଷ ବଂଚିବି

ଜେଲର - ଏହା କ'ଣ ସମ୍ଭବ ?

ଅପରାଧୀ - ଏ ଯୁଗରେ ଅସମ୍ଭବ କ'ଣ ? ମୋ ଫାଶୀ ତାରିଖ ଘୁଂଚାଇ ଦିଅନ୍ତୁ । ଯେଉଁ ଦିନ ମୋର ଶହେ ବର୍ଷ ପଡିବ ସେ ଦିନ ଫାଶୀ ଦେବେ ।

X --------------X----------------X---------------X

(ଶିକ୍ଷକ ଓ ଦୀପୁ ମଧ୍ୟରେ କଥାବାର୍ତ୍ତା) ?

ଶିକ୍ଷକ - ଇଂରାଜୀରେ 'ମାଠିଆ' କ'ଣ ହେବ

ଦୀପା - ମଦର ଷ୍ଟାଣ୍ଡ

ଶିକ୍ଷକ - କିପରି ?

ଦୀପା - ଆପଣ ତ ନିଜେ କହିଛନ୍ତି - ମଦର ମାନେ ମା' ଆଉ ଷ୍ଟାଣ୍ଡ ମାନେ ଠିଆ

କୁମାରୀ ରେଣୁବାଳା ଜେରାଇ
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ ନରଣପୁର



# କୁଇ ହସକଥା



ରଣ୍ଡେ ବୁଢ଼ି ପାହେର ତାନିଇ ସାଜିମାସେ। ଏ ପାହେର୍ ତାନିଇ ରଖାଞ୍ଜୁ ବାବୁ ପଦ୍ମ ଫୁଲ ଆହାନାଙ୍ଗାଟି ବାଇ ମାସେଞ୍ଜୁ। ବାବୁ ବୁଢ଼ିନିଇ ପଦ୍ମଫୁଲ ସିବଙ୍ଗେନେ ଏ ବୁଢ଼ି ବାବୁଇ ଚାପ୍ଡ଼ା ରଣ୍ଡାଆ ସିତେ।

ବାବୁ ବେସ୍ତେଞ୍ଜୁ - ଇନୁନାଙ୍ଗେ ଇନାତିକି ଚାପ୍ତା ସିଆତି

ବୁଢ଼ି ବେସ୍ତେ - ଇନୁ ନାଙ୍ଗେ ପଦ୍ମ ଫୁଲ ତାନିଇ ଭୋଟ ସିଆତି। ଆନୁ ନିଙ୍ଗେ କାକୁ ଚିହ୍ନ ତାନିଇ୍ ଭୋଟ ସିଧା ତେଏ

## ଓଡ଼ିଆ

ଜଣେ ଝିଅ ବାଟରେ ଯାଉଥିଲା। ସେହି ବାଟ ଦେଇ ଜଣେ ପୁଅ ପଦ୍ମ ଫୁଲ ଧରି ଯାଉଥିଲା। ପୁଅଟି ଝିଅକୁ ପଦ୍ମଫୁଲ ଦେବାରୁ ଝିଅଟି ପୁଅକୁ ଗ୍ପୁଡ଼ାଟିଏ ମାରିଲା।

ପୁଅ କହିଲା - ତମେ ମୋତେ କାହିଁକି ମାରିଲ।

ଝିଅଟି କହିଲା - ତମେ ମୋତେ ପଦ୍ମ ଫୁଲରେ ଭୋଟ ଦେଲ, ମୁଁ ତୁମକୁ ହାତ ଚିହ୍ନରେ ଭୋଟ ଦେଲି।

**ସାଇବାଣୀ ପ୍ରଧାନ**
ସପ୍ତମ ଶ୍ରେଣୀ, ଜିଲ୍ଲା- କନ୍ଧମାଳ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୁଡୁତୁଲି



# କାପ୍‌କା କାତା

## (ଆଞ୍ଜା ଏଙ୍ଗା ମିଲା କାତା ଆଇମାସେରୁ)



ଆଞ୍ଜା - ଇସେ ଦିନା ଆତେ ଇନୁ ଏନେ ମାସି

ମିଲା - ନାଙ୍ଗେ ବାର୍ଡ଼ ଫ୍ଲୁ ଆଜାଞ୍ଜାତେ

ଆଞ୍ଜା - ଙ୍ଗୋ - ଆରେ ତ ରୋଗ ପଟାଙ୍ଗାନି ଆନେ ଲକୁରି ତ ଆଏ

ମିଲା - (ରାଗଆଜାନାଙ୍ଗାଟି ବେସ୍ତେଞ୍ଜୁ) ଇନୁ
ଇନା ନାଙ୍ଗେ ଏସେକ୍‌ଲକୁ ଇଞ୍ଜାନା
ଭାବି ଆଜାଞ୍ଜି । ବେଗା ଦିନାତ ପଟାଙ୍ଗା
କ୍ଲାଡ଼ିଙ୍ଗା ଡେହେଙ୍ଗି ମାଡା ସିପ୍‌କିଞ୍ଜାଦି ।

# ମଜା କଥା

## (ଶିକ୍ଷକ ଓ ଛାତ୍ର ମଧ୍ୟରେ କଥବାର୍ତା)

ଶିକ୍ଷକ - ଏତେ ଦିନ ହେବ କୋଉଠି ଥିଲୁ

ଛାତ୍ର - ମୋତେ ବାର୍ଡ଼ ଫ୍ଲୁ ହୋଇଥିଲା

ଶିକ୍ଷକ - କିନ୍ତୁ ଏ ହାତ ପକ୍ଷୀଙ୍କୁ ହୁଏ ମଣିଷଙ୍କୁ ନୁହେଁ।

ଛାତ୍ର - (ରାଗିକି କହିଲା) ଆପଣ କ'ଣ ମୋତେ ମଣିଷ ବୋଲି କେବେ ଭାବିଛନ୍ତି ।
ସବୁବେଳେ ତ ପଶୁପକ୍ଷୀଙ୍କ ପରି ମାଡ଼ ଦେଉଛନ୍ତି ।

**ଲଲିମା ମଲିକ**
ନବମ ଶ୍ରେଣୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
କୁଡୁଜୁଲି, କନ୍ଧମାଳ

# ବିଜ୍ଞାନ ସମ୍ବନ୍ଧରେ ଜାଣିବା

Louis Pasteur- ୧୮୫୭ ଖ୍ରୀଷ୍ଟାବ୍ଦରେ କିଣ୍ୱନ ପଦ୍ଧତି ଉଦ୍ଭାବନ କରିଥିଲେ ।

Alexander Fleming- ୧୯୨୯ ଖ୍ରୀଷ୍ଟାବ୍ଦରେ କବକ, ଜୀବାଣୁ ଓ ବୀଜାଣୁର ପରୀକ୍ଷା କରିଥିଲେ ।

Edward Femmer- ୧୭୯୮ ଖ୍ରୀଷ୍ଟାବ୍ଦରେ ବସନ୍ତ ରୋଗ ଓ ନିରାକରଣ ଟୀକା ଉଦ୍ଭାବନ କରିଥିଲେ ।

Robert Koch- ୧୮୭୬ ଖ୍ରୀଷ୍ଟାବ୍ଦରେ ଜୀବାଣୁ ଜନିତ ଆନ୍ଥ୍ରାକସ୍ ରୋଗ ଆବିଷ୍କାର କରିଥିଲେ ।

Robert Edwards and Patrick Steptoe- ୧୯୭୮ ଖ୍ରୀଷ୍ଟାବ୍ଦରେ ଟେଷ୍ଟ୍‌ଟ୍ୟୁବ ବେବୀ ଉଦ୍ଭାବନ କରିଥିଲେ ।

**ମଣିଷ ଶରୀରର ଦେଖାଯାଉଥିବା ଯୋଗ :**

୧. ଯକ୍ଷ୍ମା - ବୀଜାଣୁଜନିତ ରୋଗ

୨. ମିଳିମିଳା - ଭୂତାଣୁ ଜନିତ ରୋଗ

୩. ହାଡ଼ଫୁଟି - ଭୂତାଣୁ ଜନିତ ରୋଗ

୪. ପୋଲିଓଥ - ଭୂତାଣୁ ଜନିତ ରୋଗ

୫. ହଇଜା - ବୀଜାଣୁ ଜନିତ ରୋଗ

୬. ଟାଇଫଏଡ - ବୀଜାଣୁ ଜନିତ ରୋଗ

୭. ହିପାଟାଇଟିସ୍ - ଭୂତାଣୁଜନିତ ରୋଗ

୮. ମ୍ୟାଲେରିଆ - ଆଦିପ୍ରାଣୀ ଜନିତ ରୋଗ

୯. ଭୂତାଣୁ କେବଳ ପୋଷକ ଜୀବର କୋଷ ଭିତରେ ରହି ନିଜର ବଂଶବୃଦ୍ଧି କରାଇଥାଏ

ଫିଙ୍ଗୁ କୁମାର ପ୍ରଧାନ
ଅଷ୍ଟମ ଶ୍ରେଣୀ



Priyanka Pradhan, Govt. Girl's High School, Kudutuli

# ଆସ ଜାଣିବା କେବେ କ'ଣ ?

| | | | |
|---|---|---|---|
| ୧. | ଫେବୃୟାରୀ-୧ | - | ଡ଼ାକ ବୀମା ଦିବସ |
| ୨. | ଏପ୍ରିଲ-୧ | - | ଉତ୍କଳ ଦିବସ |
| ୩. | ମେ-୧ | - | ଆନ୍ତର୍ଜାତୀୟ ଶ୍ରମିକ ଦିବସ |
| ୪. | ଜୁଲାଇ-୧ | - | ଡ଼ାକ୍ତର ଦିବସ |
| ୫. | ସେପ୍ଟେମ୍ବର-୧ | - | ବୈଷମ୍ୟ ଦିବସ |
| ୬. | ଅକ୍ଟୋବର-୧ | - | ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସ |
| ୭. | ନଭେମ୍ବର-୧ | - | ହରିଆନା ଦିବସ |
| ୮. | ଡ଼ିସେମ୍ବର-୧ | - | ବିଶ୍ୱ ଏଡ଼ସ ଦିବସ |
| ୯. | ଅଗଷ୍ଟ-୨ | - | ବନ୍ଧୁତ୍ୱ ଦିବସ |
| ୧୦. | ଅକ୍ଟୋବର-୨ | - | ଗାନ୍ଧୀ ଜୟନ୍ତୀ |
| ୧୧. | ମାର୍ଚ୍ଚ-୩ | - | ଜାତୀୟ ପ୍ରତିରକ୍ଷା ଦିବସ |
| ୧୨. | ମେ-୩ | - | ଆନ୍ତର୍ଜାତିକ ଶକ୍ତି ଦିବସ |
| ୧୩. | ଅକ୍ଟୋବର-୩ | - | ବିଶ୍ୱ ଅଧିବାସୀ ଦିବସ |
| ୧୪. | ଡ଼ିସେମ୍ବର-୩ | - | ନାଗାଲାଣ୍ଡ ଦିବସ, ଭୋପାଳ ଗ୍ୟାସ୍ ଦୁର୍ଘଟଣା ସ୍ମୃତି ଦିବସ |
| ୧୫. | ମାର୍ଚ୍ଚ-୪ | - | ଜାତୀୟ ନିରାପତ୍ତା ଦିବସ |
| ୧୬. | ଜୁନ-୪ | - | ଆନ୍ତର୍ଜାତୀୟ ଶିଶୁବଳି ବିରୋଧ ଦିବସ |
| ୧୭. | ଜୁଲାଇ-୪ | - | ଆମେରିକୀୟ ସ୍ୱାଧୀନତା ଦିବସ |
| ୧୮. | ଅକ୍ଟୋବର-୪ | - | ବିଶ୍ୱ ପଶୁମଙ୍ଗଳ ଦିବସ |
| ୧୯. | ଡ଼ିସେମ୍ବର-୪ | - | ଭାରତୀୟ ନୌସେନା ଦିବସ |
| ୨୦. | ଫେବୃୟାରୀ-୫ | - | କାଶ୍ମୀର ଦିବସ |
| ୨୧. | ଏପ୍ରିଲ୍-୫ | - | ଜାତୀୟ ସାମୁଦ୍ରିକ ଦିବସ |
| ୨୨. | ଜୁନ୍-୫ | - | ବିଶ୍ୱ ପରିବେଶ ଦିବସ |
| ୨୩. | ସେପ୍ଟେମ୍ବର-୫ | - | ଗୁରୁ ଦିବସ |
| ୨୪. | ଅକ୍ଟୋବର-୫ | - | ବିଶ୍ୱ ପ୍ରାକୃତିକ ଦିବସ, ବିଶ୍ୱ ଶିକ୍ଷକ ଦିବସ |
| ୨୫. | ଡ଼ିସେମ୍ବର-୫ | - | ସମ୍ବିଧାନ ଦିବସ |
| ୨୬. | ଜୁନ୍-୬ | - | ଆନ୍ତର୍ଜାତିକ ଅଲମ୍ପିକ ସମିତି ଉତ୍ସବ |
| ୨୭. | ଅଗଷ୍ଟ-୬ | - | ହିରୋସୀମା ଦିବସ |
| ୨୮. | ଅକ୍ଟୋବର-୬ | - | ବିଶ୍ୱ ବନ୍ୟପ୍ରାଣୀ ଦିବସ |
| ୨୯. | ଏପ୍ରିଲ-୭ | - | ବିଶ୍ୱ ସ୍ୱାସ୍ଥ୍ୟ ଦିବସ |

| | | | |
|---|---|---|---|
| ୩୦. | ସେପ୍ଟେମ୍ବର-୭ | - | କ୍ଷମା ଦିବସ |
| ୩୧. | ନଭେମ୍ବର-୭ | - | ଶିଶୁ ନିରାପ□ା ଦିବସ |
| ୩୨. | ଡ଼ିସେମ୍ବର-୭ | - | ପଦାତିକ ବାହିନୀ ପତାକା ଦିବସ |
| ୩୩. | ଜାନୁଆରୀ-୮ | - | ଆଫ୍ରିକୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ |
| ୩୪. | ମାର୍ଚ୍ଚ-୮ | - | ଆନ୍ତର୍ଜାତିକ ମହିଳା ଦିବସ |
| ୩୫. | ମେ-୮ | - | ବିଶ୍ୱ ରେଡ଼କ୍ରସ ଦିବସ |
| ୩୬. | ସେପ୍ଟେମ୍ବର-୮ | - | ବିଶ୍ୱ ସାକ୍ଷରତା ଦିବସ |
| ୩୭. | ଅକ୍ଟୋବର-୮ | - | ଭାରତୀୟ ଆକାଶ ବାହିନୀ ଦିବସ |
| ୩୮. | ଅଗଷ୍ଟ-୯ | - | ଆନ୍ତର୍ଜାତିକ ଦାରିଦ୍ର୍ୟତା ଦିବସ |
| ୩୯. | ଅକ୍ଟୋବର-୯ | - | ବିଶ୍ୱଡ଼ାକ ଦିବସ |
| ୪୦. | ନଭେମ୍ବର-୯ | - | ପ୍ରବାସୀ ଭାରତୀୟ ଦିବସ |

**ସଂଜୟ କୁମାର ଦେହୁରୀ**
ଦଶମ ଶ୍ରେଣୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର



Sukanti Majhi, Govt. High School, Naranpur

# ଆବିଷ୍କାର ଓ ଉଦ୍ଭାବନ

| ପଦାର୍ଥ | ଆବିଷ୍କାର /ଉଦ୍ଭାବକ | ଦେଶ |
|---|---|---|
| ଟେଲିଭିଜନ | ଜେ.ଏଲ୍.ବେୟର୍ଡ | ଯୁକ୍ତରାଷ୍ଟ୍ର ଆମେରିକା |
| ସାଇକେଲ୍ | କିର୍କ ପାଟ୍ରିକ୍ ମ୍ୟାକ୍ ମିଲାନ୍ | ସ୍କଟଲାଣ୍ଡ |
| ରେଡ଼ିଓ | ମାର୍କୋନୀ | ଇଟାଲୀ |
| ଟେଲିଫୋନ୍ | ଗ୍ରାହାମ୍ ବେଲ | ଆମେରିକା |
| ଉଡ଼ାଜାହାଜ | ରାଇଟ୍ ବ୍ରଦର୍ସ | ଆମେରିକା |
| ଥର୍ମୋମିଟର | ଫାରେନ୍‌ହିଟ୍ | ଜର୍ମାନୀ |
| ଚଳଚ୍ଚିତ୍ର | ଏଡ଼ିସନ୍ | ଆମେରିକା |
| ରକେଟ୍ ଇଞ୍ଜିନ୍ | ଗାଡ଼ାଡ଼ | ଯୁକ୍ତରାଷ୍ଟ୍ର ଆମେରିକା |
| ଦୂରବୀକ୍ଷଣ ଯନ୍ତ୍ର | ଗାଲିଲିଓ | ଇଟାଲୀ |
| ବାରୋମିଟର | ଟସେଲି | ଇଟାଲୀ |
| ରେଡ଼ିୟମ | ମାଡ଼ାମକ୍ୟୁରୀ | ଫ୍ରାନସ |
| ପୋଲିଓ ଟିକା | ଡ.ବୋସ ସଲକ | ଇଂଲଣ୍ଡ |
| ଏକ୍ସ-ରେ | ଡବ୍ଲୁ.କେ. ଇଂଟଜେନ୍ | ଜର୍ମାନୀ |
| ଡିଜେଲ୍ ଇଞ୍ଜିନ୍ | ରୁଡ଼ୋଲାପ୍ ଡିଜେଲ୍ | ଜର୍ମାନୀ |
| ମାଗ୍ନେଟ୍ | ହେନେରି | ଆମେରିକା |
| ଅଣୁବୀକ୍ଷଣ ଯନ୍ତ୍ର | କେ.ଜନ୍‌ସନ୍ | ନେଜରଲାଣ୍ଡ |
| ହାରମୋନିୟମ୍ | ଡେଭିଡ | ଲଣ୍ଡନ |
| ଦିଆସିଲି | ସାଇରିଆ | ଫ୍ରାନସ |
| ଅଣୁବୋମା | ରୁଥରପୋର୍ଡ | ଇଂଲଣ୍ଡ |
| ସିଲେଇମେସିନ୍ | ଏଲିଆସ ହୋଏୱ | ଯୁକ୍ତରାଷ୍ଟ୍ର ଆମେରିକା |
| ଛାପାଖାନା | କାସଟନ | ଜର୍ମାନୀ |
| ବସନ୍ତ ଟୀକା | ଏଡ଼ୱାର୍ଡ ଜେନର | ଇଂଲଣ୍ଡ |
| ଟାଇମ୍ ମେସିନ୍ | ସୋଲସ | ଆମେରିକା |
| ଗ୍ରାମୋଫୋନ୍ | ଏଡ଼ିସନ୍ ଥୋମସ | ଆମେରିକା |

# ଜନଜାତି ଭାଷା ବିଭାଗ



## ନୂଆଖାଇ ଗୀତ (ପରଜା)

ଲାରେ ଲାରେ ଲାରେ
ନାରେ ନାରେ ନାନା ଯେ
ହେଲେ ହୈଡୁ ହେନ୍ତାଙ୍ଗ୍ କେଲ୍ଙ୍ଗାନାପ
ହେଲେ ହୈଡୁ କେରଙ୍ଗା ନାଦ୍
ପୁନାଖାଇ କେଟ କାଟ ହେଲେ ଆନାପ୍
ହେଲେ ହୈଡୁ ମୟୁର ମୁଡା କେହିଁହାସ୍ତି
ଡଡେନ୍ ଏନ୍ତାନାପ୍
ହେଲେ ହୈଡୁ ଧାରିଙ୍ଗ୍ କୁଜୁ ଯାଇ (୨ ଥର)
ଲାୟେ ପ୍ରଙ୍କ୍‌ଗାହାପ୍
ହୈଡୁ ହୈଡୁ ବପା ହାଲଡି ଆନାଙ୍ଗା
ହୈଡୁ ହୈଡୁ କଇ ବେରତା କିନାପ
ହୈଡୁ ହୈଡୁ କଇ
ହୈଡୁ ବପା ହାଲଦି ଆନାଙ୍ଗ
ଆନେଙ୍ଗ ଆଲିଜି ଆନାଙ୍ଗ୍ା କଇ
ବପା - ଆଲଦି ଆନାଙ୍ଗ୍ା କଇ
କଇ ଆଲ୍‌ଦି ଆନାଙ୍ଗ୍ା ବପା

**କୁନ୍ତଳା ଜାମ୍**
ଅଷ୍ଟମ ଶ୍ରେଣୀ,
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଡାବୁଗାମ୍

# ରୂପେଇ ଦଇମତି

କଦମଗୁଡ଼ା ବୋଲି ଗୋଟେକ୍ ସାନଟା ଗାଆଁ ରେଲା । ସେ ଗାଆଁ ତାନେ ରୂପେଇ ବଲ୍‌ବା ଗୋଟେକ୍ ଟକି ରେଲା । ତାର ବୁଆ, ଆୟା ଅଧିକ ଗରିବ୍ ରେଲାୟା । ଗାଆଁର ଅଧେକ ଟକି ମାନନା ପଢତେ ରେଲାୟା ମାତର ରୂପେଇକେ ପଢ଼ିବା କାଜେ ବଡ଼େ ମନ ରେଲାୟ । ବୁଆ, ଆୟା ଟକିର ମନର କାଥାକେ ଜାନିତାକେ ପଢା ଆୟ ଲାୟା । ପଛେ ସେବଲ ପାଠ୍ ପଢି ଅଧିକ ନାଆଁ କର୍‌ଲା । କଦମଗୁଡ଼ା ଲଗେ ଆରି ଗୋଟେକ ଗାଆଁ ରେଲା ତାର ନାଆଁ ଶିରାଗୁଡ଼ା । ଶିରାଗୁଡ଼ାର ସାଉକାର ଘେରେ ଗୋଟେକ୍‌ଟକି ରେଲା ତାର ନାଆଁ ଦଇମତି । ପାଠ୍ ପଢ଼ିବାକେ ଇଛା ନା ରେଲା । ମାତର ତାର ବୁଆ, ଆୟା ତାର୍ କାଜେ ବୋଲି ଅଧିକ କରଜ୍ କରତେ ରେଲାୟା । ଗୋଟ୍ ଦିନେ ଦଇମତି ତାର ଗୋଟେକ୍ ସାଙ୍ଗ କେ କୟଲା, ସାଙ୍ଗ । ମକେ ପାଠ୍ ପଢିବା କେ ଇଛାନା ଲାଗେ । ମୋର ବୁଆ, ଆୟାମକେ ଜବର୍ ଦୋସ୍ତି କର୍‌ଲାୟନି । ଗୋଟ୍‌ଦିନ ଆଲେ ଚନେକ୍ ଦେବ୍‌ତା ଦେଖାଦେଲା ଚନେକ୍ ପଚାର୍‌ତି । ମକେକାୟ୍ କାଜେ ପଢ଼ିବାକେ ବିଜାର କର୍‌ଲାନି । ଏମ୍‌ନା ଦଇମତିର ସାଙ୍ଗକୟଲା ଦେବ୍‌ତାକେ ଦେଖିବାର ତୋର ଏତେକ୍ ଇଛା ଆସେ ହାଲେ ମୋର ସଙ୍ଗେ ଆହ ବୋଲି କୟଲା ଆରି ରୂପେଇକେ ଦେଖାୟ୍‌ଲା । ପଛେ ତାକେ କୟଲାସ ଏବଲ୍ ପାଠ୍ ପଢ଼ଲାନି ବୋଲି ସବୁ ଲୋକ ଦେବ୍‌ତା ପାରମାନ୍‌ବା ଆଚତ୍ । ଦଇମତି ଅଧିକ ଚିନ୍ତା କର୍‌ଲା । ସେ ଦିନନୁ ପାଠ୍ ପଢ୍‌ବାକେ ସୁଲାଇଲା କେତେ ବରଷ । ତାକେ ଦରକାର ହେଲା ଫୋନ୍ ଆରି କମ୍ପ୍ୟୁଟର । ତାକେ ତାରବୁଆ, ଆୟା ଦେବାକେ ନା ପାର୍‌ଲାୟ ତେବେ ଦଇମତି ରିଷା ହେଲା ଆରି ତାର ଆୟାକେ ଟେଗ୍‌ଲା ।

**ପଦ୍ମା ପୂଜାରୀ**
ଦଶମ ଶ୍ରେଣୀ,
କର୍‌ଚମଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନବରଙ୍ଗପୁର



Kanesri Gond, Govt. High School

# ମେଡୁ ମାନ୍ଦେ ଜାତୀୟ ଗଟା

ର ରାଇଜତାନି ରାଜା ଏଙ୍ଗା ରାଜାଲି ମାସ୍ । ଏନ୍ଦେ ରଣ୍ଡି ଗାମେ ସାଞ୍ଜାନାରୀ ବୁଢି ମାସେ । ଏନ୍ଦେ ବୁଢି ଗାଜି ଆଡି ଡେଙ୍ଗୀନେ ଏ ରାଜାଲି ସାତେ । ଗାମେ ଗାଗାଡ଼ାଇ ରାଜେଞ୍ଜୁ ଏ ଆବୁଡିନି ଲକ୍‌ତେଞ୍ଜୁ ଏଙ୍ଗା ବୁଜିନି ଗାନ୍ଦା ସିତେଞ୍ଜୁ ଚମ୍ପା । ଦିନା ବାତେ ଚମ୍ପା ଦେରାଡି ଆତେ ଚମ୍ପାନି ଡ଼ାସ୍‌ପା ସେଲୁ ରାଜେଞ୍ଜୁ ଗାମେ ମାଣ୍ଡିତେଞ୍ଜୁ । ଡ଼ାଞ୍ଜିତ୍ ଦିନ ଚମ୍ପା ନିଇଁ ରାଜେଞ୍ଜୁ ରଣ୍ଡି ରୁମାଲ୍ ସିତେଞ୍ଜୁ । ଏଆ ରୁମାଲ ରାଜେନିଇଁ ରଆଞ୍ଜୁ ପେନୁ ସିଆସେଞ୍ଜୁ । ଏ ଡ଼େଲତାନି ରାଜେଞ୍ଜିଇଁ ପେନୁପ୍ରାର୍ଥନା ଗିବା ସେଲୁ ଗ୍ରାପ୍‌ସା ସେଞ୍ଜୁ । ରାଜେଞ୍ଜୁ ଚମ୍ପାନିଇଁ ରୁମାଲ ସିଆନାଙ୍ଗା ଏମ୍ବାତାଆଁ ପ୍ରାର୍ଥନା ଗିବା ସେଲୁ ଗ୍ରାପ୍‌ତେଞ୍ଜୁ । ଏଙ୍ଗା ଗାମେ ଦିନା ସାସିପରେ ଚମ୍ପା ଡ୍ରାଇଁ ଜାମା ରିତକି ସାସେ । ଏଙ୍ଗା ତାଞ୍ଜି ସିମାସା ରୁମାଲନିଇ ଚମ୍ପା ଏମ୍ବାରିତେ ତସ୍ପିସୀଡ଼ାତେ । ରନିସି ଚମ୍ପା ରୁମାଲ୍ କାରାତାନି ବାସାଗିତେ ଏଙ୍ଗା ଏତେ ସିରୁମିବା ସେଲୁ ଜଡ଼ି ତାନି ସାସେ । ସାସାବାନି ଡ୍ରାଇଜାମାଇ ବେସ୍ତେ ମେ ସିକୁ ବାତେକା ନାଙ୍ଗେ ବେଙ୍ଗାରାଦି ଏଙ୍ଗା ଏଦେ ଶେସା ସିଡ଼ାତେ ମେ ରୁମାଲ୍ ଡିଗାରିଞ୍ଜାନାଆଁ ଏ ସେରବେଲ୍ ଆଜାଞ୍ଜାଗାଦେ ମୁଣ୍ଡେଙ୍ଗୀ ଆନ୍ଧାରୀ ତସ୍ତୋଏଙ୍ଗା ଏ ଡ଼େଲି ତାନି ସିକୁ ଦିଆତେ । ଚମ୍ପାନ୍ ଜାମା ଏଲୁ ଗିଏଟିଙ୍ଗେଏ ରୁମାଲ୍ ନିଇ କଡ଼ିତେଞ୍ଜୁ । ଏଙ୍ଗା ରୁମାଲ୍ ଡିଗିନ୍ ଡ଼େରେଙ୍ଗ୍‌ନେଏ ଏଆଞ୍ଜୁ ମେଡୁ ମ୍ଲିତେଞ୍ଜୁ । ଏଡ଼େଲିତାନି ମୁଁ ଡ଼େଙ୍ଗୀ ଆନ୍ଧାରୀ ମେହାନାଙ୍ଗା ଚମ୍ପା ଜଡ଼ିଡ଼ାଇ ଡ଼େହାରାତେ । ଏରେ ପ୍ରାର୍ଥନା ଗିତାସେଲୁ ଏଲୁ ଗିଆଟିଙ୍ଗେଏ ଡ୍ରାଇଜାମାଇ ରୁମାଲି ମିଞ୍ଜିତେ । ଗାଡ଼େ ଗାଡ଼େ କା ଏଦେ ଦେଏମେଡୁ ମ୍ଲିତେ । ଏମ୍ବାଡ଼ାଇ ଏବେ ଇଜରାହି ଆଦା ମାଣ୍ଡାତଅ; ଏମ୍ବାଡ଼ାଇ ମେଡୁ ମାନ୍ଦେ ଜାତୀୟ ପଟା ଆତେ ।

# ମୟୂର ଆମର ଜାତୀୟ ପକ୍ଷୀ

ଓଡ଼ିଆ ରୂପାନ୍ତର :

ଗୋଟିଏ ରାଜ୍ୟରେ ଜଣେ ରାଜା ଆଉ ରାଣୀ ଥିଲେ । ତାଙ୍କର ଜଣେ ସୁନ୍ଦର ଝିଅ ଥିଲା । ସେ ଝିଅ ଜନ୍ମ ହେଉ ହେଉ ରାଣୀ ମରିଗଲା । ବହୁତ କଷ୍ଟରେ ରାଜା ସେ ଝିଅକୁ ପାଳିଲେ । ଆଉ ସେ ଝିଅର ନାଆ ହେଲା ଚମ୍ପା । ଦିନ ଆସିଲା, ଚମ୍ପା ବହୁତ ବଡ଼ ହେଲା । ସେ ସମୟରେ ଚମ୍ପାର ବାହାଘର ନିମନ୍ତେ ରାଜା ବହୁତ ଇଚ୍ଛା କଲେ । ଏବଂ ଚମ୍ପାକୁ ଗୋଟିଏ ରାଜକୁମାରଙ୍କ ସହିତ ବାହାଘର କରିଦେଲେ । ବାହାଘର ଦିନ ରାଜା ଚମ୍ପାକୁ ଗୋଟିଏ ରୁମାଲ ଦେଲେ । ସେ ରୁମାଲଟିକୁ ରାଜାଙ୍କୁ ଭଗବାନ ଦେଇଥିଲେ । ସେ ସମୟରେ ରାଜାଙ୍କୁ ପ୍ରାର୍ଥନା କରିବା ନିମନ୍ତେ ଶିଖେଇ ଥିଲେ । ରାଜା ମଧ ଚମ୍ପାକୁ ପ୍ରାର୍ଥନା କରିବା ନିମନ୍ତେ ଶିଖେଇଲେ । ବହୁତ ଦିନ ବିତିଗଲା ପରେ ଚମ୍ପା ଶାଶୁ ଘରକୁ ଚ୍ଲିଗଲା । କିନ୍ତୁ ତା ବାପା ଦେଇଥିବା ରୁମାଲଟିକୁ ଚମ୍ପା କାହାକୁ ମଧ ଦେଖେଇନଥିଲା । ଦିନେ ଚମ୍ପା ରୁମାଲ୍‌ଟିକୁ ଖରାରେ ଶୁଖାଇଲା

ତା'ପରେ ସେ ନଦୀରେ ପାଣି ଗାଧେଇବାକୁ ଯାଇଥିଲା । ସେ ଗଲାବେଳକୁ ତା ସ୍ୱାମୀକୁ କହିଥିଲା ଯେ ବର୍ଷା ପଡ଼ିଲେ ମତେ ଡ଼ାକିବୁ କିନ୍ତୁ ସେ କହିନଥିଲା ଯେ ରୁମାଲଟିକୁ ଛୁଇଁବାକୁ ସେ ସମୟରେ ବହୁତ ବଡ଼ ଅନ୍ଧାର ମେଘ ମାଡ଼ି ଆସିଲା । ଆଉ ସେ ସମୟରେ ବର୍ଷା ପଡ଼ିଲା ସେ ସମୟରେ ଚମ୍ପାର ସ୍ୱାମୀ ମନେ ନ ପକାଇ ରୁମାଲ୍‌ଟିକୁ କାଢ଼ିଦେଲା ଏବଂ ସେ ରୁମାଲ୍ କାଢୁ କାଢୁ ମୟୂର ପାଲଟିଗଲା । ସେ ସମୟରେ ଅନ୍ଧାର ମେଘ ଦେଖି ଚମ୍ପା ନଦୀରୁ ଧାଇଁ ଆସିଲା । ସେ ପ୍ରାର୍ଥନା କରିବାକୁ ଭୁଲିଗଲା । ଏବଂ ତାଙ୍କ ସ୍ୱାମୀଙ୍କ ହାତରୁ ରୁମାଲ ଛଡ଼େଇଲା ଏବଂ ଶୀଘ୍ର ଶୀଘ୍ର ସେ ମଧ୍ୟ ମୟୂର ପାଲଟିଗଲା । ତା'ପରେ ସେମାନେ ଘରେ ରହିବାକୁ ପସନ୍ଦ କଲେନାହିଁ । ସେମାନେ ନାଚି ନାଚି ଯାଇ ଜଙ୍ଗଲରେ ରହିଲେ ଏବଂ ମୟୂର ଲୋକମାନଙ୍କର ଅତିପ୍ରିୟ ହୋଇଗଲା । ସେଠାରୁ ମୟୂର ଭାରତର ଜାତୀୟ ପକ୍ଷୀ ଭାବେ ପରିଣତ ହେଲା ।

**ଲଳିତା କହଁର**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୁଡୁତୁଲି,କନ୍ଧମାଳ



Jhulima Pradhan, Govt. High School, Kudutuli, Kandhamal

# ଶେଣା କାଜି ନାମା ସିର୍ମାରେୟା

ତିଳରେ ସାବ୍‌କାତେ ବାଳା
ସାନିଂ ଦିଶୁ ମେତେଞ୍ଜ ଦିଲିୟାମ ତେ ନେଜ୍ଜୁଳି
ନାମା ସିର୍ମାରେୟାଃ ସାଗୁନ ସୁପାଳି
ତେଲାତାଃ ମେ ଜିଳି ରେକା ଉଲୁଃ କାତେ ଜୁଳି
ସାବତା ମେ ଜିଳିରେ କାଉଲୁଃ କାତେ ଦୁସୀ
କିରିୟେ ମେନାଃ ଆଞ୍ଜାଃ ନେନ
ନାମା ସିର୍ମା ରେୟାଃ ସାଗୁନ ସାରୀ
ଗାଦେଡ ସୁଗାଳ ନେଲଃ ତାସାଡ୍ ତେମା
ସାଗୁନ ଦିନ୍ ଲାଗେଡ୍ ତାଇନ
ନେନ ନାମା ସିର୍ମେ
ନାମା ସିର୍ମେ ଦୁକୁଃ ଏକାନା
ଆଶୁଲେଡତେ ନାମାଉଲୁଃ
ପେରେଃ ତାହା ମେ ଆମାଃ ମନରେ
ନାମା ନାମାଉଲୁଃ
ନାମା ନାମା ସିର୍ମେରେୟାଃ ସାଗୁନସେତାଃ ସିଙ୍ଗିରେ
ନାମାନାମା କାମି

ଆଞ୍ଜାଃ ବାଳା ତେଃ ହବାନ ବାଗାନ୍
ଆମ ସେନତାଃ ହରାରେ ଆର
ସ୍କୁଲରେ ତାଇନ୍ ମେ ସାବିନ୍ ଦିନ୍
କୁଳିକାତେ ଚୁଇଲେଅ
ଆଲମ୍ ଆଡେନ୍ ଆମ୍
ଜାହାରେମ୍ ନାମ କିଇଞ୍ଚରେ
ଜକା ଲାନ୍ଦାଞ୍ଚମେ
ପୁକୁରୀରେ ଇମିନ ହାଇକ
ଇମିନ୍ କୁଚେଡ୍ଡୁଂଡୁଂରେ
କୁଳି ଚିଲିକେ ମେନାଃମ ମେ
ବାଳା ପୁଟେଓ୍ୱାକାନା ବାଳା ଜାଗାନରେ
ମୁସିଂରେୟ କୁଳିଉଲୁଃ ତାଞ୍ଚମେ ।

**ରେଣୁବାଳା ଜେରାଇ**
ଦଶମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର



Banita Mallik, Govt. Girl's High School, Kudutuli

# ସିଂଅତ୍ ଦିସମ୍

ସାଙ୍ଗିଞ୍ଜ  ଦିସମ ଭାରତ୍‌ରେ
ବଲୟେନେ ବ୍ରିଟିଶ୍ ସରକାର
ବିର ଭାରତ ଦିସମ୍‌ଦ ଆରାଃ
ଇଂରେଜ୍ କବଚରେ
ଭାରତ ଦିସମ ପରାଧିନ୍‌ଲେନ୍
ଆଲାଂହଲାଂ ପରାଧିନ୍‌ଲେନ୍
ଦୁଲାଲ୍ ଗାତେରେ ।।ଦହ୍ଲା।।
ଅସହଯୋଗ ଆନ୍ଦଲେନ୍‌ତେ
ବ୍ରିଟିଶ୍ ଶାସନ୍ ଚାବାୟେନ୍
ଇଂରେଜ୍ କକ୍‌ରୁଆ ଲଲେନ୍
ଆକ ଦିସମ ଲଣ୍ଡନ୍‌ତେ
ଭାରତ୍ ଦିସମ୍ ପୁରଗାଲ୍‌ଲେନ୍
ଆଲାଂଭଲାଂ ପୁରଗାଲଲେନ୍ ଦୁଲାଳ ଗାତେରେ
।।ଦହଲା।।
ନିତ୍‌ହଁ ଭୟ୍‌ହାର୍ ହିଜୁଗ୍‌ଆ
ଲାଟ୍ ସାହେବ୍ ହୁକୁମ୍ ଦ
ହଲ୍‌ମ ସାନାମ୍ ରୁମୁଞ୍ଜଃ ଗଦଃ
ଦେଓ୍ୱାନ୍ ଜା.ରୀ ବା.ନ୍ଧୁକ୍ ଦ
ଚାମ୍‌ଚା ଗିରି  ଆବହଲ୍‌କ କାଥା ବେପାରି ଆ
ଦଲାଲ୍ ଦୁଲାଲ୍ ଗାତେରେ
ବାନୁଗ୍  ଆନା ଉୟ୍‌ବତର୍ ଖିଲ୍‌ଣ୍ଡୁ  ଓ୍ୱାଲାଂ
ଖୁଲୁମ୍ ଖୁଲା  ଦୁଲାଲ୍ ଗାତେରେ ।।ଦହ୍ଲା।।

**କୁମାରୀ ମଇନା ମାଝୀ**
ଅଷ୍ଟମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନରଣପୁର, କେନ୍ଦୁଝର



Basanti Murmu, Govt. High School, G.G.H.S. Rebana Palash Pal

# ମୁଇଙ୍ଟ ରାଜା କନଣ୍ଡାଓ ଆଉ ମୁଇଙ୍ଟତା ରାଜା କଂଚେଲାଣ୍ଡା ସାଙ୍ଗେରେ ବାହାଘର

**ଜୁଆଙ୍ଗ**

ଏକୁଇସି ରାଜମିଙ୍ଆଁ ମୁଇଙ୍ଟ ରାଇଜତେ ମୁଇଙ୍ଟ୍ ରାଜା ଆସିଆନା। ଆରା ମୁଇଙ୍ଟ କଂଚୋଲାଣ୍ଡ ଆସିଆନା। କଂଚେ ଲାଣ୍ଡ କଙ୍କରାତେ ମୁଇଙ୍ଟ ଆସ ସୁସେରା ନା। ଏରେଅସରେତେ କଙ୍କରତା ଏପଟାଅଜ ଆର ଅଚେତ୍ ଇରେ ଏବଂ ମଏକ୍କତା କଙ୍କରାତେ ସୁଆନ୍ଜ ଆର ମଏକ୍କତା ବଂଚେକେ। ଆରା ମୁଇଙ୍ଟ ଜଳାର ଆସିଆନା। ଆର୍କିଆ ଯୁଆଡ଼େ ଅନ୍ ଡେକିଆ ବାନଲଙ୍ଗ୍ ଅନ ଡେକିଆ। ନିପୁଣିଙ୍ଡକି ତଣ ଉଇକିଆଜ ମଧ ବାନଲଙ୍ଗ ଜଳା ଇଆନା କି ଆଜ ଉର୍ କେକିଆ। ଦିନ୍ମିଙ୍ ମୁଇଙ୍ଟତା ରାଇଜଆ ରାଜା କନଣ୍ଡା ସାଙ୍ଗେରେ ନିରାଜାରା କଂଚେଲାଣ୍ଡା ବାହାଘର ଠିକ୍ ଇଆନା। ରାଜା କଂଚେଲାଣ୍ଡା ବାହାଘର ଆଉ ଝିଅ ଏବଂ ରାଜା କା ଇଙ୍ଆଁର କି ଲୋକ କି ସାଦାୟକି। ଏନ୍ଧାରଆ ବରଡେନ ଓ ବାହାଘର ଜେଳାଅ। ତା'ର ଦିନ ରାଜା କଂଚେଲାଣ୍ଡତେ ବର ଆରକା ଇଙ୍ଆଁର କିବ ଗଗଗ୍ଡା ଦିରେ ଆରିଆନା। ଏରେ ବୁଲୁଙ୍ଆଁ ରାଜା କଂଚେଲାଣ୍ଡା ଜଳାର ରାଜା କଂଚେଲାଣ୍ଡତେ ଗାମ ଆମାତ ବାହାଘର ଜେଳାଅ। ଆମ୍ ଆମ୍ମା ମା'ମିମ, କୁଇଙ୍କାନମ, ସାଉମ୍ ଓ ଆମ୍ ମୁଇଙ୍ଟ ପରିବାରତେ ଏରଏନା ଏବଂ ଆମ୍ ଆଏଙ୍ତେ ସବୁବେଳେ ଜଜଏ ଆମାମିରିମ୍ଢେ଼ନା କି ଆଏଙ୍ ଆମ୍ତେ ସବୁବେଳେ ଜଜଏ ଆମା ରିମ୍ ଡେନା। ତେଣୁ ଆମ୍ ଆମ୍ମା ମୁଇଙ୍ଟ ଜିନିଷମ୍ ଢ଼େ ଆଏଙ୍ ତେ ଆନେ ଆଏଙ୍ ଏରେ ଜିନିଷ ରେତେ ଜଏ ବୋଲି ରାଜା କଂଚେଲାଣ୍ଡା ଜଳାରଗାମ୍। ତା'ପରେ ରାଜା କଂଚେଲାଣ୍ଡ ଗାମ ଆମ୍ ଆଏଙ୍ଆଁ ମାଣ୍ଡି ଜିନଷରେ ମଗଅଙ୍ ଆଁ ଗାଢ଼ାଏ । ରାଜା କ□ଲାଣ୍ଡା ଜଳାର ଗାମ ଆମ୍ ଆମ୍ମା କଙ୍କମା ଯଉ ଜିନିଷରେ ସୁସୁସେରେ ଏରେ ଜିନିଷରେ ଆଏଙଂ ତେ ଆନେ ବୋଲି ଗାମ ରାଜା କଂଚେଲାଣ୍ଡ କଙ୍କରାତେ ଏରେ ଅସରେ ସୁସେରାନା। ତା'ପରେ କଂଚେଲାଣ୍ଡ ଏରେ ଅସରେ କଙ୍କରତା ଏପଟା କଂଚେଲାଣ୍ଡ କଙ୍କରାତେ ଏରେ ଅସରେ ସୁସେରାନା। ତା'ପରେ କଂଚେଲାଣ୍ଡ ଏରେ ଅସରେ କଙ୍କରତା ଏପଟା ଅଜ ଜଳାରତେ ଡିଙ୍ଅ ଓ ଆର ଅଚେତ ଇଆନା। ସମନ୍ଦାଏ ରାଜା କଂଚେଲାଣ୍ଡ ଗଜଗାମକିଜ ବଣକ ଗଗକିଜ ଛିଅ ଗକି। ଯେତେ ବୁଲୁଙ୍ତେ ଜଳାର ଏରେ ଅସରେତେ କଙ୍କରାତେ ସୁରେ ଏରେ କୁଲୁଙ୍ତେ ରାଜା କଂଚେଲାଣ୍ଡ ବଂଚେକେ ଏବଂ ଯେତେ ବୁଲୁଙ୍ତେ ଜଳାର ଏରେ ଅସରେତେ କଙ୍କରତା ଏପ୍ଟାଏକେ ଏରେ ବୁଲୁଙ୍ତେ ରାଜା କଂଚେଲାଣ୍ଡ ଅଚେତ୍ ଇରେ। ଦିନମିଙ୍ ଜଳାର ଏରେ ଅସରେ କଙ୍କରାତେ ସୁଆନା ଏରେ ବୁଲୁଙ୍ଆ ରାଜା କଂଚେଲାଣ୍ଡ ବଂଚେଅ। ତା'ପରେ ଅବଡ ମମାନା ବାଲିବ ଇଙ୍ଆଁ, ରୁଙ୍ଙୁବ ଏବଂ ଅଲାଗବ୍ ମେଣ୍ଢା, ଅଳେଜ୍, ମେରମ ବନାୟାନା। ଯେତେ ବୁଲୁଙ୍ଆ ଜଳାର ଏରେ ଅସରେତେ କଙ୍କରତା

ଏପଟାଅ ଏରେ ବୁଲୁଙ୍ଆ ରାଜା କଂଚେଲାଣ୍ଡ ଅଚେତ୍ ଇଆନା । ମଏକ୍କତା ଯେତେ ବୁଲୁଙ୍ଆ ଜଳାର ଅସରେ କଙ୍କରାତେ ସୁଆନା ଏରେ ବୁଲୁଙ୍ଆ ରାଜା କଂଚେଲାଣ୍ଡ ମଏକ୍କତା ବଂଚେଅ ବିରିଜୟକୁ ଜାଲିବ ବନାଏ ସେର ଏରେଇଙ୍ଆଁ ଓ ରୁଙ୍କୁବ୍‌ଡ଼େ ସିତୁକୁରିଙ୍ ଇଙ୍ଆଁ ଓ ରୁଙ୍କୁବ୍ ଏବଂ ଅଲାବାବ ବନାଏ ସେର ଏରେ ମେଣ୍ଢା, ଅଳେଜ, ମେରମ୍ ଡେକି ସିତୁ କୁରିଙ୍ ମେଣ୍ଢା, ଅଳେଜ, ମେରମ୍ ଇସେରେକି, ଆସ୍ତେ ଆସ୍ତେ ଆର ବହୁତ ଧନୀ ଇଆନା । ଦିନ ମିଙ୍ ବରରାକା ରାଇଜରାକା ଲୋକକି ବଣବପାରିଦି ଅଂଚେରକି । ବଣତେ ପାରିଦି କିକିପଡା, ଦିରେ ବୁଲିଅକି । ବୁଲିବୁଲି ଆରକି ଡାଗ୍ ଏଜେଲାଙ୍ ଆନାକି । ଡାଗ୍ ଡଗରାଏ ଡଗରାଏ ଆରକି ରାଜା କଂଚେଲାଣ୍ଡ ଯଉ କେନାଲ ରାତେ ତଣସର୍‌ଡ଼େ ଏରେ କେନାଲ୍‌ରେ ଜୟକି ଓ ଏରେ କେନାଲରେ ୟୁଆଡ଼େ ଅଂଚେରେ ଏରେବ ଅନକି ଏବଂ ରାଜା କଂଚେଲାଣ୍ଡା ଇଙ୍ଆଁରବ ଆଉ ଛିଆନାକି । ଏରେ ବୁଲୁଙ୍ଆ ରାଜା କଂଚେଲାଣ୍ଡା ଜଳାର ଏରେ ଅସରେ କଙ୍କରାତେ ସୁସେରାନା । ତା'ପରେ ରାଜା କଂଚେଲାଣ୍ଡତେ ଲୋକରେ କି ଡାଗ୍ ଗାରାନାକି ଏବଂ ଡାଗ୍ ଉରକି । ତା'ପରେ ଆରକି ଇଙ୍ଆଁବଡୁଙ୍ ଅକ ଏବଂ ଆରାକା ରାଇଜରାକା ରାଜା କନଣ୍ଡତେ ଗାମକିନିଙ୍ ବଣଆ ମୁଇଙ୍ଟ ବଡେୟାଁରେ କୁଆଡ଼୍‌ଡାଏତେ ନେଜୟେସେକ ଏରେ କୁଆଡ଼୍‌ଡାଏରେଁତେ ମୁନ୍‌ନଜ ବଡେଆଁ ସାମାଜେ ବୋଲି ଗାମକି । ତା'ପରେ ରାଜା କନଣ୍ଡ ତେରା ଆଏଙ୍ତେ ଏରେ କୁଆଡ଼୍‌ଡା ଏରେତେ ଏ ଆବ୍‌ଜଏ ବୋଲି ଗାମ । ତା'ଆର ଦିନ ଅନକି ଜୟ କିଜୁ ରାଜା କଂଚେଲାଣ୍ଡ ଅରେଡ଼ ଇସେରେ ଏରେ ବୁଲୁଙ୍ଆ ରାଜା କଂଚେଲାଣ୍ଡା । ଜଳାର ଅସରେ କଙ୍କରାତେ ଆସୁସେରାନା ଏବଂ ରାଜା କନଣ୍ଡେ ଜୟକୁ ଯଉ ରାଜା କଂଚେଲାଣ୍ଡତେ ଆର କାନିଆ ଢଂଚେତାନା ଏରେ କୁଆଡ଼୍‌ଡାଏରେ ଆର । ତା'ପରେ ରାଜା କନଣ୍ଡେ ଏରେ ବୁଲୁଙ୍ ତାସୁନ୍ ସବୁଦିନ ଅଲଗା ଅଲଗା ବେଳତେଡେନ ଦିନ୍‌ମିଙ୍ ରାଜା କଂଚେଲାଣ୍ଡା ଜଳାଇ ଯେତେ କୁଲୁଙ୍ଆ ଅସରେ କଙ୍କରାତେ ସୁସେରାନା ଏରେ ବୁଲୁଙ୍ଆ ରାଜା କଂଚେଲାଣ୍ଡ କଂଚେସେର ଏବଂ ଏରେ ବୁଲୁଙ୍ଆର ରାଜା କନଣ୍ଡ କରାଉଛିଆନା । ତା'ପରେ ରାଜା କନଣ୍ଡ ରାଜା କଂଚେଲାଣ୍ଡତେ ଜିଙ୍ଆଁ ଓ ରାଜା କଂଚେଲାଣ୍ଡ ଗାମ ଆଏଙ୍ ମୁଇଙ୍ଟ ଅସକଙ୍କଏଙ୍ତେ ସୁସେରାନା । ଯଦି ଆଏଙ୍ ଏରେ ଅସରେ କଙ୍କଏଙ୍ତା ଏପ୍‌ଟାଏ ହେଲେ ଆଏଙ୍ ଅଚେତ ଇନା ଏବଂ ଅସରେ କଙ୍କାଏଙ୍ତେ ସୁଆନାଜ ବଂଚେ । ଏରେ ଅସରେ ଆଏଙ୍ଆ ମଇଙ୍ଟ ଜଳାଏଙ୍ ଗଗ୍‌ସେରେ ବୋଲି ଗାମ । ତା'ପରେ ରାଜାକନଣ୍ଡ ଏରେ ଅସରେତେ ଅରେନ୍‌ଣ୍ଡା ଦିରେ ଅନ ଏବଂ ଅସରେ ମଧ ଅରେନ । ତା'ପରେ ରାଜା କଂଚେଲାଣ୍ଡତେ ଏରେ ଅସରେ ରାଜା କଂଚେଲାଣ୍ଡା କଙ୍କରାତେ ତର ଏବଂ ରାଜା କଂଚେଲାଣ୍ଡ ବଂଚେଅ । ରାଜା କଂଚେଲାଣ୍ଡେ ରାଜା କନଣ୍ଡତେ ଡିଅର୍ ଜୟ ବିରି ଚିହ୍ନା ଚିହ୍ନି ଇଆନା କିଆ । ତା'ପରେ ବାନଲଙ୍ ବାହା ଇଆନା କିଆଜ ରାଜା କନଣ୍ଡା କାଇଙ୍ଆର କିବି ତୁଙ୍ଅ କିଆ ।

**ଶ୍ରୀ ସୁବ୍ରତ କୁମାର ଜୁଆଙ୍ଗ**
ନବମ ଶ୍ରେଣୀ,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନରଶପୁର, କେନ୍ଦୁଝର